

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

ଯା ଦେବୀ ସର୍ବଭୂତେଷୁ...

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ❑ ଶୁକ୍ରବାର ୧୦ ଜୁଲାଇ ୨୦୨୬ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ FRIDAY 10 July 2026

Vol.No. 36 ■ No.180 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ADMISSION GOING ON- 2026

SAI SADHANA SCIENCE COLLEGE

+2 Sc. & +2 Arts

SAI SADHANA COLLEGE OF BASIC SCIENCE (+3)

(HONS- PHYSICS, CHEMISTERY, MATHEMATICS, BOTANY, COMPUTER SCIENCE, ZOOLOGH, GEOLOGY, MICROBIOLOGY)

Dibyasingpur, UDALA

100% first class result-2026

Contact No: 9437294587, 9437443950, 9937557158


# ଯୁଦ୍ଧବିରତିକୁ ଅମାନ୍ୟ କରି ପୁଣି ଇରାନ-ଆମେରିକା ମୁହାଁମୁହିଁ: ହର୍ମୁଜ ଅଚଳ ପରେ ସଂକଟରେ ସାରା ବିଶ୍ୱ



ନୂଆଦିଲ୍ଲୀ,୯/୭ : ପୁଣିଥରେ ଅଶାନ୍ତ ମଧ୍ୟପ୍ରାଚ୍ୟ! ଯୁଦ୍ଧବିରତି ନିୟମକୁ ଫୁ କରି ମୁହାଁମୁହିଁ ହୋଇଛନ୍ତି ଆମେରିକା ଏବଂ ଇରାନ। ପରସ୍ପରର ଠିକଣାକୁ ଟାର୍ଗେଟ୍ କରି ଚାଲିଛି ପ୍ରଳୟଙ୍କରୀ ଆକ୍ରମଣ ଓ ପ୍ରତିଆକ୍ରମଣ, ଯାହା ଏବେ ସମଗ୍ର ବିଶ୍ୱକୁ ପୁଣି ଏକ ବଡ଼ ସଙ୍କଟ ଆଡ଼କୁ ଠେଲି ଦେଇଛି। ଯୁଦ୍ଧବିରତି ନିୟମ ଭାଙ୍ଗି ଆମେରିକା ଏବଂ ଇରାନ ମଧ୍ୟରେ ଉତ୍ତେଜନା ବୃଦ୍ଧି ଏବେ ପୁଣିଥରେ ସମଗ୍ର ବିଶ୍ୱକୁ ଚିନ୍ତାରେ ପକାଇ ଦେଇଛି। ଆମେରିକା ଇରାନର ୮ଟି ପ୍ରମୁଖ ସାମରିକ ଲକ୍ଷ୍ୟସ୍ଥଳ ଉପରେ ବଡ଼ ଆକ୍ରମଣ କରିଛି। ୧୪ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୭୮ ଜଣ ଆହତ ହୋଇଛନ୍ତି। ଏହାର ଜବାବରେ ଇରାନ ମଧ୍ୟ ଚୁପ୍ ବସିନାହିଁ। ବାହାରିନ ଏବଂ କୁଏତ ଉପରେ ଭୟଙ୍କର ପ୍ରତିଶୋଧମୂଳକ ଆକ୍ରମଣ କରି ଇରାନ ଶକ୍ତି ପ୍ରଦର୍ଶନ ଆଇଆରଜିସି। ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ, ଇରାନର ସହ ଯୁଦ୍ଧ ଶାନ୍ତି ଚୁକ୍ତି ସ୍ୱାକ୍ଷରକୁ ବାତିଲ କରିଛନ୍ତି। ଇରାନ ଲୋକଙ୍କୁ ପାଗଳ କହିବା ସହ ଆଜି ରାତିରେ ପୁନର୍ବାର ଇରାନ୍ ଉପରେ ପ୍ରଚଣ୍ଡ ଆକ୍ରମଣ ହୋଇପାରେ ବୋଲି ଚେତାବନୀ ଦେଇଛନ୍ତି। ସେପଟେ ଆମେରିକା ଏବଂ ଇରାନ ମଧ୍ୟରେ ବଢୁଥିବା ସାମରିକ ତିକ୍ତତା ଯୋଗୁଁ ଏବେ ସାରା ବିଶ୍ୱର ଶକ୍ତି ଯୋଗାଣ ବ୍ୟବସ୍ଥା ପୁଣିଥରେ ଗୁରୁତର ଭାବେ ପ୍ରଭାବିତ ହେବାକୁ ଯାଉଛି। 'ହର୍ମୁଜ ପ୍ରଣାଳୀ'ରେ ଜାହାଜ ଚଳାଚଳ ପ୍ରାୟତଃ ବନ୍ଦ ହୋଇଯାଇଛି। ବର୍ତ୍ତମାନ ଅଧିକାଂଶ ଜାହାଜ କେବଳ ଇରାନ ଦ୍ୱାରା ଅନୁମୋଦିତ ଉତ୍ତର ସାମୁଦ୍ରିକ ମାର୍ଗ ବ୍ୟବହାର କରୁଛନ୍ତି। ଅନ୍ୟପଟେ ଓମାନ ଏବଂ ଆମେରିକା ସମର୍ଥିତ ଦକ୍ଷିଣ କରିଡରରେ ଜାହାଜ ଚଳାଚଳ ସମ୍ପୂର୍ଣ୍ଣ ମାନ୍ଦା ପଡ଼ିଯାଇଛି। ଗତ କିଛି ଘଣ୍ଟା ମଧ୍ୟରେ କେବଳ ଗୋଟିଏ ଆମେରିକା ଅନୁମତିପ୍ରାପ୍ତ ସୁପରଟ୍ୟାଙ୍କର ଏବଂ ଗୋଟିଏ ଇରାନର କଣ୍ଟେନର ଜାହାଜ ଏହି ପ୍ରଣାଳୀ ପାର୍ ହୋଇଛି। ଇରାନ ଅଭିଯୋଗ କରିଛି ଯେ ଆମେରିକା ମଧ୍ୟବର୍ତ୍ତୀକାଳୀନ ଅସ୍ତ୍ରବିରତି ପ୍ରତିଶ୍ରୁତି ଏବଂ ମିଳିତ ଜାତିସଂଘର ନିୟମ ଉଲ୍ଲଂଘନ କରିଛି। ଆମେରିକା ଓ ଇରାନ ପୁଣିଥରେ ସୃଷ୍ଟି ହୋଇଥିବା ଉତ୍ତେଜନା ଯଦି ଶୀଘ୍ର ପ୍ରଶମିତ ନହୁଏ, ତେବେ ବିଶ୍ୱ ବଜାରରେ ଅଶୋଧିତ ତେଲ ଦର ପୁଣି ଆକାଶଛୁଆଁ ହେବା ସହ ଗ୍ୟାସ ଯୋଗାଣ ବାଧାପ୍ରାପ୍ତ ହେବ। ଯାହା ବିଶ୍ୱ ଅର୍ଥନୀତିକୁ ପୁଣିଥରେ ବିଗାଡ଼ିଦେବ।

# ହୀରାକୁଦରୁ ନିଷ୍କାସିତ ହେଲା ବନ୍ୟାଜଳ: ପ୍ରଥମ ବନ୍ୟାଜଳ ଛୁଇଁଲା ଶୁଖିଲା ମହାନଦୀ



ଭୁବନେଶ୍ୱର, ୦୯/୭ (ନି.ପ୍ର): ପ୍ରତୀକ୍ଷାର ଅନ୍ତ ଘଟିଛି। ହୀରାକୁଦରୁ ନିଷ୍କାସିତ ହୋଇଛି ବର୍ଷର ପ୍ରଥମ ବନ୍ୟାଜଳ। ୪ଟି ଗେଟ୍ ଦେଇ ୬୪ ହଜାର କ୍ୟୁସେକ ଜଳ ୪ଟି ଗେଟ ଦେଇ ନିଷ୍କାସିତ ହେଉଛି। ପାୱାର ହାଉସରୁ ୨୭ ହଜାର କ୍ୟୁସେକ ଓ କେନାଲ ଯୋଗେ ୫ ହଜାର କ୍ୟୁସେକ ଜଳ ନିଷ୍କାସିତ ହେଉଛି। ହୀରାକୁଦର ଜଳଭଣ୍ଡାର ୪୭ ଫୁଲ ହୋଯାଇଥିବାରୁ ଆଉ ୬ଟି ଗେଟ ଖୋଲାଯିବାର କାର୍ଯ୍ୟକ୍ରମ ରହିଛି।। ଆଗାମୀ ୩୬ରୁ ୪୮ ଘଣ୍ଟାରେ ମହାନଦୀ ଜଳ କଟକ ମୁଣ୍ଡଳୀରେ ପହଂଚିବ। ପ୍ରଥମ ବନ୍ୟା ଜଳ ନିଷ୍କାସନ ପାଇଁ ଖୋଲିଛି ହୀରାକୁଦ ଗେଟ୍। ପାରମ୍ପରିକ ରୀତିନୀତିରେ ପୂଜାପାଠ ପରେ ପ୍ରଥମେ ୭ ନମ୍ବର ସ୍ଲୁଇସ ଗେଟ୍ ଖୋଲାଯାଇଥିଲା। ଉଚ୍ଚଚାପରେ ସ୍ପିଲୱେ ଦେଇ ମହାନଦୀ ଅବବାହିକାକୁ ଛୁଇଁଥିଲା ବନ୍ୟାପାଣି। ଜଳ ଫୁଆରରେ କୁହୁଡ଼ିମୟ ହୋଇଥିଲା ବାମ ସ୍ପିଲୱେ। ଦୁଇଟି ପର୍ଯ୍ୟାୟରେ ଡ୍ୟାମର ୧୦ଟି ଗେଟ୍ ଖୋଲାଯାଇଛି। ଏବେ ୧୦ଟି ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ ହେଉଛି। ତେବେ ପ୍ରାୟ ୩୬ ଘଣ୍ଟାପରେ ଏହି ବନ୍ୟାଜଳ ମୁଣ୍ଡଳିରେ ପହଞ୍ଚିବ। ଏଣେ ହୀରାକୁଦ ଡ୍ୟାମର ଜଳସ୍ତର ୬୧୫ ଫୁଟ୍ ଉପରେ ରହିଥିବା ବେଳେ ଦେଢ଼ ଲକ୍ଷରୁ ଅଧିକ କ୍ୟୁସେକ ଜଳ ଡ୍ୟାମକୁ ପ୍ରବେଶ କରୁଛି। ଏପଟେ ୧୦ଟି ଗେଟ୍ ଖୋଲିବା ପରେ ଡ୍ୟାମ ଜଳଭଣ୍ଡାରରୁ ପ୍ରତି ସେକେଣ୍ଡ ପ୍ରାୟ ଦେଢ଼ ଲକ୍ଷ କ୍ୟୁସେକ ଜଳ ନିଷ୍କାସିତ ହେବ। ◆◆ପୃଷ୍ଠା ୭

# ଓଡ଼ିଶା ଗଭୀର ସମୁଦ୍ର ମାଛଧରା ମିଶନ୍‌ର ଶୁଭାରମ୍ଭ କଲେ ଉପରାଷ୍ଟ୍ରପତି ସିପି ରାଧାକ୍ରିଷ୍ଣନ୍



ଭୁବନେଶ୍ୱର, ୦୯/୭ (ନି.ପ୍ର): ଓଡ଼ିଶା ଗଭୀର ସମୁଦ୍ର ମାଛଧରା ମିଶନ୍‌ର ଶୁଭାରମ୍ଭ କରିଛନ୍ତି ଉପରାଷ୍ଟ୍ରପତି ସିପି ରାଧାକ୍ରିଷ୍ଣନ୍। ଏହି ଅବସରରେ ଓଡ଼ିଶା ମତ୍ସ୍ୟଜୀବୀଙ୍କୁ ପ୍ରାଧିକରଣ ପତ୍ର ବାଣ୍ଟିଛନ୍ତି ଉପରାଷ୍ଟ୍ରପତି। ଓୟୁଏଟିରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ରାଜ୍ୟପାଳ ହରିବାବୁ କମ୍ଭମପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ କେନ୍ଦ୍ର ମତ୍ସ୍ୟ, ପଶୁପାଳନ ଓ ଦୁଗ୍ଧ ଉତ୍ପାଦନ ମନ୍ତ୍ରୀ ରାଜୀବ ରଞ୍ଜନ ସିଂହ ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମର ଶୁଭାରମ୍ଭ କରି ଉପରାଷ୍ଟ୍ରପତି କହିଛନ୍ତି, ମତ୍ସ୍ୟ ଉତ୍ପାଦନରେ ପ୍ରମୁଖ ଭୂମିକା ଗ୍ରହଣ କରିଛି ଓଡ଼ିଶା । କାର୍ଯ୍ୟକ୍ରମକୁ ନେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ଓଡ଼ିଶାର ୫୭୫ କିଲୋମିଟର ସୁଦୀର୍ଘ ବେଳାଭୂମିର ମତ୍ସ୍ୟ ସମ୍ପଦର ସୁରକ୍ଷା ପାଇଁ ରହିଛି। ଆଗାମୀ ୧୦ ବର୍ଷ ଭିତରେ ୧୫୦ଟି ମାଛ ଧରା ଜାହାଜ ଓ ଡିଏସଏଫଭିର ନିୟୋଜନ ସହ ୫୦୦ଟି ମାଛ ଧରା ଜାହାଜର ଆଧୁନିକୀକରଣ କରାଯାଉଛି। ଏହି ମିଶନର ସଫଳ କାର୍ଯ୍ୟାନ୍ୱୟନ ଓଡ଼ିଶାକୁ ଏକ ପ୍ରମୁଖ ସାମୁଦ୍ରିକ ମତ୍ସ୍ୟ କେନ୍ଦ୍ର ଭାବେ ପ୍ରତିଷ୍ଠିତ କରିବ। ଏହାଦ୍ୱାରା 'ନୀଳ ଅର୍ଥନୀତି' କ୍ଷେତ୍ରରେ ଓଡ଼ିଶା ଏକ ଅଗ୍ରଣୀ ରାଜ୍ୟ ଭାବେ ଉଭା ହେବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ମାଝୀ କହିଛନ୍ତି। ସେପଟେ କେନ୍ଦ୍ରମନ୍ତ୍ରୀ କହିଛନ୍ତି, ଆନ୍ଧ୍ର ଠାରୁ ଆମ ସମୁଦ୍ର ଉପକୂଳ ଅଧିକ ଥିଲେ ବି ମତ୍ସ୍ୟ ଉତ୍ପାଦନରେ ଆମେ ଓଡ଼ିଶା ଠାରୁ ପଛରେ ଅଛୁ। ଯାହା ଆମ ପାଇଁ ଏକ ଆହ୍ୱାନ ହେବ।

# ନେତାଙ୍କ ଉପରେ ଏସଆଇଆର ଚଡ଼କ: କଟିଲା ଅଧିକ ମହିଳାଙ୍କ ଭୋଟ୍

ଭୁବନେଶ୍ୱର, ୦୯/୭ (ନି.ପ୍ର): ଆଉ ମାସ କେଇଟା ପରେ ପଂଚାୟତ ନିର୍ବାଚନର ବିଗୁଲ ବାଜିବ । ଏବେଠାରୁ ନେତା ଆରମ୍ଭ କରିଦେଲେଣି ଜୋରଦାର କସରତ । ହେଲେ ନେତାଙ୍କ ଉପରେ ଏସଆଇଆର ଚଡ଼କ ପଡ଼ିଛି । ମୁଣ୍ଡ ଗୋଳମାଳ ହୋଇଗଲାଣି, କେମିତି ନିର୍ବାଚନକୁ ସାମ୍ନା କରିବେ । କାରଣ ବର୍ଷ ବର୍ଷ ଧରି ତିଆରି କରିଥିବା ଭୋଟ ବ୍ୟାଙ୍କ ଭାଂଗି ଚୁରମାର ହୋଇଯାଇଛି । ଏସଆଇଆର ସର୍ଭେରୁ ରାଜ୍ୟରେ ୨୦ ଲକ୍ଷ ୧୨ ହଜାର ୫୫୭ ଭୋଟର ବାଦ ପଡ଼ିଛନ୍ତି । ଯାହାକୁ ନେଇ ଚିନ୍ତାରେ ନେତା, ମନ୍ତ୍ରୀ , ସାଂସଦ ଓ ବିଧାୟକ । ଏବେ ନଜର ପକାଇବା କେଉଁ ନିର୍ବାଚନ ମଣ୍ଡଳୀ କେତେ ଅଧିକ ଏସଆଇଆର ଦ୍ୱାରା ପ୍ରଭାବିତ ହୋଇଛନ୍ତି । ଏସଆଇଆର ସର୍ଭେରୁ ଆସିଛି ଆଉ ଏକ ରୋଚକ ତଥ୍ୟ । ପୁରୁଷଙ୍କ ତୁଳନାରେ ଅଧିକ ମହିଳା ଭୋଟଙ୍କୁ ବାଦ ଦିଆଯାଇଛି । ୨୦ ଲକ୍ଷ ୧୨ ହଜାର ଭୋଟରଙ୍କ ମଧ୍ୟରୁ ୧୧ ଲକ୍ଷ ୪୬ ହଜାର ୧୪୦ ଜଣ ମହିଳାଙ୍କ ନାଁ କଟିଥିବା ବେଳେ, ୮ ଲକ୍ଷ ୬୬ ହଜାର ୧୦୭ ଜଣ ପୁରୁଷ ଭୋଟରଙ୍କ ନାଁ ବାଦ୍ ପଡ଼ିଛି । କଟିଥିବା ଯୋଗ୍ୟ ଭୋଟରୁ ସାମିଲ କରିବାକୁ ସୁଯୋଗ ଦିଆଯାଇଛି ।

# ଓଡ଼ିଆ ଅସ୍ମିତାକୁ ଇସ୍କନର ଚ୍ୟାଲେଞ୍ଜ: ଗଜପତିଙ୍କ ଅନୁରୋଧକୁ ପ୍ରତ୍ୟାଖ୍ୟାନ



ଭୁବନେଶ୍ୱର, ୦୯/୭ (ନି.ପ୍ର): ଜଗନ୍ନାଥ ସଂସ୍କୃତି ଓ ପରମ୍ପରାକୁ ମାନି ଅତିଥିରେ ରଥଯାତ୍ରା ଓ ସ୍ନାନଯାତ୍ରା ନକରିବାକୁ ଇସ୍କନକୁ ଚିଠି ଲେଖିଥିଲେ ଗଜପତି ମହାରାଜା। କୋଟି କୋଟି ଜଗନ୍ନାଥ ପ୍ରେମୀଙ୍କ ଭାବାବେଗ ସହ ଜଡ଼ିତ ଥିବାରୁ, ଶାସ୍ତ୍ର ସମ୍ମତ ନିର୍ଦ୍ଦିଷ୍ଟ ତିଥିରେ ରଥଯାତ୍ରା ପାଳନ କରିବାକୁ ଇସ୍କନ କର୍ତ୍ତୁପକ୍ଷଙ୍କୁ ଅନୁରୋଧ କରିଥିଲେ। କିନ୍ତୁ ଅମାନିଆ ଇସ୍କନ ଗଜପତିଙ୍କ ଅନୁରୋଧକୁ ସିଧାସଳଖ ପ୍ରତ୍ୟାଖାନ କରିଛି । ଗଜପତିଙ୍କୁ ଇସ୍କନ ଜିସିବି ଅଧ୍ୟକ୍ଷ ମଧୁସେବିତା ଦାସ ୭ତାରିଖରେ ଇ-ମେଲ୍ କରି ଅଦିନିଆ ରଥଯାତ୍ରା ନକରିବା ଅନୁରୋଧକୁ ଖାରଜ କରିଦେଇଛନ୍ତି। ଇ-ମେଲ୍ କରି ଲେଖିଛନ୍ତି, ଏ ବିଷୟରେ ଆଉ କିଛି କରାଯାଇପାରିବ ନାହିଁ, ଆଉ କିଛି କହିବାର ନାହିଁ। ତେଣୁ ଆମେ ଏ ଆଲୋଚନାକୁ ସର୍ବଦା ପାଇଁ ସମ୍ମାନର ସହ ଶେଷ କରୁଛୁ । ପୂର୍ବରୁ ମଧ୍ୟ ଅଦିନିଆ ରଥଯାତ୍ରା ବନ୍ଦ କରିବାକୁ ଗଜପତି ଇସ୍କନକୁ ଚିଠି ଲେଖିଥିଲେ। ସେତେବେଳେ ସତ ମାନିଥିଲେ ବି ବିଦେଶର କଥା କହି ଟାଳି ଯାଇଥିଲେ ଇସ୍କନ କର୍ତ୍ତୁପକ୍ଷ। ଚଳିତ ବର୍ଷ ବିଦେଶରେ ବାରମ୍ବାର ରଥଯାତ୍ରା ଓ ସ୍ନାନ ଯାତ୍ରା ଆୟୋଜନ କରିବା ପରେ, ଗତ ୪ତାରିଖରେ ଏଭଳି ନକରିବାକୁ ଇ-ମେଲରେ ଅନୁରୋଧ କରିଥିଲେ ଗଜପତି । ଗଜପତିଙ୍କ ଚିଠିକୁ ଇସ୍କନ କର୍ତ୍ତୃପକ୍ଷ ପ୍ରତ୍ୟାଖ୍ୟାନ କରିବା ପରେ ତେଜିଛି ଅସନ୍ତୋଷ। ବିଭିନ୍ନ ସଂଗଠନ ଇସ୍କନ ଉପରେ ବର୍ଷିଛନ୍ତି। ଉଭୟ ରାଜ୍ୟ ଓ କେନ୍ଦ୍ରରେ ବିଜେପି ସରକାର ଥିବାରୁ ତୁରନ୍ତ ଅଦିନିଆ ରଥଯାତ୍ରା ବନ୍ଦ ପାଇଁ ପଦକ୍ଷେପ ନେବାକୁ ଦାବି କରିଛନ୍ତି ପୁରୀ ବିଧାୟକ। ◆◆ପୃଷ୍ଠା ୭

# ମହାରାଷ୍ଟ୍ର ରାଜନୀତିରେ ହଟଚମଟ: 'ମିସିଂ ଲିଙ୍କ୍' ପ୍ରକଳ୍ପ ବିବାଦରେ ଫଡନାଭିସ୍ ଓ ସଞ୍ଜୟ ରାଉତ ମୁହାଁମୁହିଁ



ନୂଆଦିଲ୍ଲୀ,୯/୭ : ମୁମ୍ବାଇ-ପୁଣେ ଏକ୍ସପ୍ରେସୱେର ୭,୦୦୦ କୋଟି ବ୍ୟୟର ମହତ୍ୱାକାଂକ୍ଷୀ 'ମିସିଂ ଲିଙ୍କ୍' ପ୍ରକଳ୍ପର ନୂତନ ରାସ୍ତାରେ ପ୍ରଥମ ବର୍ଷାରେ ହିଁ ଭୂସ୍ଖଳନ ଘଟିବା ପରେ ମହାରାଷ୍ଟ୍ରରେ ରାଜନୈତିକ ଝଡ଼ ସୃଷ୍ଟି ହୋଇଛି। ଏହି ତ୍ରୁଟିକୁ ନେଇ ବିରୋଧୀଙ୍କ ସମାଲୋଚନା ଓ ସୋସିଆଲ ମିଡିଆ ଟ୍ରୋଲିଂରେ କ୍ରୋଧିତ ହୋଇ ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାଭିସ୍ ସମାଲୋଚକମାନଙ୍କୁ 'ଭଡ଼ାଟିଆ ଘୋଡ଼ା' ଓ 'କୁକୁର' ଭଳି ଆପତ୍ତିଜନକ ଶବ୍ଦରେ ତାଚ୍ଛଲ୍ୟ କରିଥିଲେ। ଏହାର ପ୍ରତିବାଦରେ ଶିବସେନା ସାଂସଦ ସଞ୍ଜୟ ରାଉତ ତୀବ୍ର ଅସନ୍ତୋଷ ପ୍ରକାଶ କରି ଏହାକୁ ମହାରାଷ୍ଟ୍ର ସଂସ୍କୃତିର ଘୋର ଅପମାନ ବୋଲି କହିଛନ୍ତି ଏବଂ ମୁଖ୍ୟମନ୍ତ୍ରୀଙ୍କୁ ନିଃସର୍ତ୍ତ କ୍ଷମା ମାଗିବାକୁ ଦାବି କରିଛନ୍ତି। ◆◆ପୃଷ୍ଠା ୭

# ଭାରତ-ଅଷ୍ଟ୍ରେଲିଆ ମଧ୍ୟରେ ଐତିହାସିକ ଚୁକ୍ତି: ଭାରତର ଗଗନୟାନ ମିସନକୁ ମିଳିବ ସମର୍ଥନ



ନୂଆଦିଲ୍ଲୀ,୯/୭ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଷ୍ଟ୍ରେଲିଆ ଗସ୍ତ କାଳରେ ଭାରତ ଏବଂ ଅଷ୍ଟ୍ରେଲିଆ ମଧ୍ୟରେ ଗୁରୁତ୍ୱପୂର୍ଣ୍ଣ ଚୁକ୍ତି ସ୍ୱାକ୍ଷରିତ ହୋଇଛି । ମେଲବୋର୍ଣ୍ଣରେ ବୈଠକ ପରେ ମୋଦୀ ଏବଂ ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ ଆଣ୍ଟୋନି ଆଲବାନିଜ୍ ମିଳିତ ସାମ୍ବାଦିକ ସମ୍ମିଳନୀରେ ୟୁରାନିୟମ, ପ୍ରତିରକ୍ଷା, ବାଣିଜ୍ୟ, ଶକ୍ତି, ମହାକାଶ ଏବଂ ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥ ସମେତ ଅନେକ କ୍ଷେତ୍ରରେ ଚୁକ୍ତିନାମା ଘୋଷଣା କରିଛନ୍ତି। ଭାରତ ଓ ଅଷ୍ଟ୍ରେଲିଆ ପ୍ରତିରକ୍ଷା ଓ ସୁରକ୍ଷା ସହଯୋଗକୁ ଆହୁରି ମଜଭୁତ କରିବା, ସାମୁଦ୍ରିକ ସୁରକ୍ଷା, ସାଇବର ପ୍ରଯୁକ୍ତିବିଦ୍ୟା, ଯୋଗାଣ ଶୃଙ୍ଖଳ, ପରମାଣୁ ଶକ୍ତି, ମହାକାଶ ଏବଂ ବାଣିଜ୍ୟ ଭଳି କ୍ଷେତ୍ରରେ ସହଭାଗିତା ବୃଦ୍ଧି କରିବାକୁ ସହମତ ହୋଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ ଆଣ୍ଟୋନି ଆଲବାନିଜଙ୍କ ଉପସ୍ଥିତିରେ ମେଲବୋର୍ଣ୍ଣରେ ଦୁଇଦେଶ ମଧ୍ୟରେ ମଧ୍ୟରେ ଅନେକ ଗୁରୁତ୍ୱପୂର୍ଣ୍ଣ ଚୁକ୍ତି ସ୍ୱାକ୍ଷରିତ ହୋଇଛି। ଦୁଇନେତା ଆତଙ୍କବାଦ ବିରୋଧରେ ମିଳିତ ଲଢ଼େଇ, ଭାରତ-ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ରରେ ଶାନ୍ତି ଓ ସ୍ଥିରତା, ◆◆ପୃଷ୍ଠା ୭

# କାଠଯୋଡ଼ି ପଠାରୁ ମୁଣ୍ଡବିହୀନ ମହିଳାଙ୍କ ମୃତଦେହ ଠାବ: ହତ୍ୟା ସନ୍ଦେହ

କଟକ, ୦୯/୭ (ନି.ପ୍ର): ସହରରେ ଏକ ଅଭାବନୀୟ ତଥା ଲୋମଟାଙ୍କୁରା ଘଟଣା ସାମ୍ନାକୁ ଆସିଛି । ପୁରୀଘାଟ ଥାନା ଅନ୍ତର୍ଗତ ପୁରୀଘାଟ ଗଡ଼ା ନିକଟସ୍ଥ କାଠଯୋଡ଼ି ନଦୀ ପଠାରୁ ଜଣେ ଅଜ୍ଞାତ ମହିଳାଙ୍କ ମୁଣ୍ଡବିହୀନ ମୃତଦେହ ଠାବ ହେବା ପରେ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଚାଞ୍ଚଲ୍ୟ ଖେଳିଯାଇଛି । କେହି ଦୁର୍ବୃତ୍ତ ମହିଳାଙ୍କୁ ଅତି ନିର୍ମମ ଭାବେ ହତ୍ୟା କରିବା ପରେ ପ୍ରମାଣ ନଷ୍ଟ କରିବା ଉଦ୍ଦେଶ୍ୟରେ ମୁଣ୍ଡ କାଟି ଶବକୁ ଏଠାରେ ଫିଙ୍ଗି ଦେଇଥିବା ସନ୍ଦେହ କରାଯାଉଛି । ମିଳିଥିବା ପ୍ରାଥମିକ ସୂଚନା ଅନୁଯାୟୀ, ଆଜି ସ୍ଥାନୀୟ ଲୋକେ କାଠଯୋଡ଼ି ◆◆ପୃଷ୍ଠା ୭

# ପଞ୍ଚାୟତ ଓ ପୌର ନିର୍ବାଚନ ନେଇ ଜୋରଦାର ପ୍ରସ୍ତୁତି: ୨୧ରେ ସମସ୍ତ ଜିଲ୍ଲାପାଳଙ୍କ ସହ ରାଜ୍ୟ ନିର୍ବାଚନ କମିସନଙ୍କ ବଡ଼ ବୈଠକ

ଭୁବନେଶ୍ୱର, ୦୯/୭ (ନି.ପ୍ର): ଆସନ୍ତା ୨୦୨୭ ପଞ୍ଚାୟତ ଏବଂ ପୌର ନିର୍ବାଚନ ପାଇଁ ପ୍ରସ୍ତୁତିକୁ ତ୍ୱରାନ୍ୱିତ କରିଛନ୍ତି ରାଜ୍ୟ ନିର୍ବାଚନ କମିଶନ। ବୁଥଭିତ୍ତିକ ଭୋଟର ତାଲିକା ପ୍ରସ୍ତୁତି ଲକ୍ଷ୍ୟରେ କରାଯିବାକୁ ଥିବା ଡୋର-ଟୁ-ଡୋର (ଡି୨ଡି) ସର୍ଭେ ସମ୍ପର୍କରେ ଆସନ୍ତା ଜୁଲାଇ ୨୧ ତାରିଖ ସକାଳ ୧୧ଟା ୩୦ ମିନିଟରେ ସମସ୍ତ ଜିଲ୍ଲାପାଳଙ୍କ ସହ ଏକ ଭିଡିଓ କନଫରେନ୍ସ ଅନୁଷ୍ଠିତ ହେବ। ରାଜ୍ୟ ନିର୍ବାଚନ କମିଶନରଙ୍କ ଅଧ୍ୟକ୍ଷତାରେ ଓଏସ୍ୱାନ୍ ପ୍ଲାଟଫର୍ମ ମାଧ୍ୟମରେ ହେବାକୁ ଥିବା ଏହି ବୈଠକରେ ୨୦୨୭ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ପଞ୍ଚାୟତିରାଜ ଅନୁଷ୍ଠାନ ଏବଂ ସହରାଞ୍ଚଳ ସ୍ଥାନୀୟ କାଉନସିଲ ଗୁଡ଼ିକର ବୁଥଭିତ୍ତିକ ଭୋଟର ତାଲିକା ପ୍ରସ୍ତୁତି ପାଇଁ ଘରକୁ ଘର ସର୍ଭେର ରୂପରେଖା ଓ କାର୍ଯ୍ୟପନ୍ଥା ଉପରେ ଆଲୋଚନା ହେବ। ଏହାଛଡ଼ା, ୨୦୨୨ ସହରାଞ୍ଚଳ ସ୍ଥାନୀୟ ◆◆ପୃଷ୍ଠା ୭

# ପିଏମ୍-ସୂର୍ଯ୍ୟ ଘରକୁ ପିଏମ୍-ଆବାସ ଯୋଜନା ସହ ସଂଯୋଜନ କରାଯିବ: ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ

ଭୁବନେଶ୍ୱର, ୦୯/୦୭ (ନି.ପ୍ର): ଉପ ମୁଖ୍ୟମନ୍ତ୍ରୀ ତଥା ଶକ୍ତି ମନ୍ତ୍ରୀ ଶ୍ରୀ କନକ ବର୍ଦ୍ଧନ ସିଂହଦେଓ ଆଜି ଶକ୍ତି କ୍ଷେତ୍ରର ସୁଧାର, ସୁରକ୍ଷା ଏବଂ କେନ୍ଦ୍ର ଓ ରାଜ୍ୟ ଯୋଜନାର କାର୍ଯ୍ୟକାରିତା ଉପରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ କରିଛନ୍ତି।

ଏହି ବୈଠକରେ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର, ଗ୍ରାମ୍ୟ ଉନ୍ନୟନ, ପଂଚାୟତିରାଜ ଓ ପାନୀୟଜଳ ମନ୍ତ୍ରୀ ଶ୍ରୀ ରବି ନାରାୟଣ ନାୟକ, ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଶକ୍ତି ବିଭାଗ, ଶ୍ରୀ ବିଶାଳ କୁମାର ଦେବ ଓପିଟିସିଏଲ୍ ର ସିଏମ୍ଡି ଶ୍ରୀ ଭାସ୍କର ଜ୍ୟୋତି ଶର୍ମା, ପଂଚାୟତିରାଜ ଓ ପାନୀୟ ଜଳ ବିଭାଗ କମିଶନର ତଥା ଶାସନ ସଚିବ ଶ୍ରୀ ଏସ୍ ଏନ୍ ଗିରୀଶ ଏବଂ ଶକ୍ତି ବିଭାଗ ଓ ବିଦ୍ୟୁତ ବିତରଣ କମ୍ପାନୀର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ନବୀକରଣୀୟ ଶକ୍ତି ଏବଂ ସୁଲଭ ଗୃହ ନିର୍ମାଣ ଉପରେ ଗୁରୁତ୍ୱ ଦେଇ ଉପ ମୁଖ୍ୟମନ୍ତ୍ରୀ ଶ୍ରୀ ସିଂହ ଦେଓ ଘୋଷଣା କରିଛନ୍ତି ଯେ ପିଏମ୍-ସୂର୍ଯ୍ୟ ଘର ଯୋଜନାକୁ ଓଡ଼ିଶା ସରକାରଙ୍କ ବିଭିନ୍ନ ଗୃହ ନିର୍ମାଣ ଯୋଜନା ଯଥା ପିଏମ-ଆବାସ ଯୋଜନା ସହ ସଂଯୋଜନ କରାଯିବ। ଏହା ସେମାନଙ୍କ ଇଚ୍ଛାଧୀନ ରହିବ। ଆମର ଲକ୍ଷ୍ୟ ହେଉଛି ପିଏମ୍ ଆବାସ ଏବଂ ଅନ୍ୟାନ୍ୟ ଗୃହ ଯୋଜନାର ପ୍ରତ୍ୟେକ ହିତାଧିକାରୀ ମଧ୍ୟ ସୌର ଶକ୍ତିର ସୁବିଧା ପାଇପାରନ୍ତୁ। ରାଜ୍ୟ ଗୃହ ଯୋଜନା ସହ ପିଏମ୍-ସୂର୍ଯ୍ୟ ଘରକୁ ସଂଯୋଜନ କରି ଆମେ ଲୋକଙ୍କୁ ୨୪ ଘଂଟିଆ ପରିଷ୍କାର ଏବଂ ସୁଲଭ ବିଜୁଳି ଯୋଗାଇ ଦେବା ସହ ସେମାନଙ୍କ ବିଜୁଳି ବିଲ୍ ମଧ୍ୟ ହ୍ରାସ କରିବ ବୋଲି ଉପମୁଖ୍ୟମନ୍ତ୍ରୀ ଶ୍ରୀ କନକ ବର୍ଦ୍ଧନ ସିଂହ ଦେଓ କହିଛନ୍ତି।

ଏହି ଯୋଜନା ଅଧୀନରେ ସହରାଂଚଳରେ ୧ କିଲୋ ୱାଟ ବିଶିଷ୍ଟ ଛାତ ଉପର ସୌର ଶକ୍ତି ପ୍ୟାନେଲ ସ୍ଥାପନ ପାଇଁ କେନ୍ଦ୍ରରୁ ୩୦୦୦୦ ଟଙ୍କା ଏବଂ ରାଜ୍ୟରୁ ?୨୫୦୦୦ ଟଙ୍କା ସବସିଡି ସହାୟତା ଦିଆଯାଉଛି। ହିତାଧିକାରୀଙ୍କୁ ମାତ୍ର ?୧୮୭୫ ଟଙ୍କା ବ୍ୟୟରେ ଏହି ସୁବିଧା ମିଳିବ।

ସହରାଂଚଳ ଏବଂ ଗ୍ରାମାଂଚଳରେ ଜନ ସୁରକ୍ଷାକୁ ପ୍ରାଥମିକତା ଦେବାକୁ ଡିସ୍କମ୍ ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଓଡ଼ିଶାର ସମସ୍ତ ୪ଟି ବିଦ୍ୟୁତ ବିତରଣ କମ୍ପାନୀ ଅଧୀନରେ ୩୭୦୮ କୋଟି ବ୍ୟୟରେ ଭୂତଳ କେବୁଲ ତାର ବିଛାଯିବ। ଏହା ଦ୍ୱାରା ବାତ୍ୟା କିମ୍ବା କାଳବୈଶାଖୀ ସମୟରେ ବିଦ୍ୟୁତ ସେବା ବାଧାପ୍ରାପ୍ତ ହେବ ନାହିଁ। ଓଡ଼ିଶା ବିଦ୍ୟୁତ ବିତରଣ କମ୍ପାନୀ ପାଇଁ ଏକ ସମଗ୍ର ସୁରକ୍ଷା ଡିପିଆର ପ୍ରସ୍ତୁତ କରାଯାଉଛି। ବିପଜ୍ଜନକ ଖୋଲା, ତଳକୁ ଝୁଲୁଥିବା ତାର ସ୍ଥାନାନ୍ତର, ଖାଲି କଣ୍ଡକ୍ଟର ସ୍ଥାନରେ ଇନସୁଲେଟେଡ୍ କଣ୍ଡକ୍ଟର (ଆବରଣ ଥିବା), ବିତରଣ ସବଷ୍ଟେସନ୍ ରେ ଫେନ୍ସିଂ(ତାର ଜାଲି) ସ୍ଥାପନ, ପାୱାର ସବଷ୍ଟେସନ ବାଉଣ୍ଡ୍ରି ୱାଲ୍ ଏବଂ ସୁରକ୍ଷା ପାଇଁ କ୍ରେଡେଲ୍/ଗାର୍ଡ ତାର ବ୍ୟବସ୍ଥା କରାଯିବ।

ପିଏମ୍ ସୂର୍ଯ୍ୟ ଘର ମାଗଣା ବିଜୁଳି ଯୋଜନା ଓ ୟୁଟିଲିଟି ଲେଡ୍ ଆଗ୍ରିଗେସନ ମଡେଲ୍ ର କାର୍ଯ୍ୟାନ୍ୱୟନର ମଧ୍ୟ ସମୀକ୍ଷା କରାଯାଇଛି।

ଉପ ମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ କହିଛନ୍ତି ଯେ ଓଡ଼ିଶାର ପ୍ରତ୍ୟେକ ଘରକୁ ସୁରକ୍ଷିତ, ନିର୍ଭରଯୋଗ୍ୟ ଏବଂ ସ୍ଥାୟୀ ବିଜୁଳି ଯୋଗାଇବା ପାଇଁ ରାଜ୍ୟ ସରକାର ଅହରହ ଚେଷ୍ଟିତ। ଶକ୍ତି,ନଗର ଉନ୍ନୟନ, ଗ୍ରାମ୍ୟ ଉନ୍ନୟନ ଓ ପଂଚାୟତିରାଜ ଆଦି ବିଭାଗ ଗୁଡ଼ିକର ସମନ୍ୱୟରେ ଏହି ସୁଧାର କାର୍ଯ୍ୟ ଗୁଡ଼ିକ ପର୍ଯ୍ୟାୟକ୍ରମେ ସମ୍ପାଦନ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି। ବିଜୁଳି ବିଲ୍ ରୁ ମୁକ୍ତି ସହିତ ସୁରକ୍ଷିତ ଓଡ଼ିଶା ଗଠନ ଦିଗରେ ଏହା ଏକ ପ୍ରଶଂସନୀୟ ପଦକ୍ଷେପ।

# ଚୋରା ବାଲି ଓ ଅବୈଧ ମଦ କାରବାର ରୋକିବାକୁ କଡ଼ା ପଦକ୍ଷେପ: ରାଜସ୍ୱ ସମୀକ୍ଷା ବୈଠକରେ ନିର୍ଦ୍ଦେଶ

କେନ୍ଦ୍ରାପଡ଼ା, ୦୯/୦୭ (ନି.ପ୍ର): ଜିଲ୍ଲାରେ ଚୋରା ବାଲି ଉତ୍ତୋଳନ, ଖଣିଜ ଚୋରି ଓ ଅବୈଧ ନିଶା କାରବାର ରୋକିବା ପାଇଁ କଡ଼ା ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଛି। କେନ୍ଦ୍ରାପଡ଼ା ଉପଜିଲ୍ଲାପାଳ ଅରୁଣ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ତାଙ୍କ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ରାଜସ୍ୱ ସମୀକ୍ଷା ବୈଠକରେ ଏନେଇ ବିସ୍ତୃତ ଆଲୋଚନା ହୋଇଛି। ବୈଠକରେ ଜିଲ୍ଲାର ସମସ୍ତ ତହସିଲଦାର, ପୋଲିସ ଅଧିକାରୀ, ଡେପୁଟି କଲେକ୍ଟର, ଖଣି ଅଧିକାରୀ ଓ ଅବକାରୀ ଅଧୀକ୍ଷକଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ଯୋଗ ଦେଇଥିଲେ।

ବୈଠକରେ ଉପଜିଲ୍ଲାପାଳ ଖଣିଜ ସମ୍ପଦର ଚୋରା ଚାଲାଣକୁ ସମ୍ପୂର୍ଣ୍ଣ ରୋକିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଜିଲ୍ଲାର ବିଭିନ୍ନ ସ୍ଥାନରୁ ବେଆଇନ ଭାବେ ବାଲି, ମାଟି ଓ ଅନ୍ୟାନ୍ୟ ଖଣିଜ ପଦାର୍ଥ ପରିବହନ କରୁଥିବା ଗାଡ଼ି ଏବଂ ସମ୍ପୃକ୍ତ ମାଲିକଙ୍କ ବିରୋଧରେ କଠୋର ଆଇନଗତ ପଦକ୍ଷେପ ନେବାକୁ ସେ ଖଣି ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ବିନା ଟ୍ରାନ୍ଜିଟ୍ ପାସ୍‌ରେ ବାଲି ପରିବହନ କରୁଥିବା ଗାଡ଼ିଗୁଡ଼ିକୁ ଜବତ କରି ଜରିମାନା ଆଦାୟ କରିବା ସହ ସହର ମଧ୍ୟରେ ଦିନବେଳା ବାଲି, ଗୋଡ଼ି ଓ ଅନ୍ୟାନ୍ୟ ନିର୍ମାଣ ସାମଗ୍ରୀ ବୋଝେଇ ବଡ଼ ଗାଡ଼ି ଚଳାଚଳ ଉପରେ ନିୟନ୍ତ୍ରଣ ଲଗାଇବାକୁ ମଧ୍ୟ ଆଲୋଚନା କରାଯାଇଥିଲା।

ଏହାସହ ଜିଲ୍ଲାରେ ବଢୁଥିବା ଚୋରା ମଦ, ଗଞ୍ଜେଇ, ବ୍ରାଉନ୍ ସୁଗାର ଓ କଫ୍ ସିରପ୍ ଭଳି ଅବୈଧ ନିଶା କାରବାର ରୋକିବା ପାଇଁ ଅବକାରୀ ବିଭାଗକୁ ସକ୍ରିୟ ହେବାକୁ କୁହାଯାଇଛି। ଚୋରା ବ୍ୟବସାୟରେ ଜଡ଼ିତ ବ୍ୟକ୍ତିଙ୍କୁ ଗିରଫ କରି କୋର୍ଟ ଚାଲାଣ କରିବା ସହ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ମିଳିଛି।

ବୈଠକରେ ତହସିଲଗୁଡ଼ିକରେ ଦୀର୍ଘଦିନ ଧରି ପଡ଼ିରହିଥିବା ରାଜସ୍ୱ ସମ୍ପର୍କିତ ମାମଲାଗୁଡ଼ିକର ଶୀଘ୍ର ସମାଧାନ ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଥିଲା। ବେବନ୍ଦୋବସ୍ତ ଓ ବସୁନ୍ଧରା ଯୋଜନା ଅଧୀନରେ ଯୋଗ୍ୟ ହିତାଧିକାରୀଙ୍କୁ ଶୀଘ୍ର ପଟ୍ଟା ପ୍ରଦାନ କରିବାକୁ ତହସିଲଦାରମାନଙ୍କୁ ପରାମର୍ଶ ଦିଆଯାଇଥିଲା।

ରାଜସ୍ୱ ଆଦାୟ ବୃଦ୍ଧି, ଜନସାଧାରଣଙ୍କ ସମସ୍ୟାର ତ୍ୱରିତ ସମାଧାନ ଏବଂ ସମୟସୀମା ମଧ୍ୟରେ ପଟ୍ଟା ପ୍ରଦାନ ଉପରେ ପ୍ରଶାସନ ପକ୍ଷରୁ ବିଶେଷ ଗୁରୁତ୍ୱ ଦିଆଯାଇଥିବା ଜଣାପଡ଼ିଛି।

## ତିନି ମାସ ଭିତରେ ଫାଟିଗଲା ମୁଖ୍ୟମନ୍ତ୍ରୀ ସଡ଼କ

ବଲାଙ୍ଗିର , ୦୯/୦୭ (ନି.ପ୍ର): ବଲାଙ୍ଗୀର ଜିଲ୍ଲା ମୁରିବାହାଲ ବ୍ଲକ ଜାତୀୟ ରାଜପଥ ୨୧୭ ରୁ ଗୋଇମୁଣ୍ଡ ଗ୍ରାମ କୁ ସଂଯୋଗ କରୁଥିବା ମୁଖ୍ୟମନ୍ତ୍ରୀ ସଡ଼କ ତିନି ମାସ ଭିତରେ ଦବି ଯାଇଛି। ପ୍ରାୟ ୫.୨୨ କୋଟି ଟଙ୍କା ବ୍ୟୟରେ ଏହି ରାସ୍ତା ନିର୍ମାଣ ହୋଇଥିଲା। ଅଳ୍ପ କିଛି ବର୍ଷାରେ ରାସ୍ତାର ବିଭିନ୍ନ ସ୍ଥାନରେ ଫାଟ ସୃଷ୍ଟି ହେବା ସହ ରାସ୍ତା ଦବି ଯାଉଥିବାରୁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଦେଇଛି। ଗ୍ରାମବାସୀ ଙ୍କ ଅଭିଯୋଗ ଅନୁସାରେ ରାସ୍ତା ନିର୍ମାଣ ସମୟରେ ନିମ୍ନ ମାନର ସାମଗ୍ରୀ ବ୍ୟବହାର ଓ ତୃଟିପୂର୍ଣ୍ଣ କାମ ନେଇ ବାରମ୍ବାର ଅଭିଯୋଗ କରାଯାଇଥିଲେ ମଧ୍ୟ ସମ୍ପୃକ୍ତ ବିଭାଗ ପକ୍ଷରୁ କୈ!ଣସି ପଦକ୍ଷେପ ନିଆଯାଇନଥିଲା। କାର୍ଯ୍ୟ ସମୟରେ ସମ୍ପୃକ୍ତ କନିଷ୍ଠ ଯନ୍ତ୍ରୀ ନିୟମିତ ତଦାରଖ କରିନଥିବା ମଧ୍ୟ ଅଭିଯୋଗ ହୋଇଛି। ରାସ୍ତାରେ ନିର୍ମିତ ପୋଲ ନିକଟରେ ଗାର୍ଡ ୱ!ଲ୍ ନିର୍ମାଣ କରାଯାଇଥିଲେ ରାସ୍ତା ଏପରି କ୍ଷତିଗ୍ରସ୍ତ ହୋଇନଥାନ୍ତା ବୋଲି ଗ୍ରାମବାସୀ କହିଛନ୍ତି।

# ଗଭୀର ସମୁଦ୍ରରେ ମତ୍ସ୍ୟ ସମ୍ପଦର ସ୍ଥାୟୀ ଉପଯୋଗ ପାଇଁ ମତ୍ସ୍ୟଜୀବୀଙ୍କୁ ପ୍ରାଧିକରଣ ପତ୍ର ବଂଟନ କରିବେ

ଭୁବନେଶ୍ୱର, ୦୯/୦୭ (ନି.ପ୍ର): ଗୁରୁବାର ଦିନିକିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି ଭାରତର ଉପରାଷ୍ଟ୍ରପତି ଶ୍ରୀ ସି.ପି. ରାଧାକ୍ରିଷ୍ଣନ୍ । ଭାରତ ସରକାରଙ୍କ ମତ୍ସ୍ୟପାଳନ, ପଶୁପାଳନ ଏବଂ ଦୁଗ୍ଧ ଉତ୍ପାଦନ ମନ୍ତ୍ରାଳୟ ପକ୍ଷରୁ ସ୍ଥାନୀୟ ଓୟୁଏଟି କୃଷି ଶିକ୍ଷା ସଦନଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ ଗଭୀର ସମୁଦ୍ରରୁ ମତ୍ସ୍ୟ ସମ୍ପଦର ସ୍ଥାୟୀ ଉପଯୋଗ ପାଇଁ ମତ୍ସ୍ୟଜୀବୀଙ୍କୁ ପ୍ରାଧିକରଣ ପତ୍ର ବଂଟନ କରିବା ସହ "ଓଡ଼ିଶା ଗଭୀର ସମୁଦ୍ର ମାଛଧରା ମିଶନ"ର ଶୁଭାରମ୍ଭ କରିବେ ।

ସାଧାରଣତଃ ସମୁଦ୍ର କୂଳରୁ ୨୩ କିଲୋମିଟର ପର୍ଯ୍ୟନ୍ତ ଭିତରେ ମାଛଧରା କାର୍ଯ୍ୟ ସୀମିତ ରହିଥାଏ । "ଓଡ଼ିଶା ଗଭୀର ସମୁଦ୍ର ମାଛଧରା ମିଶନ" କାର୍ଯ୍ୟକାରୀ ହେବା ଦ୍ୱାରା ଓଡ଼ିଶାର ମତ୍ସ୍ୟଜୀବୀମାନେ ୩୭୦ କିଲୋମିଟର ସୀମା ମଧ୍ୟରେ ମାଛଧରି ପାରିବେ । ଏହା ସହିତ ପ୍ରାଧିକରଣ ପତ୍ର ପାଇଥିବା ମତ୍ସ୍ୟଜୀବୀମାନେ ସୀମା ଅତିକ୍ରମ କରି ଅନ୍ତର୍ଜାତୀୟ ସମୁଦ୍ରରେ ମଧ୍ୟ ମାଛଧରି ପାରିବେ । ଏହି ପଦକ୍ଷେପ ଦ୍ୱାରା ମତ୍ସ୍ୟଜୀବୀଙ୍କ ଜୀବନ-ଜୀବିକା ଅଧିକ ସଶକ୍ତ ହେବା ସହ ସମୃଦ୍ଧ ନୀଳ ଅର୍ଥନୀତିର ନବ ଦିଗନ୍ତକୁ ଉନ୍ମୋଚନ କରିବ ।

ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ରାଜ୍ୟପାଳ ଡକ୍ଟର ହରି ବାବୁ କମ୍ଭମପାଟି, ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ର ମତ୍ସ୍ୟ, ପଶୁପାଳନ ଓ ଦୁଗ୍ଧ ଉତ୍ପାଦନ, ପଂଚାୟତିରାଜ ମନ୍ତ୍ରୀ ଶ୍ରୀ ରାଜୀବ ରଞ୍ଜନ ସିଂହ, କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ, ମତ୍ସ୍ୟ, ପଶୁପାଳନ ଓ ଦୁଗ୍ଧ ଉତ୍ପାଦନ, ପଂଚାୟତିରାଜ ରାଷ୍ଟ୍ରମନ୍ତ୍ରୀ ପ୍ରଫେସର ଏସ୍. ପି. ସିଂହ ବାଘେଲ, ଓଡ଼ିଶାର ମତ୍ସ୍ୟ ଓ ପ୍ରାଣିସମ୍ପଦ ଏବଂ ଏମ୍ଏସଏମଇ ମନ୍ତ୍ରୀ ଶ୍ରୀ ଗୋକୁଳାନନ୍ଦ ମଲ୍ଲିକ, ସାଂସଦ ଶ୍ରୀମତୀ ଅପରାଜିତା ଷଡ଼ଙ୍ଗୀ, ସାଂସଦ ଶ୍ରୀଯୁକ୍ତ ସୁକାନ୍ତ ପାଣିଗ୍ରାହୀ, ବିଧାୟକ ଶ୍ରୀ ପ୍ରସାନ୍ତ କୁମାର ଜଗଦେବଙ୍କ ସମେତ ପ୍ରାୟ ୧,୦୦୦ ମତ୍ସ୍ୟଚାଷୀ ଏବଂ ମତ୍ସ୍ୟଜୀବୀ, ମତ୍ସ୍ୟ ଉଦ୍ୟୋଗୀ ଅଂଶଗ୍ରହଣ କରିବେ । ସେମାନଙ୍କ ସହ ଓଡ଼ିଶା ସରକାର, ସମ୍ପୃକ୍ତ ମନ୍ତ୍ରାଳୟ ଏବଂ ବିଭାଗୀୟ ଅଧିକାରୀମାନେ ମଧ୍ୟ ଉପସ୍ଥିତ ରହିବେ । ମତ୍ସ୍ୟଚାଷୀ ଉତ୍ପାଦକ ସଂଗଠନ ଏବଂ ମତ୍ସ୍ୟ ସମବାୟ ସମିତିଗୁଡ଼ିକୁ ସୁଦୃଢ଼ କରିବା ଉପରେ କେନ୍ଦ୍ର ସରକାର ଗୁରୁତ୍ୱ ଦେଉଛନ୍ତି । ଡିଜିଟାଇଜେସନ୍ ଉପରେ ବ୍ୟାପକ ପଦକ୍ଷେପ ନିଆଯାଉଛି । ମତ୍ସ୍ୟଜୀବୀ, ଜାତୀୟ ସମବାୟ ରପ୍ତାନି ଲିମିଟେଡ୍, ମାଛ ଧରିବା ଜାହାଜ ମାଲିକମାନଙ୍କ ସମେତ ମତ୍ସ୍ୟ ସମବାୟ ସମିତିଗୁଡ଼ିକୁ ଉପରାଷ୍ଟ୍ରପତି ପ୍ରାଧିକରଣ ପତ୍ର ବଂଟନ କରିବେ । ଏହା ଦ୍ୱାରା ଯୋଗ୍ୟ ଭାରତୀୟ ଜାହାଜଗୁଡ଼ିକ ସମୁଦ୍ରରେ ମାଛ ଧରିବା କାର୍ଯ୍ୟ କରିପାରିବେ । ଏହି ପଦକ୍ଷେପ ଦ୍ୱାରା ମାଛ ଚାଷୀ ଉତ୍ପାଦକ ସଂଗଠନ ଏବଂ ମତ୍ସ୍ୟ ସମବାୟ ସମିତି ଅଧିକ ସୁଦୃଢ଼ ହୋଇପାରିବ । ଗଭୀର ସମୁଦ୍ରରୁ ମାଛ ଧରିବା ଦ୍ୱାରା ମତ୍ସ୍ୟଚାଷୀମାନଙ୍କ ପାଇଁ ଅଧିକ ଆୟର ସୁଯୋଗ ସୃଷ୍ଟି ହେବ । ପ୍ରାଧିକରଣ ପତ୍ର ପ୍ରକ୍ରିୟା ସମ୍ପୂର୍ଣ୍ଣ ଅନ୍‌ଲାଇନ୍‌ରେ ହେଉଥିବାରୁ ସ୍ୱଚ୍ଛତା, ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ସେବା ପ୍ରଦାନ ଓ ପ୍ରଶାସନିକ ପ୍ରକ୍ରିୟା ଗୁଣାତ୍ମକ ହେବ।

"ଓଡ଼ିଶା ଗଭୀର ସମୁଦ୍ର ମାଛଧରା ମିଶନ" (୨୦୨୬-୨୦୩୬) ଓଡ଼ିଶା ସରକାରଙ୍କ ଏକ ପ୍ରମୁଖ ପଦକ୍ଷେପ । ଏହା ଆନ୍ତର୍ଜାତିକ ସମୁଦ୍ର ଓ ଗଭୀର ସମୁଦ୍ରରୁ ମାଛ ଧରିବା ସହ ମତ୍ସ୍ୟ ରପ୍ତାନି କ୍ଷେତ୍ରରେ ଓଡ଼ିଶାକୁ ଶୀର୍ଷ ସ୍ଥାନରେ ପହଂଚାଇବା ପାଇଁ ଲକ୍ଷ୍ୟ ରଖିଛି । ଉନ୍ନତ ମାଛଧରା ଉପକରଣ, ପରିଚାଳନା ଏବଂ ବଜାର ସଂଯୋଗ ପାଇଁ ସହଯୋଗ ଯୋଗାଇ ଦିଆଯିବ । ଏହା ମତ୍ସ୍ୟ ଉତ୍ପାଦନ ବୃଦ୍ଧି, ନିଯୁକ୍ତି ସୃଷ୍ଟି, ମତ୍ସ୍ୟଜୀବୀଙ୍କ ଆୟ ବୃଦ୍ଧି ଏବଂ ସାମୁଦ୍ରିକ ଖାଦ୍ୟ ରପ୍ତାନି ବୃଦ୍ଧି କରିବା ଦିଗରେ ସହାୟକ ହେବ।

ସୂଚନାଯୋଗ୍ୟ ଯେ, ଭାରତରେ ପ୍ରାୟ ୧୧,୦୯୯ କିଲୋମିଟର ସୁଦୀର୍ଘ ଉପକୂଳ ଏବଂ ପ୍ରାୟ ୨୪ ଲକ୍ଷ ବର୍ଗ କିଲୋମିଟରର ଏକ ବିଶାଳ ଅର୍ଥନୈତିକ କ୍ଷେତ୍ର ରହିଛି । ଏହି ଅଂଚଳରେ ପ୍ରାୟ ୫୮.୬ ଲକ୍ଷ ମେଟ୍ରିକ ଟନ୍‌ର ପର୍ଯ୍ୟାପ୍ତ ମାଛ ଅଛି, ଯାହା ପ୍ରାୟ ୫୦ ଲକ୍ଷ ମତ୍ସ୍ୟଜୀବୀଙ୍କ ଜୀବନ-ଜୀବିକାକୁ ସମୃଦ୍ଧ କରିଛି । ୨୦୨୫-୨୬ରେ ଭାରତ ପ୍ରାୟ ୭୩,୮୯୦ କୋଟି ମୂଲ୍ୟର ସାମୁଦ୍ରିକ ଖାଦ୍ୟ ରପ୍ତାନି କରିଛି । ଓଡ଼ିଶାରେ ୫୭୫ କିଲୋମିଟରର ବିସ୍ତୀର୍ଣ୍ଣ ସମୁଦ୍ର ଉପକୂଳ ରହିଛି । ସାଧାରଣତଃ ସମୁଦ୍ର କୂଳରୁ ୨୩ କିଲୋମିଟର ପର୍ଯ୍ୟନ୍ତ ଭିତରେ ମାଛଧରା କାର୍ଯ୍ୟ ସୀମିତ ରହିଛି । କିନ୍ତୁ ଅସଲ ମତ୍ସ୍ୟ ସମ୍ପଦ ଗଭୀର ସମୁଦ୍ରରେ ଲୁଚି ରହିଛି । ଟୁନା ବିଲ୍‌ଫିସ୍- , ସାମୁଦ୍ରିକ ସ୍କୁଇଡ୍ ଗଭୀର ସମୁଦ୍ର ଚିଙ୍ଗୁଡ଼ି ଏବଂ ଅନ୍ୟ ପ୍ରଜାତିର ମାଛସବୁ ଆମ ହାତ ପାଆନ୍ତାକୁ ଆସି ପାରୁନି । ଏହି ପଦକ୍ଷେପ ଦ୍ୱାରା ସାମୁଦ୍ରିକ ମତ୍ସ୍ୟ ଉତ୍ପାଦନରେ ବ୍ୟାପକ ପରିବର୍ତ୍ତନ ଆସିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି । ଓଡ଼ିଶାର ଉପକୂଳବର୍ତ୍ତୀ ଅଂଚଳରେ ପ୍ରାୟ ୫ ଲକ୍ଷ ମତ୍ସ୍ୟଜୀବୀ ବଙ୍ଗୋପସାଗର ଉପରେ ପେଟପାଟଣା ପାଇଁ ନିର୍ଭର କରନ୍ତି । ୨୦୨୪-୨୫ ଆର୍ଥିକ ବର୍ଷରେ ସାମୁଦ୍ରିକ ମତ୍ସ୍ୟ ଉତ୍ପାଦନ ପ୍ରାୟ ୨.୪ ଲକ୍ଷ ମେଟ୍ରିକ ଟନ ରହିଛି ।

# ଇଚ୍ଛାପୁର ଉଚ୍ଚ ବିଦ୍ୟାଳୟରେ ଆଇନ ସେବା ପ୍ରାଧୀକରଣ ପକ୍ଷରୁ ବନ ମହୋତ୍ସବ, ଔଷଧୀୟ ବୃକ୍ଷରୋପଣ

କେନ୍ଦ୍ରାପଡ଼ା, ୦୯/୦୭ (ନି.ପ୍ର): କେନ୍ଦ୍ରାପଡ଼ା ସରକାରୀ ଇଚ୍ଛାପୁର ଉଚ୍ଚ ବିଦ୍ୟାଳୟ ପରିସରରେ ଜିଲ୍ଲା ଆଇନ ସେବା ପ୍ରାଧୀକରଣ ପକ୍ଷରୁ ବନ ମହୋତ୍ସବ ଅନୁଷ୍ଠିତ ହୋଇଛି। ପରିବେଶ ସୁରକ୍ଷା ଓ ବୃକ୍ଷରୋପଣର ଗୁରୁତ୍ୱ ନେଇ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଜିଲ୍ଲା ଆଇନ ସେବା ପ୍ରାଧୀକରଣର ଅଧ୍ୟକ୍ଷ ତଥା ମାନ୍ୟବର ଜିଲ୍ଲା ଦୌରାଜଜ୍ ଦୀପକ କୁମାରଙ୍କ ନିର୍ଦ୍ଦେଶକ୍ରମେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରାଧୀକରଣ ସଚିବ ସନ୍ତୋଷ କୁମାର ମହାପାତ୍ରଙ୍କ ଉପସ୍ଥିତିରେ ବିଦ୍ୟାଳୟ ପରିସରରେ ବିଭିନ୍ନ ପ୍ରକାର ଔଷଧୀୟ ଓ ଉପକାରୀ ବୃକ୍ଷରୋପଣ କରାଯାଇଥିଲା। ଏହି ଅବସରରେ ଛାତ୍ରଛାତ୍ରୀ ମାନଙ୍କୁ ବନ ମହୋତ୍ସବର ଗୁରୁତ୍ୱ, ବୃକ୍ଷର ଉପକାରିତା ଏବଂ ପରିବେଶ ସୁରକ୍ଷାର ଆବଶ୍ୟକତା ସମ୍ପର୍କରେ ସଚେତନ କରାଯାଇଥିଲା।କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ବିଚାରପତିଙ୍କ ସହ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ବୀଣାପାଣି ଦାଶ, ବନ ଅଧିକାରୀ ରବୀନ୍ଦ୍ର କୁମାର ନାୟକ, କେନ୍ଦ୍ରାପଡ଼ା ଫରେଷ୍ଟର ନୀଳିମା ପ୍ରିୟଦର୍ଶନୀ ନାୟକ ଏବଂ ଜିଲ୍ଲା ଶିକ୍ଷା ବିଜ୍ଞାନ ପରିଦର୍ଶକ ପ୍ରକାଶ ପରିଡ଼ାଙ୍କ ସମେତ ଅନ୍ୟମାନେ ଯୋଗଦେଇ ବୃକ୍ଷରୋପଣ କରିଥିଲେ।

# ସଡ଼କ ସୁରକ୍ଷା ଓ ଦୁର୍ଘଟଣା ହ୍ରାସ କର୍ମଶାଳା ନେଇ ପ୍ରସ୍ତୁତି ବୈଠକ

ଭୁବନେଶ୍ୱର, ୦୯/୦୭ (ନି.ପ୍ର): ବଢୁଥିବା ଜନସଂଖ୍ୟା ଓ ସଚେତନତା ଅଭାବରୁ ଦିନକୁ ଦିନ ସଡ଼କ ଦୁର୍ଘଟଣା ଘଟଣାମାନ ଦେଖିବାକୁ ମିଳୁଛି । ଦ୍ରୁତ ଗତିରେ ଗାଡ଼ି ଚଳାଇବା, ହେଲ୍‌ମେଟ୍ ପରିଧାନ ନ କରିବା, ଟ୍ରାଫିକ୍ ନିୟମ ନ ମାନିବା ଏବଂ ମଦ୍ୟପାନ କରି ଗାଡ଼ି ଚଳାଇବା ଯୋଗୁଁ ଅନେକ ଦୁର୍ଘଟଣା ଘଟିବା ସହ ଧନଜୀବନ ହାନି ଘଟୁଛି । ସଡ଼କ ଦୁର୍ଘଟଣାକୁ ହ୍ରାସ କରିବା ଏବଂ ସୁରକ୍ଷିତ ଯାତ୍ରାକୁ ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ ଆଗାମୀ ଦିନରେ ଏକ ଦୁଇଦିନିଆ କର୍ମଶାଳା ହେବାକୁ ଯାଉଛି । ଏହି ପରିପ୍ରେକ୍ଷୀରେ ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ଶ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଅଧ୍ୟକ୍ଷତାରେ ପ୍ରଥମ ପର୍ଯ୍ୟାୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ରାଜ୍ୟର ବିଭିନ୍ନ ଜିଲ୍ଲାରେ ଦୁର୍ଘଟଣାର ସ୍ଥିତି, ଦୁର୍ଘଟଣାର କାରଣ ଏବଂ ଏହାକୁ କମ୍ କରିବା ଦିଗରେ କ'ଣସବୁ ପଦକ୍ଷେପ ନିଆଯାଇପାରିବ ସେଥିନେଇ ଆଲୋଚନା ହୋଇଥିଲା । ଏଥିରେ ରାଜ୍ୟର ବିଭିନ୍ନ ସ୍ଥାନରେ ଥିବା ଦୁର୍ଘଟଣାପ୍ରବଣ ଅଂଚଳ ଚିହ୍ନଟ ସହ ଏହାର ସଠିକ୍ ପରିଚାଳନା, ଆଧୁନିକ ଜ୍ଞାନକୌଶଳର ବ୍ୟବହାର କରି ଉନ୍ନତ ତଥା ଦୁର୍ଘଟଣାମୁକ୍ତ ରାସ୍ତା ନିର୍ମାଣ, ଜାତୀୟ ରୋଡ୍ କଂଗ୍ରେସ୍ ମାର୍ଗଦର୍ଶିକା ଅନୁସାରେ ପାଦଚଲା ରାସ୍ତା ନିର୍ମାଣ ଏବଂ ବିଭିନ୍ନ ବିଭାଗ ସମନ୍ୱୟରେ ଜିଲ୍ଲାୱାରୀ ସଡ଼କ ଦୁର୍ଘଟଣା ହ୍ରାସ ଲାଗି ଆକ୍ସନ୍ ପ୍ଲାନ୍ ପ୍ରସ୍ତୁତ ଉପରେ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ଗୁରୁତ୍ୱାରୋପ କରିଥିଲେ ।

# ଓଡ଼ିଶାରେ ମତ୍ସ୍ୟଚାଷ ଓ ଜଳଜୀବ ପାଳନ ବିକାଶ ଯୋଜନାର ସମୀକ୍ଷା କଲେ କେନ୍ଦ୍ରମନ୍ତ୍ରୀ ରାଜୀବ ରଞ୍ଜନ ସିଂହ

ଭୁବନେଶ୍ୱର, ୦୯/୦୭ (ନି.ପ୍ର): ଭାରତ ସରକାରଙ୍କ ମତ୍ସ୍ୟ, ପଶୁପାଳନ ଏବଂ ଦୁଗ୍ଧ ଉତ୍ପାଦନ ମନ୍ତ୍ରଣାଳୟ ପକ୍ଷରୁ ୮ ଜୁଲାଇ ୨୦୨୬ରେ ଓଡ଼ିଶାର ଭୁବନେଶ୍ୱରଠାରେ 'ଓଡ଼ିଶାରେ ମତ୍ସ୍ୟ ଏବଂ ଜଳଜୀବ ପାଳନ କ୍ଷେତ୍ରର ବିକାଶ ପାଇଁ ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମର ରୂପାୟନ' ସମ୍ପର୍କିତ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ କେନ୍ଦ୍ର ମତ୍ସ୍ୟ, ପଶୁପାଳନ ଓ ଦୁଗ୍ଧ ଉତ୍ପାଦନ ଏବଂ ପଂଚାୟତିରାଜ ମନ୍ତ୍ରୀ ଶ୍ରୀ ରାଜୀବ ରଞ୍ଜନ ସିଂହ ଅଧ୍ୟକ୍ଷତା କରିଥିଲେ। ଏହି ବୈଠକରେ ଶିକ୍ଷା ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ, କେନ୍ଦ୍ର ମତ୍ସ୍ୟପାଳନ, ପଶୁପାଳନ ଓ ଦୁଗ୍ଧ ଉତ୍ପାଦନ ଏବଂ ପଂଚାୟତିରାଜ ମନ୍ତ୍ରଣାଳୟର ରାଷ୍ଟ୍ରମନ୍ତ୍ରୀ ପ୍ରଫେସର ଏସ୍.ପି. ସିଂହ ବଘେଲ ଏବଂ ଓଡ଼ିଶା ସରକାରଙ୍କ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ଏବଂ ଏମ୍ଏସ୍ଏମ୍ଇ ମନ୍ତ୍ରୀ ଶ୍ରୀ ଗୋକୁଳାନନ୍ଦ ମଲ୍ଲିକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଏହା ସହିତ ଭାରତ ସରକାରଙ୍କ ମତ୍ସ୍ୟଚାଷ ବିଭାଗ, ଓଡ଼ିଶା ରାଜ୍ୟ ମତ୍ସ୍ୟଚାଷ ବିଭାଗ, ଜାତୀୟ ମତ୍ସ୍ୟଚାଷ ବିକାଶ ବୋର୍ଡ , ଆଇସିଏଆର ପ୍ରତିଷ୍ଠାନ ସମୂହ, ଏନସିଡିସିର ଅଧିକାରୀବୃନ୍ଦ ଏବଂ ପାରାଦୀପ ପୋର୍ଟ ଟ୍ରଷ୍ଟର ପ୍ରତିନିଧିମାନେ ମଧ୍ୟ ଏହି ବୈଠକରେ ଅଂଶଗ୍ରହଣ କରିଥିଲେ। ଏହି ବୈଠକ ଅବସରରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ସିଂହ ଓଡ଼ିଶାର ପ୍ରଶଂସା କରି କହିଛନ୍ତି ଯେ, ବିବିଧ ପ୍ରକାରର ମଧୁର ଜଳ, ଲୁଣା ଜଳ ଏବଂ ସାମୁଦ୍ରିକ ମତ୍ସ୍ୟ ସମ୍ପଦକୁ ନେଇ ଓଡ଼ିଶା ଏକ ପ୍ରମୁଖ ମତ୍ସ୍ୟପାଳନ କେନ୍ଦ୍ର ଭାବେ ଉଭା ହୋଇଛି। ରାଜ୍ୟରେ ୨୦୨୫-୨୬ ବର୍ଷରେ ୧୨.୭୦ ଲକ୍ଷ ମେଟ୍ରିକ ଟନ ମାଛ ଉତ୍ପାଦନ ହୋଇଛି। ଏହି କ୍ଷେତ୍ର ପ୍ରାୟ ୧୬ ଲକ୍ଷରୁ ଅଧିକ ମତ୍ସ୍ୟଜୀବୀଙ୍କୁ ଜୀବିକା ଯୋଗାଇ ଦେଉଛି ଏବଂ ଏହାଦ୍ୱାରା ୫,୪୨୯ କୋଟି ଟଙ୍କାର ସାମୁଦ୍ରିକ ଖାଦ୍ୟ ରପ୍ତାନି ସମ୍ଭବ ହୋଇପାରିଛି। ସେ କହିଥିଲେ ଯେ 'ପ୍ରଧାନମନ୍ତ୍ରୀ ମତ୍ସ୍ୟ ସମ୍ପଦ ଯୋଜନା' ଅଧୀନରେ ଓଡ଼ିଶାକୁ ବ୍ୟାପକ ସହାୟତା ମିଳିଛି। ଏଥିରେ ୧,୩୦୧ କୋଟି ଟଙ୍କାରୁ ଅଧିକ ମୂଲ୍ୟର ପ୍ରକଳ୍ପକୁ ମଞ୍ଜୁରୀ ଦିଆଯାଇଛି, ଯାହା ମାଛ ଉତ୍ପାଦନ ବୃଦ୍ଧି, ଭିତ୍ତିଭୂମି ବିକାଶ, ଆଧୁନିକ ଜ୍ଞାନକୌଶଳର ବ୍ୟବହାର, ମତ୍ସ୍ୟଜୀବୀଙ୍କ କଲ୍ୟାଣ ଏବଂ ଅମଳ ପରବର୍ତ୍ତୀ ସୁବିଧା ସୁଯୋଗ କ୍ଷେତ୍ରକୁ ସାମିଲ କରୁଛି। କେନ୍ଦ୍ରମନ୍ତ୍ରୀ ଓଡ଼ିଶା ସରକାରଙ୍କୁ ମତ୍ସ୍ୟପାଳନର ମୂଲ୍ୟଶୃଙ୍ଖଳକୁ ଅଧିକ ମଜବୁତ କରିବାକୁ ଏବଂ ମତ୍ସ୍ୟଜୀବୀ, ମାଛ ଚାଷୀ, ରପ୍ତାନିକାରୀ, ସମବାୟ ସମିତି, ମତ୍ସ୍ୟ ଚାଷୀ ଉତ୍ପାଦକ ସଂଗଠନ ଓ ଅନ୍ୟାନ୍ୟ ଅଂଶୀଦାରମାନଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରି ରପ୍ତାନିର ଅପୂର୍ଣ୍ଣ ସମ୍ଭାବନାର ସୁଯୋଗ ନେବାକୁ ଅନୁରୋଧ କରିଛନ୍ତି। ଏହା ସହିତ ସେ ଦକ୍ଷତା ବୃଦ୍ଧି, ଆଧୁନିକ ପ୍ରକ୍ରିୟାକରଣ ଜରିଆରେ ମୂଲ୍ୟ ସଂଯୋଜନକୁ ପ୍ରୋତ୍ସାହନ ଏବଂ ବଜାରରେ ପ୍ରତିଯୋଗିତା ମନୋଭାବ ବଢ଼ାଇବା ସହ ରପ୍ତାନିର ସୁଯୋଗ ସୃଷ୍ଟି କରିବା ଏବଂ ମତ୍ସ୍ୟ ଚାଷୀଙ୍କ ଆୟ ବୃଦ୍ଧି ପାଇଁ ମାଛର ପ୍ରଜାତି ଓ ମତ୍ସ୍ୟଜାତ ଦ୍ରବ୍ୟରେ ବିବିଧତା ଆଣିବା ଉପରେ ଗୁରୁତ୍ୱ ଦେଇଥିଲେ। ଭାରତ ସରକାରଙ୍କ ମତ୍ସ୍ୟପାଳନ ବିଭାଗର ସଚିବ (ମତ୍ସ୍ୟପାଳନ) ଡକ୍ଟର ଅଭିଲକ୍ଷ ଲିଖି ମତ୍ସ୍ୟପାଳନ ବିକାଶମୂଳକ କାର୍ଯ୍ୟକ୍ରମଗୁଡ଼ିକର ପ୍ରଭାବକୁ ବହୁଗୁଣିତ କରିବା ପାଇଁ କେନ୍ଦ୍ରୀୟ ଯୋଜନା, ରାଜ୍ୟର ବିଭିନ୍ନ ପଦକ୍ଷେପ, ଆର୍ଥିକ ଅନୁଷ୍ଠାନ ଏବଂ ଗବେଷଣା ପ୍ରତିଷ୍ଠାନଗୁଡ଼ିକ ମଧ୍ୟରେ ଏକ ପ୍ରଭାବଶାଳୀ ସମନ୍ୱୟ ରକ୍ଷା କରିବାର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ।

# ପଂଚସଖା ଶିକ୍ଷା ସେତୁର ଦ୍ୱିତୀୟ ପରିଚାଳନା ପରିଷଦ ବୈଠକ

ଭୁବନେଶ୍ୱର, ୦୯/୦୭ (ନି.ପ୍ର): ପଂଚସଖା ଶିକ୍ଷା ସେତୁ ସଂଗଠନର ଦ୍ୱିତୀୟ ପରିଚାଳନା ପରିଷଦ ବୈଠକ ଆଜି ଲୋକସେବା ଭବନ ସ୍ଥିତ ସମ୍ମିଳନୀ କକ୍ଷରେ ସଂଗଠନର ଅଧ୍ୟକ୍ଷ ତଥା ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ସଂଗଠନ ମାଧ୍ୟମରେ ବିଦ୍ୟାଳୟମାନଙ୍କରେ କରାଯାଉଥିବା ବିଭିନ୍ନ କାର୍ଯ୍ୟକ୍ରମର ସମୀକ୍ଷା ସହ ଆଗାମୀ ବର୍ଷର କାର୍ଯ୍ୟଯୋଜନା, ବଜେଟ୍ ଏବଂ ସଂଗଠନର ସାମଗ୍ରିକ କାର୍ଯ୍ୟକଳାପ ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ମୁଖ୍ୟ ଶାସନ ସଚିବବିଦ୍ୟାଳୟରେ ଶିକ୍ଷାର ବିକାଶ ପାଇଁ ପଂଚଶିକ୍ଷା ସେତୁ ସଂଗଠନ କିପରି କାର୍ଯ୍ୟ କରୁଛି, ସେଥିରେ ସ୍ଥାନୀୟ ଜନସାଧାରଣ ତଥା ଅଭିଭାବକମାନଙ୍କ ଠାରୁ ପରାମର୍ଶ ଓ ମତାମତ ସଂଗ୍ରହ ସହ ନିଜ ବିଦ୍ୟାଳୟର ଉନ୍ନତି ପାଇଁ ପୁରାତନ ଛାତ୍ରଛାତ୍ରୀମାନେ ଅଧିକରୁ ଅଧିକ ସକ୍ରିୟ ଭାବେ ସାମିଲ ହେବାକୁ ଆହ୍ୱାନ ଦେଇଛନ୍ତି । ସଂଗଠନର କାର୍ଯ୍ୟାବଳୀ ସମ୍ପର୍କରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ କମିଶନର ତଥା ଶାସନ ସଚିବ ଶ୍ରୀ ଏନ୍ ତିରୁମାଳା ନାଏକ ଉପସ୍ଥାପନ କରିଥିଲେ । ବୈଠକରୁ ଜଣାଯାଇଛି ଯେ, 'ପୁରାତନ ଛାତ୍ରଛାତ୍ରୀ ସଂଯୋଗ କାର୍ଯ୍ୟକ୍ରମ' ଅଧୀନରେ ଏପର୍ଯ୍ୟନ୍ତ ରାଜ୍ୟରେ ୧୧.୫୬ ଲକ୍ଷରୁ ଅଧିକ ପୁରାତନ ଛାତ୍ରଛାତ୍ରୀ ସଂଯୁକ୍ତ ହୋଇଥିବା ବେଳେ ୮୦,୩୩୪ଟି ପ୍ରକଳ୍ପ କାର୍ଯ୍ୟକାରୀ ହୋଇଛି। ପୁରାତନ ଛାତ୍ରଛାତ୍ରୀଙ୍କଠାରୁ ୨୮ କୋଟି ଟଙ୍କାରୁ ଅଧିକ ଅବଦାନ ସଂଗୃହୀତ ହୋଇଥିବା ବେଳେ ସରକାରଙ୍କ ପକ୍ଷରୁ ୫୭୧ କୋଟି ଟଙ୍କାର ଦୁଇଗୁଣା ମ୍ୟାଚିଂ ଗ୍ରାଂଟ ପ୍ରଦାନ କରାଯାଇଛି। ଏହି ଅନୁଦାନ ବିଦ୍ୟାଳୟଗୁଡ଼ିକର ମରାମତି, ଅତିରିକ୍ତ ଶ୍ରେଣୀଗୃହ ଏବଂ ବହୁମୁଖୀ ସଭାଗୃହ ନିର୍ମାଣ, ବିଜ୍ଞାନାଗାର, ପାଠାଗାର, ରୋଷେଇ ଘର, ସାଇକେଲ ଷ୍ଟାଣ୍ଡ, ଆସବାବପତ୍ର ଓ ଅନ୍ୟାନ୍ୟ ଭିତ୍ତିଭୂମି ବିକାଶ ଭଳି କାର୍ଯ୍ୟ କରାଯାଉଛି ।ଆଗାମୀ ଆର୍ଥିକ ବର୍ଷ ପାଇଁ ଏହି ଯୋଜନା ନିମନ୍ତେ ୮୦ କୋଟି ଟଙ୍କା ପ୍ରାବଧାନ ରଖାଯାଇଛି। ୨୦୨୫-୨୬ ବର୍ଷରେ ମୋଟ ୨୦,୦୬୪ ପୁରାତନ ଛାତ୍ରଛାତ୍ରୀ ନିଜ ବିଦ୍ୟାଳୟମାନଙ୍କ ସହ ଯୋଡ଼ି ହୋଇଛନ୍ତି ଏବଂ ସେମାନେ ୧୫.୮୭ କୋଟିର ଅନୁଦାନ ପ୍ରଦାନ କରିଥିବା ବେଳେ ସରକାରଙ୍କ ପକ୍ଷରୁ ୨ ଗୁଣା ଅନୁଦାନ ହିସାବରେ ୩୧.୭୫ କୋଟି ଟଙ୍କା ପ୍ରଦାନ କରାଯାଇଛି । ବୈଠକରେ ପଂଚସଖା ଶିକ୍ଷା ସେତୁ ସଂଗଠନର ବିଭିନ୍ନ ଜିଲ୍ଲାରେ କାର୍ଯ୍ୟକାରିତା ସଫଳ କାହାଣୀ ଉପସ୍ଥାପନ କରାଯାଇଥିଲା । ପଂଚସଖା ଶିକ୍ଷା ସେତୁ ସଂଗଠନର କାର୍ଯ୍ୟ ସମୀକ୍ଷା କରି ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଗର୍ଗ ଏହାର ୱେବ୍ ସାଇଟ୍ କୁ ବିକଶିତ ଓ ଅଦ୍ୟତନ କରିବା ସହ ଏହାକୁ ଯେପରି ପୁରାତନ ଛାତ୍ରଛାତ୍ରୀମାନେ ସୁବିଧାରେ ଓ ସହଜରେ ବ୍ୟବହାର କରି ସେମାନଙ୍କର ଅନୁଦାନ ରାଶି ବିଦ୍ୟାଳୟକୁ ପଠାଇପାରିବେ ଓ ତଥ୍ୟ ଜାଣିପାରିବେ, ସେ ସଂପର୍କରେ ପରାମର୍ଶ ଦେଇଥିଲେ । ପଂଚସଖା ଶିକ୍ଷା ସେତୁ ସଂଗଠନ ବିଦ୍ୟାଳୟ ଭିତ୍ତିଭୂମି ଉନ୍ନୟନ ସଙ୍ଗେ ସଙ୍ଗେ ବିଦ୍ୟାଳୟରେ ଶିକ୍ଷାର ଗୁଣାତ୍ମକ ବିକାଶରେ କିପରି ଯୋଗଦାନ ଦେଇପାରିବ, ସେଥିପ୍ରତି ଆଗେଇ ଆସିବାକୁ ସେ ପରାମର୍ଶ ଦେଇଛନ୍ତି । ଏଥି ସହିତ ସେ ସଂଗଠନପରିଚାଳନା କମିଟି ପୁନର୍ଗଠନ କରି କେତେକ ନୂତନ ସଦସ୍ୟମାନଙ୍କୁ ଅନ୍ତର୍ଭୁକ୍ତ କରିବାକୁ ପରାମର୍ଶ ଦେଇଛନ୍ତି ।

ବୈଠକରେ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର, ଐତିହ୍ୟ ବିଦ୍ୟାଳୟ କାର୍ଯ୍ୟକ୍ରମ, ଆକାଂକ୍ଷୀ ପାଠ୍ୟକ୍ରମ ଓ ଆକାଂକ୍ଷୀ ପରିଷଦ, ମହିଳା ସ୍ୱୟଂସହାୟକ ଗୋଷ୍ଠୀ ମାଧ୍ୟମରେ ବିଦ୍ୟାଳୟର ପରିଚ୍ଛନ୍ନତା ଓ ସୁରକ୍ଷା ବ୍ୟବସ୍ଥା, ମଧ୍ୟାହ୍ନ ଭୋଜନ ହଲ୍ ନିର୍ମାଣ ସମେତ ବିଭିନ୍ନ କାର୍ଯ୍ୟକ୍ରମର ଅଗ୍ରଗତି ସମୀକ୍ଷା କରାଯାଇଥିଲା।ବିଦ୍ୟାଳୟ ସମ୍ପତ୍ତିର ନିୟମିତ ମରାମତି ଓ ରକ୍ଷଣାବେକ୍ଷଣ, କର୍ପୋରେଟ୍ ସାମାଜିକ ଦାୟିତ୍ୱ ( ସିଏସଆର) ଅବଦାନ ବୃଦ୍ଧି, ଆଲୁମନି ସଂଯୋଗକୁ ଅଧିକ ବ୍ୟାପକ କରିବା ସହ ଡିଜିଟାଲ୍ ପ୍ରଣାଳୀ ମାଧ୍ୟମରେ କାର୍ଯ୍ୟକ୍ରମ ପରିଚାଳନାକୁ ସରଳ, ସହଜକରିବା ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ପ୍ରକଳ୍ପଗୁଡ଼ିକର ତ୍ୱରିତ ମୂଲ୍ୟାଙ୍କନ ଓ ପ୍ରଭାବ ଆକଳନ ବ୍ୟବସ୍ଥା କରିବାକୁ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଗର୍ଗ ପରାମର୍ଶ ଦେଇଛନ୍ତି । ସେ କହିଥିଲେ ଯେ, ଏହା ଦ୍ୱାରା ସେଗୁଡ଼ିକର ବାସ୍ତବ କାର୍ଯ୍ୟକାରିତା ତଦାରଖ ସହ ସେସବୁର ଗୁଣବତ୍ତା, ସ୍ଥାୟିତ୍ୱଏବଂ ବିଦ୍ୟାଳୟର ବିକାଶ ସଂପର୍କରେ ଉପଯୁକ୍ତ ଅନୁଧ୍ୟାନ କରାଯାଇପାରିବ। ବୈଠକ ପରେ ଗଣମାଧ୍ୟମ ଜରିଆରେ ବାର୍ତ୍ତା ଦେଇ ଶ୍ରୀମତୀ ଗର୍ଗ ପୁରାତନ ଛାତ୍ରଛାତ୍ରୀମାନଙ୍କୁ ନିଜ ଶିକ୍ଷାନୁଷ୍ଠାନ ସହ ସମ୍ପର୍କ ଯୋଡ଼ି ବିଦ୍ୟାଳୟର ସାମଗ୍ରିକ ବିକାଶରେ ସହଭାଗୀ ହେବାକୁ ଆହ୍ୱାନ ଦେଇଛନ୍ତି । ସେ କହିଛନ୍ତି ଯେ, ଦେଶ ବିଦେଶର ରହୁଥିବା ପୁରାତନ ଛାତ୍ରଛାତ୍ରୀମାନେ ମଧ୍ୟ ସେମାନଙ୍କର ଅନୁଭୂତି, ଅଭିଜ୍ଞତା ଓ ଅବଦାନ ବିଦ୍ୟାଳୟଗୁଡ଼ିକୁ ଆହୁରି ସମୃଦ୍ଧ କରିବା ସହ ଭବିଷ୍ୟତ ପିଢ଼ି ପାଇଁ ଉତ୍ତମ ଶିକ୍ଷା ପରିବେଶ ସୃଷ୍ଟିରେ ସହାୟକ ହେବ। ବୈଠକରେ ସଂଗଠନର ସଦସ୍ୟ ସଚିବ, ପଂଚସଖା ଶିକ୍ଷା ସେତୁ ସଂଗଠନ ତଥା ଓସେପାର ପ୍ରକଳ୍ପ ନିର୍ଦ୍ଦେଶିକା ଶ୍ରୀମତୀ ଅନନ୍ୟା ଦାସ, ସଂଗଠନର ମୁଖ୍ୟ ପରିଚାଳନା ଅଧିକାରୀ ଶ୍ରୀମତୀ ରାଜଲକ୍ଷ୍ମୀ ଦାଶଙ୍କ ସମେତ ପରିଚାଳନା ପରିଷଦର ସମସ୍ତ ସଦସ୍ୟ, ସଦସ୍ୟା ଏବଂ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।ସମସ୍ତ ଜିଲ୍ଲାର ଜିଲ୍ଲାପାଳମାନେ ଆଭାସୀ ମାଧ୍ୟମରେ ବୈଠକରେ ଯୋଗଦେଇଥିଲେ ।

# ବିଚିତ୍ରା



# ପେଟ ଗରମ ହେବାରୁ ମୁକ୍ତି ଦିଏ ଏହି ମସଲା

**ଆଜିକାଲି ରାଜ୍ୟର ଅଧିକାଂଶ ଜିଲ୍ଲାରେ ତାପମାତ୍ରା ୪୦ ଡିଗ୍ରୀ ସେଲସିୟସ ଉପରେ ରହୁଛି। ବର୍ଦ୍ଧିତ ଗରମ ଶରୀରରେ ପାଣି ଏବଂ ଇଲେକ୍ଟ୍ରୋଲାଇଟ୍ସ ହ୍ରାସ ପାଏ, ଯାହା ଫଳରେ ଥକାପଣ, ପେଟ ପୋଡ଼ିବା, ଦୁର୍ବଳତା, ମୁଣ୍ଡ ବିନ୍ଧା ଏବଂ ଗାଢ଼ ହଳଦିଆ ପରିସ୍ରା ଭଳି ଲକ୍ଷଣ ଦେଖାଯାଏ। ଏହାକୁ ଏଡାଇବା ପାଇଁ, ଦିନସାରା ପାଣି ପିଅନ୍ତୁ। ପାଣି ବ୍ୟତୀତ, ଆପଣଙ୍କ ଖାଦ୍ୟରେ ଏମିତି କିଛି ମସଲା ସାମିଲ କରନ୍ତୁ। ଏହି ମସଲା ମିଶ୍ରିତ ପାଣି ପିଇବା ଦ୍ୱାରା ଡିହାଇଡ୍ରେସନ ରୋକିବାରେ ସାହାଯ୍ୟ ମିଳିବ। ଆସନ୍ତୁ ଜାଣିବା ସେହି ମସଲାଗୁଡ଼ିକ କ'ଣ।**

*ଗ୍ରୀଷ୍ମ ଋତୁରେ ଏହି ମସଲାଗୁଡ଼ିକୁ ଆପଣଙ୍କ ଖାଦ୍ୟରେ ସାମିଲ କରିବା ଉଚିତ:*



ପାନମହୁରି: ପାନମହୁରି ଶରୀରକୁ ଥଣ୍ଡା କରିବା, ପେଟର ଗରମକୁ କମାଇବା ଏବଂ ପାଚନ ଶକ୍ତିକୁ ଉନ୍ନତ କରିବା ପାଇଁ ଜଣାଶୁଣା। ଗ୍ରୀଷ୍ମ ଋତୁରେ ଏହାକୁ ସେବନ କରିବା ଦ୍ୱାରା ଅଂଶୁଘାତକୁ ଏଡାଇବା ଏବଂ ଶରୀରର ତାପମାତ୍ରା ନିୟନ୍ତ୍ରଣ କରିବା ପାଇଁ ବହୁତ ଲାଭଦାୟକ ବୋଲି ବିବେଚନା କରାଯାଏ।

ଧନିଆ ବିହନ: ଧନିଆ ମଧ୍ୟ ଶରୀରରେ ପିତ୍ତ ଏବଂ ଉତ୍ତାପକୁ ଶାନ୍ତ କରିବା ପାଇଁ ଏକ ଆୟୁର୍ବେଦିକ ଉପଚାର। ଏହାକୁ ସେବନ କରିବା ଦ୍ୱାରା ପେଟର ଜ୍ୱଳନ ହ୍ରାସ ହୁଏ, ପାଚନ ଶକ୍ତି ଉନ୍ନତ ହୁଏ ଏବଂ ରକ୍ତ ଶର୍କରା ନିୟନ୍ତ୍ରଣ କରିବାରେ ମଧ୍ୟ ସହାୟକ ହୁଏ।

ଗୁଜୁରାତି: ଗ୍ରୀଷ୍ମ ଋତୁରେ ଗୁଜୁରାତି ଶରୀରକୁ ଥଣ୍ଡା କରେ। ଏହା ଏସିଡିଟି, ପେଟ ଫୁଲିବା ଏବଂ ପାଚନ ସମସ୍ୟାରୁ ମୁକ୍ତି ଦେଇଥାଏ ଏବଂ ଏହାକୁ ସବୁ ଋତୁରେ ସେବନ କରାଯାଇପାରିବ।

ପୁଦିନା: ପୁଦିନାର ଏକ ଶୀତଳତା ପ୍ରଭାବ ମଧ୍ୟ ଅଛି, ଯାହା ଗ୍ରୀଷ୍ମ ଋତୁରେ ଶରୀରକୁ ଥଣ୍ଡା କରିବା ଏବଂ ପେଟର ଗରମକୁ ଶାନ୍ତ କରିବା ପାଇଁ ଉତ୍କୃଷ୍ଟ। ଏଥିରେ ମେନ୍ଥଲ ନାମକ ଏକ ଉପାଦାନ ଥାଏ, ଯାହା ପେଟ ଯନ୍ତ୍ରଣା, ଏସିଡିଟି, ବଦହଜମୀ ଏବଂ ଗ୍ୟାସରୁ ତୁରନ୍ତ ଆରାମ ପ୍ରଦାନ କରେ।

ଆମଚୁର: ଆମଚୁର ମସଲା ପାଚନ ପ୍ରକ୍ରିୟାକୁ ଉନ୍ନତ କରିବାରେ, ପେଟ ଫୁଲିବା ହ୍ରାସ କରିବାରେ ଏବଂ ଭୋକ ବୃଦ୍ଧି କରିବାରେ ସାହାଯ୍ୟ କରେ। ଆୟୁର୍ବେଦରେ, ଏହାର ଆଣ୍ଟିଅକ୍ସିଡାଣ୍ଟ ଏବଂ ଭିଟାମିନ୍ ସି ଗୁଣ ଯୋଗୁଁ ଏହାକୁ ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ ବୋଲି ବିବେଚନା କରାଯାଏ।

# ଘିଅ ବନାମ ଅଲିଭ୍‌ତେଲ

କେବଳ ସୁସ୍ଥ ରହିବାକୁ ଅଧିକାଂଶ ଭାରତୀୟଙ୍କ ଘରେ ଖାଦ୍ୟ ପଦାର୍ଥରେ ତେଲ କିମ୍ବା ଘିଅ ପଡ଼େ ନାହିଁ, ଏହା ସ୍ୱାଦ ଓ ସ୍ମରଣ ଶକ୍ତି ବୃଦ୍ଧି ପାଇଁ ବି ଦରକାର। ଚାମଚେ ଘିଅ ପକାଇ ଡାଲି ବଘାରି ଦେଲେ ତାହା ଚିରାଚରିତ ଭାରତୀୟ ବ୍ୟଞ୍ଜନ ପରି ମହକି ଉଠେ। ସେହିପରି ବ୍ୟଞ୍ଜନରେ ଅଲିଭ୍ ତେଲ ଟିକେ ପଡ଼ିଲେ ତାହା ଅତ୍ୟାଧୁନିକ ରାନ୍ଧଣା ହୋଇଯାଏ। ତେବେ ଘିଅ ଓ ଅଲିଭ୍ ତେଲ ମଧ୍ୟରେ କେଉଁଟି ଦେହ ପାଇଁ ଭଲ?

ଏବେ ଭାରତରେ ହୃଦ୍‌ରୋଗ, ମଧୁମେହ ଓ ମେଦ ବହୁଳତା ବୃଦ୍ଧି ପାଉଛି। ଏଥିପାଇଁ ଖାଦ୍ୟରେ ଥିବା ଚର୍ବିଜାତୀୟ ପଦାର୍ଥ ଦାୟୀ ବୋଲି ଇଣ୍ଡିଆନ୍ କାଉନ୍‌ସିଲ୍ ଅଫ୍ ମେଡିକାଲ୍ ରିସର୍ଚ୍ଚ ପକ୍ଷରୁ କୁହାଯାଇଛି। ଦୈନନ୍ଦିନ ଭୋଜନରେ ଯେଉଁ ତେଲ ବା ଘିଅ ବ୍ୟବହାର ହେଉଛି, ତାହା ହିଁ କୋଲେଷ୍ଟ୍ରଲ୍, ଅଧିକ ଓଜନ ଓ ଦୀର୍ଘ ଅସୁସ୍ଥତାକୁ ଡାକିଆଣୁଛି। ତେଣୁ ଘିଅ ବନାମ୍ ଅଲିଭ୍ ତେଲ ଭଳି ବିତର୍କ ଜନସ୍ୱାସ୍ଥ୍ୟ ପାଇଁ ପ୍ରାସଙ୍ଗିକ। ଅନେକ କାଳରୁ ଘିଅ ଭାରତୀୟ ବ୍ୟଞ୍ଜନର ଅଂଶବିଶେଷ ହୋଇ ରହିଛି। ମସଲାଯୁକ୍ତ ବ୍ୟଞ୍ଜନ ଓ ଅଧିକ ବା କମ୍ ଉତ୍ତାପରେ ଘିଅ ପକାଇ ବ୍ୟଞ୍ଜନ ରାନ୍ଧିଲେ କୌଣସି ସମସ୍ୟା ହୁଏ ନାହିଁ। ହେଲେ ଏବେ ଡାକ୍ତରମାନେ କହୁଛନ୍ତି, ଘିଅରେ ଅଧିକ ପରିମାଣର ଚର୍ବି ରହିଥାଏ। ଏହା ମାତ୍ରାଧିକ ଖାଇଲେ ହୃତ୍‌ପିଣ୍ଡ ଉପରେ କୁପ୍ରଭାବ ପକାଏ। କିନ୍ତୁ ସ୍ୱଳ୍ପ ପରିମାଣର ଖାଇଲେ ସ୍ୱାସ୍ଥ୍ୟପକ୍ଷେ ଉପକାରୀ ହୋଇଥାଏ। ଏଥିରେ ଭିଟାମିନ୍ ଏ, ଡି, ଇ ଓ କେ ଥାଏ। ଏସବୁ ଭିଟାମିନ୍ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ଓ ହାଡ଼ ସୁସ୍ଥ ରଖିବାରେ ବିଶେଷ ସହାୟକ ହୋଇଥାନ୍ତି।

ସେହିପରି ଅଲିଭ୍ ତେଲ ବିଶେଷକରି ଏକ୍‌ଷ୍ଟ୍ରା ଭର୍ଜିନ୍ ଅଲିଭ୍ ତେଲରେ ମନୋସାଚ୍ୟୁରେଟେଡ୍ ତୈଳାମ୍ଳ ଥାଏ। ଏହା ହୃତ୍‌ପିଣ୍ଡକୁ ସୁସ୍ଥ ରଖିବାରେସହାୟକ ହୁଏ ଓ କୋଲେଷ୍ଟ୍ରଲ୍ ନିୟନ୍ତ୍ରଣ କରେ। ତେବେ ଅଲିଭ୍ ତେଲ ସବୁ ପ୍ରକାର ଭାରତୀୟ ବ୍ୟଞ୍ଜନ ପାଇଁ ଉପଯୁକ୍ତ ନୁହେଁ। ଛଣାଛଣି, ତଡ଼କା ଓ ଅଧିକ ଉତ୍ତାପରେ ରନ୍ଧନ କରାଯାଉଥିବା ଖାଦ୍ୟରେ ଅଲିଭ୍ ତେଲ ପକାଇଲେ ତା'ର ଦ୍ରବ୍ୟଗୁଣ ନଷ୍ଟ ହୋଇଯାଏ। କିନ୍ତୁ, ସାଲାଡ୍, ବଙ୍ଗାଳିଆ ବ୍ୟଞ୍ଜନ ଓ ବ୍ୟଞ୍ଜନ ସିଦ୍ଧ ହେବା ପରେ ସେଥିରେ ଅଲିଭ୍ ତେଲ ପକାଇ ଖାଇବା ସ୍ୱାସ୍ଥ୍ୟ ପକ୍ଷେ ହିତକର।

ଦୈନନ୍ଦିନ ରୋଷେଇରେ ତେଲ ଉପରେ ବିଶେଷ ଧ୍ୟାନ ଦିଆଯାଇ ନ ଥାଏ। ବିଜ୍ଞାନ କହେ, ପ୍ରତ୍ୟେକ ତୈଳାମ୍ଳର 'ସ୍ମୋକ୍ ପଏଣ୍ଟ' ଥାଏ। ନିର୍ଦ୍ଦିଷ୍ଟ ତାପମାତ୍ରା ସଂସ୍ପର୍ଶରେ ଆସିଲେ



ତୈଳାମ୍ଳ ବିଘଟିତ ହୋଇଯାଏ। ଘିଅର ବିଘଟନ ଉତ୍ତାପ ହେଉଛି ପ୍ରାୟ ୨୩୦ ଡିଗ୍ରି ସେଲ୍‌ସିୟସ୍। କିନ୍ତୁ ଅଲିଭ୍ ତେଲ ବା ଏକ୍‌ଷ୍ଟ୍ରା ଭର୍ଜିନ୍ ଅଲିଭ୍ ତେଲର ବିଘଟନ ଉତ୍ତାପ ହେଉଛି ୧୬୦ରୁ ୧୯୦ ଡିଗ୍ରି ମଧ୍ୟରେ। ଏଥିରୁ ସ୍ପଷ୍ଟ ଯେ, କେଉଁ ଧରଣର ଭାରତୀୟ ବ୍ୟଞ୍ଜନ ପାଇଁ ତେଲ ଓ ଘିଅ ଭଲ। ଭୁଲ୍ ଉତ୍ତାପରେ ଭୁଲ୍ ତେଲ ପକାଇଲେ, ସେଥିରୁ କ୍ଷତିକାରକ ଉପାଦାନ ବାହାରିଥାଏ। ତେଣୁ ଅବସ୍ଥା ଦେଖି ବ୍ୟବସ୍ଥା ଭଳି ତେଲର ବ୍ୟବହାର ବ୍ୟଞ୍ଜନ ଉପରେ ନିର୍ଭର କରେ।

# ଭଲ ନିଦ ପାଇଁ ଆଜିହିଁ ଆରମ୍ଭ କରନ୍ତୁ ଏହି ଆୟୁର୍ବେଦିକ ପାନୀୟ

ସୁସ୍ଥ ରହିବା ପାଇଁ ଆମେ ପ୍ରତିଦିନ ରାତିରେ ଅତି କମରେ ୮ ଘଣ୍ଟା ଶୋଇବା ଉଚିତ ବୋଲି ଡାକ୍ତର ପରାମର୍ଶ ଦିଅନ୍ତି । କିନ୍ତୁ ଶୋଇବାକୁ ଚେଷ୍ଟା କରିବା ବେଳେବେଳେ କଷ୍ଟକର ହୋଇଥାଏ । ଆପଣ ପ୍ରକୃତରେ ଶୋଇବା ଅପେକ୍ଷା କିଛି ସମୟ ଶୋଇବା ପାଇଁ ଚେଷ୍ଟା କରିନ୍ତି ଏବଂ ସମୟ ଚାଲିଯାଏ । ଏହାର ସମାଧାନ ହଜାର ହଜାର ବର୍ଷ ଧରି ଥିବା ଆୟୁର୍ବେଦ ପାଖରେ ଅଛି । ଆସନ୍ତୁ ଦେଖିବା ଏହି ଆୟୁର୍ବେଦିକ ନିଦ ବୃଦ୍ଧିକରିବା ପାଇଁ କଣ କଣ ଉପାୟ ଦେଇଥାଏ । ଭଲ ନିଦ ପାଇଁ ଆମକୁ ସଠିକ ଭାବରେ ଖାଇବା ପିଇବା କରିବା ଉଚିତ୍ । ସେଥି ମଧ୍ୟରୁ ଆମେ ପିଇବା ପାଇଁ କଣ କଣ କରିପାରିବା ଆସନ୍ତୁ ଦେଖିବା । ପ୍ରଥମ ପାନୀୟ ହେଉଛି ମୁନ୍ ଡ୍ରିଙ୍କ୍ ;ଏକ ପାରମ୍ପରିକ ଆୟୁର୍ବେଦିକ ରେସିପି । ଏହା କିପରି ପ୍ରସ୍ତୁତ କରିବା ଆସନ୍ତୁ ଜାଣିବା ଏହା ଉଷୁମ କ୍ଷୀର, ହଳଦୀ, ଜାଇଫଳ ଏବଂ କେସର ସହିତ ତିଆରି କରାଯାଏ । ହଳଦୀ କ୍ଷତ ଏବଂ ପ୍ରଦାହକୁ ସୁସ୍ଥ କରିବା ଏବଂ ସଂକ୍ରମଣରୁ ସୁରକ୍ଷା ପ୍ରଦାନ କରିବା ପାଇଁ ଜଣାଶୁଣା । ଜାଇଫଳ ଏବଂ କେସର ଚିନ୍ତା ସମ୍ବନ୍ଧୀୟ ସ୍ୱାସ୍ଥ୍ୟ ସମସ୍ୟାର ଚିକିତ୍ସାରେ ସହାୟକ । ଦ୍ୱିତୀୟ ପାନୀୟ ଏହି ପାନୀୟ ତିଆରି କରିବା ପାଇଁ ୧ କପ୍ କ୍ଷୀର ଗରମ କରନ୍ତୁ। ୧ ଚାମଚ ହଳଦୀ, ଅଧ ଚାମଚ ଜାଇଫଳ ପାଉଡର ଏବଂ ଏକ ଚିମୁଟା କେସର ମିଶାନ୍ତୁ । ଏହି ଗୋଲଡେନ ପାନୀୟ ଆପଣଙ୍କ ଶରୀର ଏବଂ ମନ



ଉପରେ ଅତ୍ୟନ୍ତ ଶାନ୍ତ ପ୍ରଭାବ ପକାଇଥାଏ । ନିଦ ଆଣିବା ପାଇଁ ଆମର ତୃତୀୟ ପାନୀୟ ହେଉଛି ଯଷ୍ଟିମଧୁ ପାନୀୟ ଏବଂ ଏହାକୁ ଲାଇକୋରାଇସ୍ ପାନୀୟ ମଧ୍ୟ କୁହାଯାଏ । ଏହା କ୍ଷୀର ଏବଂ ଯଷ୍ଟିମଧୁ ସହିତ ତିଆରି କରାଯାଏ ଯାହାକୁ ଆଗରୁ 'ଲାଇକୋରାଇସ୍' କୁହାଯାଏ । ଯଷ୍ଟିମଧୁ ଶୁଖିଲା ମୂଳ, ପାଉଡର ଏବଂ ଟ୍ୟାବଲେଟର ଖଣ୍ଡ ଭାବରେ ଉପଲବ୍ଧ।

# ସାବଧାନ ! ଆପଣଙ୍କ ଘର ଆପଣଙ୍କ ପିଲାର ପ୍ରଗତିରେ ବାଧା ସୃଷ୍ଟି କରୁଛି କି ?



ଆପଣଙ୍କ ପିଲାର ଶିକ୍ଷାରେ ସଫଳତା କେବଳ ଶ୍ରେଣୀଗୃହରେ ଧ୍ୟାନ ଦେବା ପର୍ଯ୍ୟନ୍ତ ସୀମିତ ନୁହେଁ। ଗବେଷଣାରୁ ଜଣାପଡ଼ିଛି ଯେ ପିଲା ଯେଉଁ ଘରେ ରହେ ତାହା ସିଧାସଳଖ ତାଙ୍କ ପାଠପଢ଼ା ଏବଂ ପରୀକ୍ଷା ଫଳାଫଳକୁ ପ୍ରଭାବିତ କରେ । ଅଧିକ ଭିଡ଼,ଆର୍ଦ୍ରତା ଏବଂ ଅନୁପଯୁକ୍ତ ଗରମ ପିଲାମାନଙ୍କ ସ୍ୱାସ୍ଥ୍ୟ ସହିତ ସେମାନଙ୍କ ଶିକ୍ଷାଗତ ଋତୁକୁ ମଧ୍ୟ ପ୍ରଭାବିତ କରେ। ଆସନ୍ତୁ ଦେଖିବା ଗବେଷଣା କ'ଣ ପାଇଛି । ଜର୍ଣ୍ଣାଲ ଅଫ୍ ଏପିଡେମିଓଲୋଜି ଆଣ୍ଡ କମ୍ୟୁନିଟି ହେଲ୍ଥରେ ପ୍ରକାଶିତ ଏକ ସାମ୍ପ୍ରତିକ ଅଧ୍ୟୟନରୁ ଜଣାପଡ଼ିଛି ଯେ ଖରାପ ଘର ପରିବେଶରେ ରହୁଥିବା ପିଲାମାନଙ୍କଠାରେ ସ୍କୁଲରେ ଅନୁପସ୍ଥିତି ଏବଂ ନିମ୍ନ ମାର୍କର ହାର ଅଧିକ ଥାଏ, ବିଶେଷକରି ଇଂରାଜୀ ଏବଂ ଗଣିତ ଭଳି ପ୍ରମୁଖ ବିଷୟଗୁଡ଼ିକରେ। ଗବେଷକଙ୍କ ଅନୁଯାୟୀ, ଭଲ ଘରଗୁଡ଼ିକ କେବଳ ପିଲାମାନଙ୍କୁ ରୋଗରୁ ରକ୍ଷା କରେ ନାହିଁ ବରଂ ସେମାନଙ୍କର ଶୈକ୍ଷିକ ପ୍ରଦର୍ଶନକୁ ମଧ୍ୟ ଉନ୍ନତ କରେ। ଅଧ୍ୟୟନରୁ ଜଣାପଡିଛି ଯେ ଇଂଲଣ୍ଡରେ ଖରାପ ଘର ପରିବେଶରେ ରହୁଥିବା ପିଲାମାନେ ହାରାହାରି ୧୫ ଦିନ ଅଧିକ ସ୍କୁଲ ଛାଡ଼ିଛନ୍ତି। ଏହି ପିଲାମାନଙ୍କର ପରୀକ୍ଷା ସ୍କୋର ମଧ୍ୟ ସେମାନଙ୍କ ସାଥୀମାନଙ୍କ ତୁଳନାରେ କମ୍ ଥିଲା।

# ଇନ୍‌ହେଲରର ବିକଳ୍ପ ହେବ କି ଲୁନ୍‌ସେକିମିଗ୍ !

**୨୦୧୯ ସୁଦ୍ଧା ସାରା ବିଶ୍ୱରେ ୨୬୨ ନିୟୁତ ଆଜ୍‌ମା ବା ଶ୍ୱାସରୋଗୀ ଚିହ୍ନଟ ହୋଇଥିବା ପରିସଂଖ୍ୟାନରୁ ଜଣାପଡ଼େ। ବିଶ୍ୱର ସମୁଦାୟ ଆଜ୍‌ମା ରୋଗୀଙ୍କ ମଧ୍ୟରୁ ପ୍ରାୟ ୧୩ ପ୍ରତିଶତ ହେଉଛନ୍ତି ଭାରତୀୟ। ପୃଥିବୀର ରୋଗୀ ସଂଖ୍ୟା ତୁଳନାରେ ଆମ ଦେଶରେ ଯଥେଷ୍ଟ କମ୍ ରୋଗୀ ଥିଲେ ମଧ୍ୟ ଏହା ଏକ ପ୍ରମୁଖ ସାର୍ବଜନୀନ ସ୍ୱାସ୍ଥ୍ୟ ସମସ୍ୟା ପାଲଟିବାରେ ଲାଗିଛି। ଯେଉଁ ଆଜ୍‌ମା ରୋଗୀମାନେ ଇନ୍‌ହେଲର ଉପରେ ନିର୍ଭର କରୁଛନ୍ତି, ଲୁନ୍‌ସେକିମିଗ୍ ନାମକ ନୂତନ ଔଷଧ ଏହାର ବିକଳ୍ପ ହୋଇପାରିବ ବୋଲି ଚର୍ଚ୍ଚା ହେଉଛି ? ଏହା କିପରି ଜଣେ ରୋଗୀଙ୍କ ପାଇଁ ଉପକାରୀ ହୋଇପାରିବ, ଆସନ୍ତୁ ତା' ଉପରେ ଆଲୋକପାତ କରିବା।**

## ଲୁନ୍‌ସେକିମିଗ୍ କ'ଣ ?

ଲୁନ୍‌ସେକିମିଗ୍ ନାମରେ ଜଣାଶୁଣା ଔଷଧ ହେଉଛି ଏକ ନିର୍ଦ୍ଦିଷ୍ଟ ଫର୍ମୁଲେସନ୍, ଯାହାକୁ ଶ୍ୱାସନଳୀ ପ୍ରଦାହର ମୁକାବିଲା ପାଇଁ ପ୍ରସ୍ତୁତ କରାଯାଇଛି। କାରଣ ପ୍ରଦାହ ଯୋଗୁଁ ଟିସୁର କ୍ଷତି ହୋଇଥାଏ। ଲୁନ୍‌ସେକିମିଗ୍ ହେଉଛି ଏକ ନୂତନ ପେଣ୍ଟାଭାଲେଣ୍ଟ୍ ନାନୋବଡି, ଯାହା ଆଜ୍‌ମା ଓ ଶ୍ୱାସକ୍ରିୟାଜନିତ ରୋଗରେ ନଷ୍ଟ ହେଉଥିବା ଟିସୁକୁ ସୁରକ୍ଷା ଦିଏ। ଟିଏସ୍‌ଏଲ୍‌ପି ଓ ଆଇଏଲ୍-୧୩ ଆଲର୍ଜିକୁ ଲୁନ୍‌ସେକିମିଗ୍ ଏକା ସାଙ୍ଗରେ ବ୍ଲକ୍ କରିଥାଏ।

## ଲୁନ୍‌ସେକିମିଗ୍‌ର ପରୀକ୍ଷାଫଳ

ଲୁନ୍‌ସେକିମିଗ୍‌ର ଦ୍ୱିତୀୟ ପର୍ଯ୍ୟାୟ ପରୀକ୍ଷଣ ଚାଲିଛି। ଗମ୍ଭୀର ଆଜ୍‌ମା ପୀଡ଼ିତ ୧୧୪୭ ଜଣ ବୟସ୍କଙ୍କ ଉପରେ ଏହାର ପରୀକ୍ଷଣ କରାଯାଇଥିଲା। ଶ୍ୱାସନଳୀର ପ୍ରଦାହ କମାଇବା ସହ ଫୁସ୍‌ଫୁସ୍‌ର କାର୍ଯ୍ୟକଳାପରେ ଉନ୍ନତି ଆଣିବା ଦିଗରେ ଏହା ସକାରାତ୍ମକ ଫଳ ଦେଇଥିଲା। ଏହି ଔଷଧ ସୁରକ୍ଷିତ ବୋଲି ମଧ୍ୟ ଜଣାପଡ଼ିଛି। ଇଓସିନୋଫିଲିକ୍ ଫେନୋଟାଇପ୍ ଥିବା ସିଓପିଡି ରୋଗୀଙ୍କଠାରେ ଏହାକୁ ପରୀକ୍ଷା କରାଯାଉଛି। ଏହାର ପରିଚାଳନା ପାଇଁ ବିଶ୍ୱର ୨୫୨ଟି ସ୍ଥାନ ଚୟନ କରାଯାଇଥିଲା। ଫ୍ରାକ୍ସନାଲ୍ ଇନ୍‌ହେଲ୍‌ଡ ନାଇଟ୍ରିକ୍ ଅକ୍ସାଇଡ୍ ହ୍ରାସ କରିବା, ଫୁସ୍‌ଫୁସ୍‌ର କାର୍ଯ୍ୟ ଉନ୍ନତ କରିବା ଓ ଫ୍ଲେୟାର-ଅପ୍ ସମସ୍ୟା କମାଇବା ଦିଗରେ ଏହା କାମ କରୁଥିବା ଫଳାଫଳରୁ ଜଣାପଡ଼ିଛି।

## ଭାରତରେ ଆଜ୍‌ମା ଚିକିତ୍ସା

ଆମ ଦେଶରେ ବାୟୁ ପ୍ରଦୂଷଣ ବୃଦ୍ଧି ପାଉଥିବାରୁ ଆଜ୍‌ମା ଆକ୍ରାନ୍ତଙ୍କ ସଂଖ୍ୟା ବଢୁଛି। ଏଭଳି କ୍ଷେତ୍ରରେ ରୋଗର ଚିକିତ୍ସା ପାଇଁ ଲୁନ୍‌ସେକିମିଗ୍ ଔଷଧ କାମରେ ଆସିପାରେ। ଏବେ ଶ୍ୱାସନଳୀର ପ୍ରଦାହର ଚିକିତ୍ସା ପାଇଁ ବ୍ୟବହୃତ ଇନ୍‌ହିଲ୍‌ଡ କୋର୍ଟିକୋଷ୍ଟେରୋଏଡ୍ ବା ବାୟୋଲୋଜିକ୍ ଔଷଧକୁ



ବର୍ତ୍ତମାନ ଆଜ୍‌ମା ଚିକିତ୍ସାରେ ବ୍ୟବହାର କରାଯାଉଛି। ଏହା ରୋଗୀଙ୍କ ଶରୀରରେ ଆଜ୍‌ମାର ପ୍ରଭାବ ଓ ଗମ୍ଭୀରତା ବିରୋଧରେ ଲଢ଼ିଥାଏ। ଇନ୍‌ହେଲର ବ୍ୟବହାର କମାଇବାରେ ଲୁନ୍‌ସେକିମିଗ୍ ସହାୟକ ହୋଇପାରେ ବୋଲି ଗବେଷକ ଚିନ୍ତା କରୁଛନ୍ତି। କାରଣ ଔଷଧ ଶ୍ୱାସନଳୀରେ ପହଞ୍ଚିବା ନିଶ୍ଚିତ କରିବା ପାଇଁ ଇନ୍‌ହେଲର ଉପକରଣ ପାଖରେ ରଖିବା ଦରକାର ହୋଇଥାଏ। ଇନ୍‌ହେଲର ସ୍ୱଳ୍ପମିଆଦୀ ଆଶ୍ୱସ୍ତି ପ୍ରଦାନ ସହ ଶ୍ୱାସନଳୀର ପ୍ରଦାହ କମ୍ କରିଥାଏ। ଏଥିସହିତ ଶ୍ୱାସରୁଦ୍ଧ ହେଲା ଭଳି ପରିସ୍ଥିତିରେ ତୁରନ୍ତ ଆରାମ ଦେଇଥାଏ। ଲୁନ୍‌ସେକିମିଗ୍ ଭଳି ପ୍ରଭାବଶାଳୀ ଔଷଧ ଏହାର ସ୍ଥାନ ନେଇପାରିବ ବୋଲି କୁହାଯାଉଛି।

ଏହାର ପରୀକ୍ଷଣ ବର୍ତ୍ତମାନ ଦ୍ୱିତୀୟ ପର୍ଯ୍ୟାୟରେ ଅଛି ଓ ଆଜ୍‌ମା ରୋଗୀଙ୍କ ଉପରେ ଏହା କିଭଳି ପ୍ରଭାବ ପକାଉଛି, ତାହା ପ୍ରମାଣ କରି ଜାଣିବାକୁ ଅଧିକ ପରୀକ୍ଷଣର ଆବଶ୍ୟକତା ରହିଛି। ଏହି ଔଷଧ ବ୍ୟବହାର ପାଇଁ ଏ ପର୍ଯ୍ୟନ୍ତ ଅନୁମୋଦିତ ହୋଇନାହିଁ। ଶ୍ୱାସଜନିତ ରୋଗର ପ୍ରଭାବ କମାଇବାକୁ ଏହାର ସୁରକ୍ଷିତ ଆବଣ୍ଟନ ପାଇଁ ତୃତୀୟ ପର୍ଯ୍ୟାୟ ପରୀକ୍ଷଣ ଅବଶ୍ୟକ। ତେବେ ଯେଉଁମାନେ ଇନ୍‌ହେଲର ମାଧ୍ୟମରେ ଶୀଘ୍ର ଆରାମ ପାଇପାରୁ ନାହାନ୍ତି, ସେମାନଙ୍କ କ୍ଷେତ୍ରରେ ଲୁନ୍‌ସେକିମିଗ୍ ଖୁବ୍ ଶୀଘ୍ର କାମ କରିବ ବୋଲି ପରୀକ୍ଷଣରୁ ଜଣାପଡ଼ିଛି। ସମ୍ପୂର୍ଣ୍ଣ ପରୀକ୍ଷଣ ଓ ସରକାରୀ ଘୋଷଣା ପରେ ଏହି ଔଷଧ ବଜାରରେ ଉପଲବ୍ଧ ହେବ।




ଭାରତର ଉପକୂଳବର୍ତ୍ତୀ ଅଞ୍ଚଳ ହେଉ କିମ୍ବା ଅନ୍ୟ କୌଣସି ସ୍ଥାନ ଖାଇବା ଥାଳିରେ ମାଛ ପରସା ଦେଖିଲେ ସମସ୍ତଙ୍କ ମନ ଗାର୍ଡେନ୍, ଗାର୍ଡେନ୍ ହୋଇଯାଏ । ଅନେକ ଲୋକ ମାଛ ଖାଇବାକୁ ଭାରି ପସନ୍ଦ କରନ୍ତି । ସେ ମାଛ ଭଜା ହେଉ କି ବେସର,ଚିଙ୍ଗୁଡ଼ି-ମାଛ ପଡ଼ି ଘାଣ୍ଟ ହେଉ କି ମସଲା ତରକାରୀ ବା ମାଛପୋଡ଼ା ଖାଇବାପ୍ରିୟ ଲୋକ ବିଭିନ୍ନ ଭେରାଇଟିର ରେସିପି ଖାଇବାକୁ ପସନ୍ଦ କରନ୍ତି । ମାଛରେ ଓମେଗା-୩ ଫ୍ୟାଟି ଏସିଡ୍, ପ୍ରୋଟିନ୍ ଭରପୂର ହୋଇ ରହିଥାଏ ଯାହା ହୃଦୟ, ମସ୍ତିଷ୍କ ଏବଂ ଚର୍ମ ପାଇଁ ବହୁତ ଭଲ । କିନ୍ତୁ କଣ୍ଟା ପାଇଁ କିଛି ଲୋକ ମାଛ ଖାଇପାରନ୍ତି ନାହିଁ । ମାଛରେ ଥିବା ଅଶୁଦ୍ଧତା ଏବଂ ଆଲର୍ଜୀ କାରଣରୁ ଏହି ସୁସ୍ଥ ଖାଦ୍ୟ ବେଳେବେଳେ ଶରୀରକୁ ବିପଦରେ ମଧ୍ୟ ପକାଇଦିଏ । ଆମେ ପୂର୍ବରୁ ଆପଣଙ୍କୁ କେଉଁ ଲୋକ ମାଛ ଖାଇପାରିବେ ସେନେଇ ସୂଚନା ଦେଇଛୁ ଆଜି ଆସନ୍ତୁ ଜାଣିବା କେଉଁ ଲୋକଙ୍କୁ ମାଛ ଖାଇବାରୁ ଦୂରେଇ ରହିବା ଉଚିତ୍ ।

ଜାତୀୟ ଗଣମାଧ୍ୟମର ରିପୋର୍ଟ ଅନୁସାରେ , ସାର୍କ, ସୋର୍ଡଫିସ୍ ଏବଂ କିଙ୍ଗ ମ୍ୟାକେରେଲ୍ ଭଳି କିଛି ସମୁଦ୍ର ମାଛ ଗର୍ଭବତୀ ମହିଳାଙ୍କ ସ୍ୱାସ୍ଥ୍ୟ ପାଇଁ ଆଦୌ ଭଲ ନୁହେଁ । ଏହା ଗର୍ଭସ୍ଥ ଶିଶୁର ମସ୍ତିଷ୍କ ବିକାଶକୁ ପ୍ରଭାବିତ କରିପାରେ । ଏହି ସମୟରେ ସାଲମନ, ଚିଙ୍ଗୁଡ଼ି ଏବଂ ହାଲୁକା ଟୁନା ଭଳି ମାଛ ଖାଇପାରିବେ । ସ୍ତନ୍ୟପାନ କରାଉଥିବା ମା' ଏଭଳି ମାଛକୁ ଖାଇଲେ କ୍ଷୀର ମାଧ୍ୟମରେ ଶିଶୁ ସ୍ନାୟୁତନ୍ତ୍ର ପ୍ରଭାବିତ ହୋଇପାରେ । ୧୧ ବର୍ଷରୁ କମ୍ ବୟସର ପିଲାମାନଙ୍କ ପାଇଁ ମଧ୍ୟ ଏଭଳି ମାଛ ଆଦୌ ହିତକର ନୁହେଁ । ଏହା ସେମାନଙ୍କ ଚିନ୍ତାଧାରା ଏବଂ ଗତିବିଧିକୁ ପ୍ରଭାବିତ କରିପାରେ । ସିଫୁଡ୍‌ରୁ ଆଲର୍ଜି ଥିବା ଲୋକଙ୍କ ପାଇଁ ମଧ୍ୟ ଏହି ମାଛ ଖାଇବା କୌଣସି ବିପଦରୁ କିଛି କମ୍ ନୁହେଁ । ଏଥିରେ କୁଣ୍ଡାଇ ହେବା, ଫୁଲିଯିବା କିମ୍ବା ଗମ୍ଭୀର ରିଆକ୍ସନ୍ ଭଳି ଅସୁବିଧା ସୃଷ୍ଟି ହୋଇପାରେ । ଯେଉଁ ଲୋକମାନଙ୍କର ରୋଗ ପ୍ରତିରୋଧକ ଶକ୍ତି ଦୁର୍ବଳ ଥାଏ ସେମାନେ ଏଭଳି ମାଛଠାରୁ ଦୂରେଇ ରହିବା ଭଲ । ଯଦି ବି ଖାଉଛନ୍ତି ତାହେଲେ ପୋଡ଼ା କିମ୍ବା ସିଝା ଖାଆନ୍ତୁ ନାହିଁ। ବ୍ଲଡ୍ ଥିନର୍ ନେଉଥିବା ଲୋକଙ୍କୁ ମାଛ କମ୍ ପରିମାଣରେ ଖାଇବା ଦରକାର । କାରଣ ଅଧିକ ଓମେଗା-୩ ରକ୍ତସ୍ରାବର ଆଶଙ୍କା ବଢ଼ାଇପାରେ । ଯଦି ବି ଆପଣଙ୍କୁ ମାଛ ଖାଇବାକୁ ଭଲ ଲାଗେ ତା'ହେଲେ ଡାକ୍ତରଙ୍କୁ ପରାମର୍ଶ କରି ଖାଇବା ଉଚିତ ।



# ଚର୍ଚ୍ଚାରେ 'ସତଲୁଜ'ର ସିବିଆଇ ଅଫିସର



କିଛି ଦିନ ହେଲା 'ସତଲୁଜ' ଚଳଚ୍ଚିତ୍ରକୁ ନେଇ ଚର୍ଚ୍ଚା ଓ ବିବାଦ ଜୋର ଧରିଛି। ନିର୍ମାଣ ସରିବାର ତିନି ବର୍ଷର ପ୍ରତୀକ୍ଷା ପରେ ଗତ ୩ ତାରିଖରେ ଚଳଚ୍ଚିତ୍ରଟି ଆକସ୍ମିକ ଭାବେ 'ଜି୫' ଷ୍ଟ୍ରିମିଂ ପ୍ଲାଟ୍‌ଫର୍ମରେ ମୁକ୍ତିଲାଭ କରିଥିଲା। ତେବେ ସେଠାରେ ଏହି ଚଳଚ୍ଚିତ୍ରର ଆୟୁଷ ଥିଲା ମାତ୍ର ୪୮ ଘଣ୍ଟା। ୫ ତାରିଖ ଦିନ ଏହି ଚଳଚ୍ଚିତ୍ରଟିକୁ 'ଜି୫'ରୁ ହଟାଇ ଦିଆଯାଇଥିଲା। ତେବେ ଏହା ପରେ 'ସତଲୁଜ'କୁ ନେଇ ଲୋକଙ୍କ ମଧ୍ୟରେ ଜିଜ୍ଞାସା ବଢ଼ିବାରେ ଲାଗିଛି। ଫଳସ୍ୱରୂପ ଲୋକମାନେ ଏହାକୁ ଇଣ୍ଟରନେଟ୍‌ରୁ ଡାଉନ୍‌ଲୋଡ୍ କରି ଦେଖୁଛନ୍ତି। ଏଥିରେ ଦିଲଜୀତ ଦୋସାଁଝଙ୍କ ମୁଖ୍ୟ ଚରିତ୍ରକୁ ତ ଖୁବ୍ ପ୍ରଶଂସା ମିଳୁଛି, ତା' ସହିତ ଅର୍ଜୁନ ରାମପାଲଙ୍କ ଅଭିନୟ ମଧ୍ୟ ଧ୍ୟାନ ଆକର୍ଷଣ କରୁଛି। 'ସତଲୁଜ'ରେ ସିବିଆଇ ଅଫିସର ସମୁଦ୍ର ସିଂହ ଭାବେ ଅର୍ଜୁନ ଅଭିନୟ କରିଛନ୍ତି। ଜଣେ ସତ୍ୟନିଷ୍ଠ ଅନୁସନ୍ଧାନକାରୀ ଭାବେ ସମୁଦ୍ର ଚରିତ୍ରଟି ଯେତିକି ପସନ୍ଦଯୋଗ୍ୟ, ଅର୍ଜୁନଙ୍କ ଚମତ୍କାର ଅଭିନୟ ଯୋଗୁଁ ତା' ସଂଳାପଗୁଡ଼ିକର ପ୍ରଭାବ ବହୁଗୁଣିତ ହୋଇଯାଇଛି। ଏହି କାରଣରୁ ଚଳଚ୍ଚିତ୍ରରେ ଅର୍ଜୁନ ରାମପାଲଙ୍କ 'ଗଣହତ୍ୟା' ଶୀର୍ଷକ ଦୃଶ୍ୟଟି ସାମାଜିକ ଗଣମାଧ୍ୟମରେ ଭାଇରାଲ୍ ହେଉଛି। ଏଥିରେ ସେ ପଞ୍ଜାବର କରୁଣ ଇତିହାସ ସମ୍ପର୍କରେ ଉଲ୍ଲେଖ କରିଛନ୍ତି। ଏହା ଚଳଚ୍ଚିତ୍ରର ଏକ ନିର୍ଣ୍ଣାୟକ ଦୃଶ୍ୟ ବୋଲି ଚର୍ଚ୍ଚା କରାଯାଉଛି। ଅର୍ଜୁନ ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ଚଳଚ୍ଚିତ୍ରରେ ଅଭିନୟ କରି ଖୁବ୍ ରୋମାଞ୍ଚିତ ଅନୁଭବ କରିଥିବା ପ୍ରକାଶ କରିଛନ୍ତି। ଏହି କାହାଣୀରେ ଏକ ଶକ୍ତିଶାଳୀ ବାର୍ତ୍ତା ଅଛି ଯେ କ୍ଷମତାର ଅପବ୍ୟବହାରର ପରିଣାମ କେତେ ଖରାପ ହୋଇପାରେ। ସେହିପରି ଏହି ଚଳଚ୍ଚିତ୍ରର ନିର୍ଦ୍ଦେଶକ ହନି ତ୍ରେହାନ୍ ଅର୍ଜୁନଙ୍କୁ ମାନବାଧିକାର କର୍ମୀ ଯଶୋବନ୍ତ ସିଂହ ଖାଲରାଙ୍କ ପରିବାର ସହିତ ଆଲୋଚନା କରିବାର ସୁଯୋଗ ଦେଇଥିଲେ। ଫଳରେ ସେ ଅସଲ କାହାଣୀକୁ ହୃଦ୍‌ବୋଧ କରିବା ସମ୍ଭବ ହୋଇଥିଲା ବୋଲି ଅର୍ଜୁନ ବଖାଣିଛନ୍ତି।

# ଗୋଟିଏ ଚିତ୍ରରେ 'ଗାୟତ୍ରୀ ମନ୍ତ୍ର' ଓ 'କଲ୍ମା'





ବଲିଉଡର ଦମ୍ପତି ସୋନାକ୍ଷୀ ସିହ୍ନା ଏବଂ ଜାହିର ଇକବାଲଙ୍କର ସମ୍ପର୍କ ଏବଂ ପରସ୍ପର ପ୍ରତି ଥିବା ସମ୍ମାନ ପାଇଁ ପ୍ରାୟତଃ ଚର୍ଚ୍ଚାରେ ଥାଆନ୍ତି। ସମ୍ପ୍ରତି, ସୋନାକ୍ଷୀ ସୋସିଆଲ ମିଡିଆରେ ତାଙ୍କ ଘରର ଏକ ସୁନ୍ଦର ଓ ହୃଦୟସ୍ପର୍ଶୀ ଝଲକ ସେୟାର କରିଛନ୍ତି। ସୋନାକ୍ଷୀଙ୍କ ଘରର ମୁଖ୍ୟ କାନ୍ଥରେ ସଜାଯାଇଥିବା ଚିତ୍ରରେ ପବିତ୍ର 'ଗାୟତ୍ରୀ ମନ୍ତ୍ର' (ହିନ୍ଦୁ ଧର୍ମର ପ୍ରତୀକ) ଏବଂ 'କଲ୍ମା' (ଇସଲାମିକ ଧର୍ମର ପ୍ରତୀକ)କୁ ସୁନ୍ଦର ଭାବରେ ଚିତ୍ରଣ କରାଯାଇଛି। ଏହି ଚିତ୍ରକଳା ପଛରେ ଗଭୀର ଭାବପ୍ରବଣ ଏବଂ ରୋଚକ କାହାଣୀକୁ ସେୟାର କରି ସୋନାକ୍ଷୀ କହିଛନ୍ତି, ଯେ ଏହି ଧାରଣା ମୋର ବିବାହ ସମୟରେ ଏକ ଗୁରୁତ୍ୱପୂର୍ଣ୍ଣ ଅବସରରୁ ଆସିଥିଲା। ଯେତେବେଳେ ପଣ୍ଡିତ ବିବାହ ମଣ୍ଡପରେ ପବିତ୍ର 'ଗାୟତ୍ରୀ ମନ୍ତ୍ର' ଜପ କରୁଥିବା ବେଳେ ନିକଟରୁ ଆଜାନ (ଇସଲାମିକ ପ୍ରାର୍ଥନା ପାଇଁ ଡାକ)ର ପବିତ୍ର ଶବ୍ଦ ପ୍ରତିଧ୍ୱନିତ ହେଉଥିଲା। ମୋର ବିଶ୍ୱାସ ଏହି ଦୁଇଟି ପ୍ରାର୍ଥନାର ମିଳିତ ସକାରାତ୍ମକ ଶକ୍ତି ବୈବାହିକ ଜୀବନ ଏବଂ ଘରକୁ ଖୁସିରେ ଭରି ଦେଇଛି।' ସୋନାକ୍ଷୀଙ୍କ ଘନିଷ୍ଠ ବନ୍ଧୁ ଶୁଭିକା ଶର୍ମା ଦମ୍ପତିଙ୍କୁ ବିବାହ ଉପହାର ଦେବାକୁ ଇଚ୍ଛା ପ୍ରକାଶ କରିଥିଲେ, ସେ ସହଜରେ ବୁଝିପାରିଥିଲେ ଯେ ଦମ୍ପତିଙ୍କ ହୃଦୟର ପ୍ରକୃତ ନିକଟତର କ'ଣ। ଶୁଭିକା ଏକ ଅନନ୍ୟ କଳାକୃତି ଉପହାର ଦେବାକୁ ଚାହୁଁଥିଲେ ଯାହା ସେମାନଙ୍କ ବିବିଧ ଧାର୍ମିକ ବିଶ୍ୱାସ ଏବଂ ପ୍ରେମର ସୁନ୍ଦର ସମନ୍ୱୟ ହେବ। ଯାହା ସର୍ବଦା ଅମର ରହିବ। ଏହି ସୁନ୍ଦର ଧାରଣାକୁ ଜୀବନ୍ତ କରିବାର କାର୍ଯ୍ୟ ଲୋକପ୍ରିୟ କଳାକାର ଆଦିଲା ବେଦୀଙ୍କୁ ଦିଆଯାଇଥିଲା। ଆଦିଲା ପ୍ରଥମେ ଦମ୍ପତିଙ୍କ ଘରକୁ ଯାଇ ସେମାନଙ୍କ ଚିନ୍ତାଧାରା ଏବଂ ଭାବନାକୁ ଗଭୀର ଭାବରେ ବୁଝିଥିଲେ। ତା'ପରେ ସେ ଗାୟତ୍ରୀ ମନ୍ତ୍ର ଏବଂ କଲମାକୁ ଏକ ଫ୍ରେମରେ ଏକାଠି କରିବା କଳାକୃତି ଦେଖାଇଥିଲେ।





# ଦୁଇ ବର୍ଷ ପରେ ପ୍ରଥମ ଗୀତ

ପ୍ରସିଦ୍ଧ କଣ୍ଠଶିଳ୍ପୀ ଅଲକା ୟାଜ୍ଞିକଙ୍କୁ ଦୁଇ ବର୍ଷ ତଳେ ହଠାତ୍ କିଛି ଶୁଭିଲା ନାହିଁ। ଡାକ୍ତରୀ ପରୀକ୍ଷାରୁ ଜଣାପଡ଼ିଲା ଯେ ଭୂତାଣୁ ସଂକ୍ରମଣ ଯୋଗୁଁ ସେ ଏକ ବିରଳ ଶ୍ରବଣ ସମସ୍ୟାରେ ପୀଡ଼ିତ! ସେବେଠାରୁ ସେ ଲୋକଲୋଚନରୁ ଏକପ୍ରକାର ଦୂରେଇ ରହିଥିଲେ। ତାଙ୍କ ଗୀତ ଗାଇବା ସଂପୂର୍ଣ୍ଣ ବନ୍ଦ ହୋଇଯାଇଥିଲା। ପ୍ରଶଂସକମାନେ ଗତ ମାସରେ ଯାଇ ଅଲକାଙ୍କୁ



ରାଷ୍ଟ୍ରପତିଙ୍କ ହାତରୁ ପଦ୍ମଭୂଷଣ ଗ୍ରହଣ କରିବା ବେଳେ ଦେଖିବାକୁ ପାଇଥିଲେ। ଦୁଇ ବର୍ଷର ପ୍ରତୀକ୍ଷା ପରେ ଏହି ସୁପରିଚିତ ଗାୟିକାଙ୍କ କଣ୍ଠରୁ ନୂଆ ଗୀତଟିଏ ଶୁଣିବାକୁ ମିଳିଛି। ଗୀତର ନାମ 'ଅପନା ଚେହେରା ଦିଖା'।

ଏହି ଆଲବମ୍ ଗୀତଟିର ନିର୍ଦ୍ଦେଶକ ଓ ଅନ୍ୟତମ ଗାୟକ ହେଉଛନ୍ତି ଋଷଭ କାନ୍ତ। ତେବେ ଏହି ଗୀତର ଏକ ରୋଚକ ଇତିହାସ ରହିଛି। ଦଶ ବର୍ଷ ତଳର କଥା, ଯେତେବେଳେ ଋଷଭଙ୍କ ପିତାଙ୍କ ଷ୍ଟୁଡିଓରେ ଅଲକା ଗୀତ ରେକର୍ଡ କରୁଥିଲେ। ରେକର୍ଡିଂ ସରିବା ପରେ ଋଷଭଙ୍କ ନିର୍ଦ୍ଦେଶନାରେ ପ୍ରସ୍ତୁତ ଗୀତଟିକୁ ତାଙ୍କ ପିତା ଅଲକାଙ୍କୁ ଶୁଣାଇଥିଲେ। ସେ ଅଲକାଙ୍କୁ ପ୍ରସ୍ତାବ ଦେଇଥିଲେ ଯେ ଗୀତଟି ଯଦି ତାଙ୍କୁ ପସନ୍ଦ ଆସୁଛି ତେବେ ସେ ସେଥିରେ କଣ୍ଠଦାନ କରିପାରିବେ। ଅଲକା ମୁଖଡ଼ା ଶୁଣି ଗାଇବାକୁ ରାଜି ହୋଇଗଲେ। ଏହା ପରେ ମାତ୍ର ୩୦ ମିନିଟ୍‌ରେ ଅଲକା ଗୀତଟିକୁ ସୁନ୍ଦର ଭାବେ ଗାଇଦେଇଥିଲେ।

ସେତେବେଳେ ସଂଗୀତ ଜଗତରେ ଋଷଭ ସଂପୂର୍ଣ୍ଣ ଅଜଣା ଥିଲେ ଏବଂ ଗୀତଟିକୁ କିପରି ସଜାଇବେ ସେ ନେଇ ତାଙ୍କର ମନରେ ଦ୍ୱନ୍ଦ୍ୱ ଥିଲା। ତେଣୁ ଏହି ଗୀତଟି ସେବେ ମୁକ୍ତିଲାଭ କରିପାରି ନଥିଲା। ତେବେ ଗତ ବର୍ଷ 'ସୈୟାରା' ଚଳଚ୍ଚିତ୍ରର 'ବରବାଦ' ଗୀତର ନିର୍ଦ୍ଦେଶନା ପାଇଁ ସେ ରାତାରାତି ପ୍ରସିଦ୍ଧି ଅର୍ଜନ କରିଥିଲେ। ନିକଟରେ ସେ ଅନୁଭବ କଲେ ଯେ ଏହା ହେଉଛି 'ଅପନା ଚେହେରା ଦିଖା' ମୁକ୍ତିଲାଭ କରିବାର ଠିକ୍ ସମୟ, କାରଣ ଅଲକାଙ୍କ ନୂଆ ଗୀତ ଶୁଣିବାକୁ ଶ୍ରୋତାମାନେ ଆତୁର ଅଛନ୍ତି।

# ମୂର୍ତ୍ତି ଅବତାରରେ ଈଶା-କାର୍ଡି



ଫ୍ରାନ୍‌ସର ରାଜଧାନୀ ପ୍ୟାରିସ୍‌ରେ ସୋମବାର ଆରମ୍ଭ ହୋଇଯାଇଛି 'ଓଟ୍ କୋଟୁଓର ୱିକ୍'। ଏକ ସପ୍ତାହ ଧରି ଚାଲିବାକୁ ଥିବା ଏହି ଫ୍ୟାସନ୍ ମଞ୍ଚରେ ପୃଥିବୀର ନାମୀଦାମୀ ଡିଜାଇନର ଓ କମ୍ପାନି ସେମାନଙ୍କ ସଦ୍ୟତମ ବିଳାସ ପୋଷାକପତ୍ର ପ୍ରଦର୍ଶନ କରିବେ। କାର୍ଯ୍ୟକ୍ରମର ପ୍ରଥମ ଦିନରେ ଭାରତୀୟ ଡିଜାଇନର ରାହୁଲ ମିଶ୍ର 'ଦେବୀ: ଦି ଇଣ୍ଟରନାଲ୍ ମ୍ୟୁଜ୍' ଶୀର୍ଷକ ପୋଷାକପତ୍ର ଉପସ୍ଥାପନ କରିଥିଲେ, ଯାହା ଏବେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି। ଏହି ପୋଷାକଗୁଡ଼ିକ ପଛର ମୁଖ୍ୟ ପ୍ରେରଣା ହେଉଛି, ଭାରତର ଅନବଦ୍ୟ ମନ୍ଦିର କାରୁକାର୍ଯ୍ୟ। ରାହୁଲଙ୍କ ଦ୍ୱାରା ପ୍ରସ୍ତୁତ ପୋଷାକ ପିନ୍ଧି ମଡେଲ୍‌ମାନେ ସମୟକୁ କିଛି ଶତାବ୍ଦୀ ପଛକୁ ଫେରାଇ ନେଇଥିଲେ। ମଡେଲ୍‌ମାନଙ୍କ ମଧ୍ୟରେ ସବୁଠାରୁ ବଡ଼ ଆକର୍ଷଣ ସାଜିଥିଲେ ଆମେରିକୀୟ ରାପର କାର୍ଡି ବି ଓ ଭାରତୀୟ ବ୍ୟବସାୟୀ ଈଶା ଅମ୍ବାନୀ। ସେମାନେ ସତେ ଅବା ଜୀବନ୍ତ ମୂର୍ତ୍ତି ପାଲଟିଯାଇଥିଲେ! କାର୍ଡି ବି ଧୂସର ତ ଈଶା କଳା ରଙ୍ଗର ମୂର୍ତ୍ତିର ଭ୍ରମ ସୃଷ୍ଟି କରିଥିଲେ। ପ୍ରାଚୀନ ମନ୍ଦିର କାନ୍ଥର ନର୍ତ୍ତକୀ ଭଳି ଦିଶିବା ପାଇଁ ସେମାନଙ୍କ ପୋଷାକରେ 'ଜରଦୋଜି' ଓ 'ଦବକା' ପରି ଭାରି ଏମ୍ବ୍ରୋଡରି କାମ କରାଯାଇଥିଲା। ଏଥିସହିତ ସମ୍ମିଳିତ ହୋଇଥିଲା ମାଳି ଓ ରତ୍ନପଥର। ଉଲ୍ଲେଖଯୋଗ୍ୟ ଯେ, ଏହି କାର୍ଯ୍ୟକ୍ରମର ପ୍ରଥମ ଦିବସରେ ଭାରତୀୟ ଅଭିନେତ୍ରୀ ପ୍ରିୟଙ୍କା ଚୋପ୍ରା ଜୋନାସ୍ ଓ ସ୍ୱାମୀ ନିକ୍ ଜୋନାସ୍ ମଧ୍ୟ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ସେମାନେ ଡିଅର କମ୍ପାନି ପାଇଁ ମଡେଲ୍ ସାଜିଥିଲେ।

# ପ୍ୟାରିସ୍ ଫ୍ୟାସନ୍ ଉଇକ୍‌ରେ ସ୍ୱାମୀଙ୍କ ସହ ଜଲୱା ଦେଖାଇଲେ ପ୍ରିୟଙ୍କା ଚୋପ୍ରା





ପ୍ରିୟଙ୍କା ଚୋପ୍ରା ପ୍ୟାରିସ୍ ଫ୍ୟାସନ୍ ଉଇକ୍‌ରେ ଯୋଗ ଦେଇଥିଲେ। ସେ ଏହି କାର୍ଯ୍ୟକ୍ରମର କିଛି ଫଟୋ ସୋସିଆଲ ମିଡିଆରେ ସେୟାର କରିଥିଲେ। ସ୍ୱାମୀ ନିକ୍ ଜୋନାସଙ୍କ ସହିତ ପ୍ରିୟଙ୍କା ଚୋପ୍ରାଙ୍କ ଷ୍ଟାଇଲିସ୍ ପ୍ରବେଶ ସମସ୍ତଙ୍କୁ ମୋହିତ କରିଥିଲା। କାର୍ଯ୍ୟକ୍ରମରେ ଆଗ ଧାଡ଼ିରେ ବସିଥିବା ଏହି ଷ୍ଟାର ଦମ୍ପତି ସେମାନଙ୍କର ନିଖୁଣ ଫ୍ୟାଶନ୍ ସେନ୍ସ ପ୍ରଦର୍ଶନ କରିଥିଲେ। ସୋସିଆଲ୍ ମିଡିଆରେ ପ୍ରିୟଙ୍କା ଚୋପ୍ରା ଏବଂ ନିକ୍ ଦୁହେଁ ହାତ ଧରିଥିବାର ଦେଖାଯାଇଛି। ପ୍ରିୟଙ୍କା ଚୋପ୍ରା ଏକ କମଳା ରଙ୍ଗର ଗାଉନ୍ ଏବଂ ସନଗ୍ଲାସ୍ ପିନ୍ଧିଥିଲେ। ନିକ୍ ଜୋନାସ୍ ଏକ କ୍ଲାସିକ୍ ଗ୍ରେ ସୁଟ୍ ପିନ୍ଧିଥିଲେ। ତାଙ୍କ ଜୋତା ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲା। ଘଟଣାସ୍ଥଳରେ ପହଞ୍ଚିବା ପରେ ପ୍ରିୟଙ୍କା ଏବଂ ନିକ କ୍ୟାମେରା ଆଗରେ ପୋଜ୍ ଦେଇଥିଲେ। ଜଣେ ଭଲ ସ୍ୱାମୀଙ୍କ ପରି ନିକ ତାଙ୍କ ପତ୍ନୀଙ୍କ ଅଣ୍ଟାରେ ହାତ ରଖି ଫଟୋ ପାଇଁ ପୋଜ୍ ଦେଇଥିଲେ। ଫଟୋ ସେସନ୍ ପରେ, ଦମ୍ପତି ସ୍ଥାନ ଭିତରକୁ ଯାଇ ସେମାନଙ୍କ ଆଗ ଧାଡ଼ିରେ ବସିଥିଲେ । ପ୍ରିୟଙ୍କା ଚୋପ୍ରା ତାଙ୍କ ପୋଷ୍ଟରେ ଲେଖିଛନ୍ତି, 'ନିକ୍ ଜୋନାସ୍, ଏହି ଚମତ୍କାର ସଂଗ୍ରହ ପାଇଁ ଧନ୍ୟବାଦ।' ସେ କାର୍ଯ୍ୟକ୍ରମରେ ଯୋଗଦେବା ପୂର୍ବରୁ ନିଜର ଏକ ଫଟୋ ମଧ୍ୟ ପୋଷ୍ଟ କରିଥିଲେ। ସେ ତାଙ୍କ ଝିଅ ମାଲତୀଙ୍କୁ ମଧ୍ୟ ନିଜ ସହିତ ନେଇଥିଲେ। ସେ ତାଙ୍କର ଏକ ଫଟୋ ମଧ୍ୟ ସେୟାର କରିଥିଲେ।

# ଗାଲାକ୍ସି ଛାଡ଼ିବେ ସଲ୍‌ମାନ



ବଲିଉଡ୍ ଅଭିନେତା ସଲ୍‌ମାନ ଖାନ୍ ୫୨ ବର୍ଷ ଧରି ମୁମ୍ବାଇର ବାନ୍ଦ୍ରାସ୍ଥିତ 'ଗାଲାକ୍ସି ଆପାର୍ଟମେଣ୍ଟ'ର ଯେଉଁ ଫ୍ଲାଟ୍‌ରେ ରହୁଥିଲେ ତାହା ଛାଡ଼ି ଏବେ ନୂଆ ଘରକୁ ଯିବେ! ଏଭଳି ଏକ ଖବର ଏବେ ସୋସିଆଲ୍ ମିଡିଆରେ ଖୁବ୍ ଜୋରରେ ପ୍ରଚାର ହେଉଛି। ସଲମାନଙ୍କ ପରିବାର ପାଇଁ ବାନ୍ଦ୍ରାରେ ଏକ ୬ ମହଲା ବିଶିଷ୍ଟ 'ସି-ଫେସିଂ' ଆବାସିକ ଭବନ ନିର୍ମାଣକୁ ଅନୁମୋଦନ ମିଳିଛି। ମହାରାଷ୍ଟ୍ର କୋଷ୍ଟାଲ୍ ଜୋନ୍ ମ୍ୟାନେଜମେଣ୍ଟ ଅଥରିଟିର ଅନୁମୋଦନ ପରେ ନୂଆ ଘରଟି ବାନ୍ଦ୍ରାର ଚିମ୍ବାଇ ଅଞ୍ଚଳରେ ନିର୍ମାଣ ହେବ ବୋଲି ଶୁଣାଯାଉଛି। ସଲ୍‌ମାନଙ୍କ ମାଲିକାନାରେ ଥିବା ଏହି ଜମି ଉପରେ ଗ୍ରାଉଣ୍ଡ ଫ୍ଲୋରରେ ପାର୍କିଂ ଏବଂ ୬ଟି ମହଲା ରହିବ। ୨୦୨୪ରେ ଗାଲାକ୍ସି ଆପାର୍ଟମେଣ୍ଟ ବାହାରେ ଗୁଳିକାଣ୍ଡ ଘଟଣା ପରେ ସଲମାନଙ୍କ ସୁରକ୍ଷା ବ୍ୟବସ୍ଥାକୁ ଅଧିକ କଡ଼ା କରାଯାଇଥିଲା। ହୁଏତ ସେହି କାରଣରୁ ପରିବାର ଏପରି ନିଷ୍ପତ୍ତି ନେଇଥାଇପାରନ୍ତି ବୋଲି ଅନୁମାନ କରାଯାଉଛି। ମାତ୍ର ସଲମାନ ଖାନ କିମ୍ବା ତାଙ୍କ ପରିବାର ପକ୍ଷରୁ ଏ ପର୍ଯ୍ୟନ୍ତ ଘର ବଦଳ ନେଇ କୌଣସି ଘୋଷଣା କରାଯାଇନାହିଁ। ପୂର୍ବରୁ ଅନେକ ଥର ସଲ୍‌ମାନ ତାଙ୍କର ଗାଲାକ୍ସି ଆପାର୍ଟମେଣ୍ଟ୍ ପ୍ରତି ଥିବା ଭାବପ୍ରବଣତାକୁ ପ୍ରକାଶ କରିଛନ୍ତି। ଆପାର୍ଟମେଣ୍ଟ ସହ ତାଙ୍କର ଅନେକ ସ୍ମୃତି ଜଡ଼ିତ ଥିବାରୁ ସେ ଏହି ଘରେ ରହିବାକୁ ପସନ୍ଦ କରୁଥିଲେ। ଯଦି ସତରେ ତାଙ୍କୁ ଘରଟିକୁ ଛାଡ଼ିବାକୁ ପଡ଼େ, ତେବେ ବଲିଉଡ୍‌ର ଏକ ଐତିହାସିକ ଅଧ୍ୟାୟର ଅବସାନ ଘଟିବ!

# କଳା ଓ ସଂସ୍କୃତିର ପୂଜାରୀ ହରିହର ନାୟକ



ଓଡ଼ିଶାର କଳା ସଂସ୍କୃତି କ୍ଷେତ୍ରରେ ଯେଉଁ ପ୍ରତିଭା ମାନେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି ସେମାନଙ୍କ ମଧ୍ୟରେ ହରିହର ନାୟକ ଓରଫ ହରି ସାର୍ ଅନ୍ୟତମ। ଭଦ୍ରକ ଜିଲ୍ଲାର ବାସୁଦେବପୁର ବ୍ଲକ ଅନ୍ତର୍ଗତ ସୁଦର୍ଶନପୁର ଗ୍ରାମ ପଞ୍ଚାୟତରେ ଶ୍ରୀ ନାୟକ ୧୯୭୧ ମସିହାରେ ଜନ୍ମ ଗ୍ରହଣ କରନ୍ତି। ଶ୍ରୀ ହରିହର ନାୟକଙ୍କ ପିତା ବାଇଧର ନାୟକ ଓ ମାତା ସତ୍ୟଭାମା ନାୟକ। ପତ୍ନୀ ଗୋଲାପ ରାଣୀ ମୁଦୁଲି ଓ ଝିଅ ଶକୁନ୍ତଳା ଙ୍କୁ ନେଇ ତାଙ୍କ ସଂସାର ରଥ ଆଗେଇ ଚାଲିଛି। ଶିବ ପାର୍ବତୀ ଯୁବ ପରିଷଦର ଜଣେ ମୁଖ୍ୟ ସଦସ୍ୟ ଭାବରେ ସେ ଅନେକ ଦାୟିତ୍ୱ ତୁଲାଇ ଥାଆନ୍ତି। ଶ୍ରୀ ନାୟକଙ୍କୁ ଅନେକ ଲୋକ ହରି ସାର୍ ବୋଲି ଡାକନ୍ତି। କାରଣ ଅତୀତରେ ହରି ସାର୍ ଅନେକ ଛୋଟ ଛୋଟ ଛାତ୍ର ଛାତ୍ରୀ ମାନଙ୍କୁ ପାଠ ପଢ଼ାଉ ଥିଲେ। ଶ୍ରୀ ହରିହର ନାୟକ ଯେଉଁ ସୁନ୍ଦର ଓ ଆକର୍ଷଣୀୟ ନାଟକରେ ଅଭିନୟ କରି ସମସ୍ତ ଦର୍ଶକ ବନ୍ଧୁଙ୍କ ନିକଟରେ ପ୍ରିୟ ପାତ୍ର ହୋଇ ଥିଲେ ସେହି ନାଟକ ମଧ୍ୟରେ ରହିଛି ଦେଢ଼ ଦିନର ସ୍ୱାମୀ, ଜାଇ ଯିବ ଶାଶୁ ଘର, ଗାନ୍ଧୀବାଦ ଆଜି କବର ତଳେ, ସଂସାର ଭିତରେ ଘର କରିଥିଲେ ପଥର ପଡ଼ିଲେ ସହି ପ୍ରଭୃତି। ହରି ଭାଇ ହାରେନା। ସେମିତି ଦେଖିବାକୁ ଗଲେ ହରି ଭାଇ ନ ହାରି ସର୍ବଦା ସଫଳତାର ଶୀର୍ଷ ସ୍ଥାନରେ ପହଞ୍ଚି ଯାଆନ୍ତି। ଜୁଲିଆ ହାଇସ୍କୁଲ ରେ ଶ୍ରୀ ନାୟକ ପାଠ ପଢୁଥିଲେ। ଅନେକ ସ୍ଥାନରେ ସେ ଗ୍ରାମାଞ୍ଚଳରେ କଳା ସଂସ୍କୃତିର ଉନ୍ନତି ପାଇଁ ଉଦ୍ୟମ ଜାରି ରଖିଛନ୍ତି ଓ ଦୁଃଖୀ ଗରିବଙ୍କୁ ସାହାଯ୍ୟ ସହଯୋଗ କରିବା ସହିତ ବୃକ୍ଷ ରୋପଣ କରି ସମାଜ ସେବା ମାଧ୍ୟମରେ ସମସ୍ତଙ୍କ ମୁହଁରେ ହସ ଫୁଟାଇ ପାରିଛନ୍ତି। ଶ୍ରୀ ନାୟକଙ୍କ ପ୍ରିୟ ମଣିଷ ହେଉଛନ୍ତି ନାଟ୍ୟକାର ଓ ନିର୍ଦ୍ଦେଶକ ସତ୍ୟ ସୁନ୍ଦର ରାଉତ,ଚିତ୍ତ ରଞ୍ଜନ ପଲାଇ, ସୂର୍ଯ୍ୟକାନ୍ତ ବେହେରା,ଇଞ୍ଜିନିୟର ଅକ୍ଷୟ କୁମାର ସାମଲ, ସରୋଜ ମୁଦୁଲି, ଅଭିରାମ ନାୟକ। ଅନେକ ସମୟରେ ଶ୍ରୀ ନାୟକ ଗ୍ରାମାଞ୍ଚଳ ଡ୍ରାମା,ଯାତ୍ରା ଜଗତର ନାଟକ, ଓଡିଆ ଚଳଚିତ୍ର କଳା ସାହିତ୍ୟ ସଂସ୍କୃତି କଥା ଆଲୋଚନା କରିଥାନ୍ତି। ଶ୍ରୀ ନାୟକ ଙ୍କ ସମସ୍ତ ସ୍ୱପ୍ନ ଓ ଲକ୍ଷ୍ୟ ପୂରଣ ହେଉ। ମହାପ୍ରଭୁ ଜଗନ୍ନାଥଙ୍କ କୃପାରୁ ଶ୍ରୀ ନାୟକଙ୍କ ଭବିଷ୍ୟତର ଚଲାପଥ କୁସୁମିତ ହେଉ। ଏହାହିଁ କାମନା।

ଉପସ୍ଥାପନା: ପ୍ରଦୀପ୍ତ କୁମାର ମହାନ୍ତି
ସମ୍ପାଦକ ରଙ୍ଗରାଗ ସାହିତ୍ୟ ପରିଷଦ
ବରଣ୍ଡୁଆ, ବାସୁଦେବପୁର, ଭଦ୍ରକ
ମୋବାଇଲ୍ ୯୯୩୭୯୭୬୩୫୧

# କୋଟି କୋଟି ଟଙ୍କାର ରାସ୍ତାରେ ବର୍ଷାରେ ବାହାରିଲା ନିମ୍ନମାନର କାମ: ନୋଟିସରେ ସୀମିତ ରହିବ କି ପ୍ରଶାସନର କାର୍ଯ୍ୟାନୁଷ୍ଠାନ ?

ଝାରସୁଗୁଡ଼ା, ୦୯/୦୭ (ନି.ପ୍ର): ଯାତାୟାତ ସୁବିଧା ପାଇଁ ସରକାର କୋଟି କୋଟି ଟଙ୍କା ବ୍ୟୟ କରି ପକ୍କା ସଡ଼କ ନିର୍ମାଣ କରୁଥିବା ବେଳେ, ଝାରସୁଗୁଡ଼ା ଜିଲ୍ଲାର ଲଖନପୁର ବ୍ଲକରେ ଏକ ନିର୍ମାଣାଧୀନ ରାସ୍ତାର ଗୁଣବତ୍ତାକୁ ନେଇ ପୁଣି ପ୍ରଶ୍ନ ଉଠିଛି। କାମ ସମ୍ପୂର୍ଣ୍ଣ ହେବା ପୂର୍ବରୁ ମାତ୍ର ଗୋଟିଏ ବର୍ଷାରେ ରାସ୍ତାର ବିଭିନ୍ନ ସ୍ଥାନ ଦବିଯିବା, ପିଚୁ ଉଠିଯିବା ଏବଂ ଗର୍ତ୍ତ ସୃଷ୍ଟି ହେବା ଘଟଣା ପରେ ଜିଲ୍ଲା ପ୍ରଶାସନର ତଦାରଖ ବ୍ୟବସ୍ଥାକୁ ନେଇ ମଧ୍ୟ ପ୍ରଶ୍ନ ଉଠିଛି। ଲଖନପୁର ବ୍ଲକ ପଲସଦା ପଂଚାୟତ ଅନ୍ତର୍ଗତ ୪୯ ନମ୍ବର ଜାତୀୟ ରାଜପଥରୁ ରେଙ୍ଗୁଲି ଦେଇ ନାଚେନମୁରା ଉଠା ଜଳସେଚନ ପ୍ରକଳ୍ପ ପର୍ଯ୍ୟନ୍ତ ପ୍ରାୟ ୫ କିଲୋମିଟର ସଡ଼କ ନିର୍ମାଣ ପାଇଁ ୨୦୨୫-୨୬ ଆର୍ଥିକ ବର୍ଷରେ ଜିଲ୍ଲା ଖଣିଜ ପାଣ୍ଠିରୁ ୫ କୋଟି ୭୨ ଲକ୍ଷ ୪୦ ହଜାର ଟଙ୍କା ମଞ୍ଜୁର ହୋଇଥିଲା। ପ୍ରତି କିଲୋମିଟର ପିଛା ପ୍ରାୟ ୧.୧୪ କୋଟି ଟଙ୍କା ବ୍ୟୟ ସତ୍ତ୍ୱେ ସଡ଼କର ଗୁଣବତ୍ତା ନେଇ ଏବେ ଜନଅସନ୍ତୋଷ ପ୍ରକାଶ ପାଇଛି।

ସ୍ଥାନୀୟ ଲୋକଙ୍କ ଅଭିଯୋଗ ପରେ ଗ୍ରାମ୍ୟ ନିର୍ମାଣ ବିଭାଗର ଅଧିକାରୀମାନେ ସ୍ଥଳ ପରିଦର୍ଶନ କରିଥିଲେ। ଯାଂଚରେ ନିର୍ମାଣ କାର୍ଯ୍ୟ ଅନୁମୋଦିତ ବୈଷୟିକ ମାନଦଣ୍ଡ ଅନୁଯାୟୀ ହୋଇନଥିବା ଜଣାପଡ଼ିବା ପରେ ସମ୍ପୃକ୍ତ ଠିକାଦାରଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। କନିଷ୍ଠ ଯନ୍ତ୍ରୀ ଲବ କୁମାର ତୁରନ୍ତ ସମସ୍ତ ତ୍ରୁଟି ସଂଶୋଧନ କରିବାକୁ ଲିଖିତ ନିର୍ଦ୍ଦେଶ ଦେଇଛନ୍ତି।

ବିଭାଗୀୟ ନୋଟିସରେ ରିଟେନିଂ ୱାଲ୍ ନିର୍ମାଣରେ ଅନୁମୋଦିତ ଡ୍ରଇଂ ଓ ସ୍ପେସିଫିକେସନ୍ ପାଳନ ହୋଇନଥିବା, ଆବଶ୍ୟକୀୟ କଂକ୍ରିଟ୍ କଭର ଦିଆଯାଇନଥିବା ଏବଂ ପାଣି ନିଷ୍କାସନ ପାଇଁ ୱିପ୍ ହୋଲ୍ ଯଥାର୍ଥ ଭାବେ ରଖାଯାଇନଥିବା ଉଲ୍ଲେଖ ରହିଛି। ଏହି ତ୍ରୁଟି ଭବିଷ୍ୟତରେ ରାସ୍ତାର ସ୍ଥାୟୀତ୍ୱ ଓ ଜନସୁରକ୍ଷା ପାଇଁ ବିପଦ ସୃଷ୍ଟି କରିପାରେ ବୋଲି ବିଭାଗ ଆଶଙ୍କା ପ୍ରକାଶ କରିଛି।

ଏହାଛଡ଼ା ରେଙ୍ଗୁଲି ଗ୍ରାମରେ ଚାଷୀମାନଙ୍କ ଦ୍ୱାରା ପାଇପ ବିଛାଇବା ପାଇଁ କାଟିଥିବା ରାସ୍ତା ଠିକ୍ ଭାବେ ପୁନଃସ୍ଥାପନ କରାଯାଇନଥିବା ଏବଂ ଆବଶ୍ୟକୀୟ କମ୍ପାକ୍ସନ୍ ନ ହେବାରୁ ବିଭିନ୍ନ ସ୍ଥାନରେ ସଡ଼କର ଉଭୟ ପାର୍ଶ୍ୱ ଦବିଯାଇଥିବା ମଧ୍ୟ ଯାଂଚରେ ଧରାପଡ଼ିଛି। ଏହା ଯାତାୟାତ ପାଇଁ ବିପଦ ସୃଷ୍ଟି କରିବା ସହ ସରକାରୀ ଅର୍ଥର ଅପବ୍ୟୟ ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ବିଭାଗ ପକ୍ଷରୁ ଠିକାଦାରଙ୍କୁ ତୁରନ୍ତ ତ୍ରୁଟି ସଂଶୋଧନ କରିବା ଏବଂ ଭବିଷ୍ୟତରେ ବୈଷୟିକ ମାନଦଣ୍ଡ ଅନୁଯାୟୀ କାମ କରିବାକୁ କଡ଼ା ନିର୍ଦ୍ଦେଶ ଦିଆଯାଇଛି। ଏହି ନୋଟିସର ନକଲ ଅଧିକ୍ଷଣ ଯନ୍ତ୍ରୀ ଓ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କୁ ମଧ୍ୟ ପଠାଯାଇଛି। ତେବେ ପ୍ରଶ୍ନ ଉଠୁଛି, କୋଟି କୋଟି ଟଙ୍କାର ସରକାରୀ ପ୍ରକଳ୍ପରେ ଏଭଳି ନିମ୍ନମାନର କାମ ଚାଲିଥିବା ବେଳେ ନିର୍ମାଣ ସମୟରେ ବିଭାଗୀୟ ତଦାରଖ କେଉଁଠି ଥିଲା ? କାମ ଶେଷ ପର୍ଯ୍ୟାୟରେ ପହଂଚିବା ଏବଂ ବର୍ଷାରେ ତ୍ରୁଟି ସାମ୍ନାକୁ ଆସିବା ପରେ ନୋଟିସ ଜାରି କରିବା କେବଳ ଔପଚାରିକତା ନା ପ୍ରକୃତରେ ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ହେବ, ତାହାକୁ ନେଇ ଏବେ ସାଧାରଣରେ ଚର୍ଚ୍ଚା ଜୋର ଧରିଛି। ଜିଲ୍ଲା ପ୍ରଶାସନ କେବଳ ନୋଟିସ ଜାରି କରି ଦାୟିତ୍ୱ ସାରିବ ନା ସରକାରୀ ଅର୍ଥର ସୁରକ୍ଷା ପାଇଁ ଦାୟୀଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ ପଦକ୍ଷେପ ନେବ, ସେଥିପାଇଁ ଅଂଚଳବାସୀଙ୍କ ନଜର ରହିଛି।

# ସାଇବର ଆର୍ଥିକ ଠକେଇ ମାମଲାର ତ୍ୱରିତ ପଞ୍ଜୀକରଣ ପାଇଁ ଓଡ଼ିଶା ପୋଲିସର 'ଇ-ଜିରୋ ଏଫ୍ଆଇଆର୍ ବ୍ୟବସ୍ଥାର ଶୁଭାରମ୍ଭ

ଭୁବନେଶ୍ୱର, ୦୯/୦୭ (ନି.ପ୍ର): ସାଇବର ଆର୍ଥିକ ଠକେଇ ମାମଲାର ଶୀଘ୍ର ପଞ୍ଜୀକରଣ, ଦ୍ରୁତ ତଦନ୍ତ ଏବଂ ପୀଡ଼ିତଙ୍କୁ ଶୀଘ୍ର ନ୍ୟାୟ ପ୍ରଦାନ ଉଦ୍ଦେଶ୍ୟରେ ଓଡ଼ିଶା ପୋଲିସ ଆଜି 'ଇ-ଜିରୋ ଏଫ୍ଆଇଆର୍' ବ୍ୟବସ୍ଥାର ଶୁଭାରମ୍ଭ କରିଛି। ରାଜ୍ୟ ପୋଲିସ ମୁଖ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଶ୍ରୀ ଯୋଗେଶ ବାହାଦୁର ଖୁରାନିଆ ଏହି ବ୍ୟବସ୍ଥାର ଉଦ୍‌ଘାଟନ କରିଥିଲେ। ସାଇବର ଆର୍ଥିକ ଠକେଇ ଘଟଣା ବଢୁଥିବାରୁ ଅଭିଯୋଗ ପଞ୍ଜୀକରଣକୁ ଅଧିକ ଦ୍ରୁତ, ସରଳ ଓ ପ୍ରଭାବଶାଳୀ କରିବା ସହ ଠକେଇ ହୋଇଥିବା ଅର୍ଥ ଉଦ୍ଧାରର ସମ୍ଭାବନା ବଢ଼ାଇବା ପାଇଁ ଏହି ପଦକ୍ଷେପ ନିଆଯାଇଛି। ଏହା ନାଗରିକଙ୍କୁ ଅଧିକ ସ୍ୱଚ୍ଛ, ଦକ୍ଷ ଓ ଜନକଲ୍ୟାଣମୂଳକ ପୋଲିସ ସେବା ପ୍ରଦାନ ଦିଗରେ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଏହି ବ୍ୟବସ୍ଥାରେ ରାଜ୍ୟ ଅପରାଧ ଅଭିଲେଖ ବ୍ୟୁରୋ ଜାତୀୟ ସାଇବର ହେଲ୍ପଲାଇନ୍ ୧୯୩୦କୁ ସିସିଟିଏନଏସ ସହ ସମନ୍ୱୟ କରିଛି।

ନୂତନ ବ୍ୟବସ୍ଥା ଅନୁଯାୟୀ, ୧୦ ଲକ୍ଷ ଟଙ୍କା କିମ୍ବା ତା'ଠାରୁ ଅଧିକ ସାଇବର ଆର୍ଥିକ ଠକେଇ ସମ୍ବନ୍ଧୀୟ ଅଭିଯୋଗ ୧୯୩୦ରେ ପଞ୍ଜୀକୃତ ହେଲେ, ସିସିଟିଏନଏସ ରେ ସ୍ୱୟଂଚାଳିତ ଭାବେ ଇ-ଜିରୋ ଏଫଆଇଆର ଅନୁରୋଧ ସୃଷ୍ଟି ହେବ ଏବଂ ତାହା ଅପରାଧ ଶାଖାର ସାଇବର ପୋଲିସ ଷ୍ଟେସନ୍‌କୁ ପଠାଯିବ।

ପ୍ରାଥମିକ ଯାଂଚ ପରେ ସାଇବର ପୋଲିସ ଷ୍ଟେସନ୍ ନିୟମିତ ଏଫ୍ଆଇଆର୍ ପଞ୍ଜୀକରଣ କରି ତଦନ୍ତ ଆରମ୍ଭ କରିପାରିବ। ପ୍ରୟୋଜନ ଅନୁଯାୟୀ ମାମଲାକୁ ସମ୍ପୃକ୍ତ ଥାନାକୁ ସ୍ଥାନାନ୍ତର, ଜିରୋ ଏଫ୍ଆଇଆର୍ ଭାବେ ପଞ୍ଜୀକରଣ, ପୂର୍ବରୁ ଥିବା ମାମଲା ସହ ସଂଯୋଗ କିମ୍ବା ନିର୍ଦ୍ଧାରିତ ମାନଦଣ୍ଡ ପୂରଣ ନ କରୁଥିବା ଅଭିଯୋଗକୁ ବନ୍ଦ କରାଯାଇପାରିବ।

# ରଥଯାତ୍ରା ପାଇଁ ବିଭିନ୍ନ ଛକରେ ଲାଗିଲା ସାଇନବୋର୍ଡ

ପୁରୀ, ୦୯/୦୭ (ନି.ପ୍ର): ବିଶ୍ୱପ୍ରସିଦ୍ଧ ରଥଯାତ୍ରା ୭ ଦିନ ରହିଲା । ବିଭିନ୍ନ ବିଭାଗ ପକ୍ଷରୁ ଯୁଦ୍ଧକାଳୀନ ଭିତ୍ତିରେ କାର୍ଯ୍ୟ ଆଗେଇ ଚାଲିଛି । ତିନି ଚାରି ଦିନ ଲଘୁଚାପଜନିତ ଲଗାଣ ବର୍ଷା ଯୋଗୁ କାମ ବନ୍ଦ ରହିଥିଲା । ଜୁଲାଇ ୧୬ ଶ୍ରୀଗୁଣ୍ଡିଚା ଯାତ୍ରା ଠାରୁ ନିଳାଦ୍ରୀ ବିଜେ ପର୍ଯ୍ୟନ୍ତ ପ୍ରାୟ ୩୦ ଲକ୍ଷରୁ ଉର୍ଦ୍ଧ୍ୱ ରଥଯାତ୍ରୀ ପୁରୀକୁ ଆସିବା ସମ୍ଭାବନା ରହିଛି । ଟ୍ରେନ ଓ ବସ ଯୋଗେ ଆସୁଥିବା ଭକ୍ତ ମାନେ ଚାଲି ଚାଲି ଶ୍ରୀକ୍ଷେତ୍ର ର ବିଭିନ୍ନ ଅଂଚଳ ବୁଲିବେ । ସେଥିପାଇଁ ରାଜ୍ୟ ଜିଲ୍ଲା ପ୍ରଶାସନ ପକ୍ଷରୁ ସହର ବିଭିନ୍ନ ରାସ୍ତାର ଛକ ମାନଙ୍କରେ ତୀର ଚିହ୍ନ ଥାଇ କେଉଁ ପଟକୁ କଲେ କେଉଁ ସାହି ପଡିବ ସେ ସମ୍ପର୍କରେ ଓଡ଼ିଆ ଓ ଇଂରାଜୀରେ ନାମ ଲେଖା ହୋଇ ଜିଆଇ ପାଇପ ଖୁଣ୍ଟ ପୋତାଯାଇଛି। ବଡଦାଣ୍ଡକୁ କିପରି ପ୍ରବେଶ କରିବ ତାହାର ମଧ୍ୟ ସୂଚନା ଦିଆଯାଇଛି । ଶ୍ରୀମନ୍ଦିର, ଶ୍ରୀଗୁଣ୍ଡିଚା ମନ୍ଦିର, ବଳଗଣ୍ଡି ମା ମାଉସୀମାଙ୍କ ମନ୍ଦିର, ନରେନ୍ଦ୍ର ପୁଷ୍କରଣୀ, ସମୁଦ୍ରକୂଳ, ଷ୍ଟେସନ, ବସଷ୍ଟାଣ୍ଡ, ମାଳତୀପାଟପୁର ବସଷ୍ଟାଣ୍ଡ, ପାର୍କିଙ୍ଗ ସ୍ଥଳ, ତାଳବଣିଆ ଅସ୍ଥାୟୀ ବସଷ୍ଟାଣ୍ଡ ସମ୍ପର୍କରେ ସୂଚନା ଫଳକ ଲଗାଯାଇଛି । ରଥଯାତ୍ରୀ ମାନେ କିପରି ସୁରୁଖୁରୁରେ ଯାତ୍ରା ଦେଖି ସୁଖଦ ଅନୁଭୂତି ନେଇ ଫେରିବେ ସେ ସମ୍ପର୍କରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରଥଯାତ୍ରା ସମୀକ୍ଷା ବୈଠକରେ ଗୁରୁତ୍ୱ ଦେଇଥିଲେ । ପୁରୀ ସହର ଭିତରେ ଚଳାଚଳ କରୁଥିବା ପେଟ୍ରୋଲ ଅଟୋ, ଡିଜେଲ ଅଟୋ, ଇ ଅଟୋ ଓ ଟୋଟୋ ଅଟୋ ରିକ୍ସା ଗୁଡ଼ିକ ସାହି ଗଳିକନ୍ଦିରେ ପଶି ଜାମ କରିବାର ସମ୍ଭାବନା ରହିଛି । ସହର ଭିତରେ ସେମାନଙ୍କୁ ନିୟନ୍ତ୍ରଣ କରିନପାରିଲେ ଭକ୍ତ ଶ୍ରଦ୍ଧାଳୁ ଓ ରଥଯାତ୍ରୀ ମାନେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି ବୋଲି ସହରରେ ଆଲୋଚନା ହେଉଛି ।

# ଭୁବନେଶ୍ୱର ସୁନ୍ଦରପଦା ବିସ୍ଫୋରଣ ମାମଲାରେ ଏନଆଇଏ ସାତ ମାସ ପରେ ଆଉ ଜଣେ ଅଭିଯୁକ୍ତଙ୍କୁ କଲା ଗିରଫ

ଭୁବନେଶ୍ୱର, ୦୯/୦୭ (ନି.ପ୍ର): ଭୁବନେଶ୍ୱରର ସୁନ୍ଦରପଦାସ୍ଥିତ ଆଜାଦ ନଗର ବିସ୍ଫୋରଣ ମାମଲାରେ ଜାତୀୟ ତଦନ୍ତ ସଂସ୍ଥା (ଏନଆଇଏ) ବୁଧବାର ଆଉ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ଘଟଣାର ପ୍ରାୟ ସାତ ମାସ ପରେ ହୋଇଥିବା ଏହି କାର୍ଯ୍ୟାନୁଷ୍ଠାନକୁ ତଦନ୍ତରେ ଏକ ବଡ଼ ସଫଳତା ଭାବେ ଦେଖାଯାଉଛି। ଗିରଫ ଅଭିଯୁକ୍ତଙ୍କ ନାମ ରୋହନ ରଞ୍ଜନ ରାଉତରାୟ। ଏନଆଇଏ ସୂଚନା ଅନୁଯାୟୀ, ସେ ଭୁବନେଶ୍ୱରର ପଟିଆ ଅଂଚଳର ବାସିନ୍ଦା। ତାଙ୍କୁ ଉତ୍ତରପ୍ରଦେଶରୁ ଗିରଫ କରାଯାଇଛି। ବିସ୍ଫୋରଣ ସହ ଜଡ଼ିତ ଷଡ଼ଯନ୍ତ୍ରରେ ତାଙ୍କ ଭୂମିକା ନେଇ ପ୍ରମାଣ ମିଳିବା ପରେ ତାଙ୍କୁ ହେପାଜତକୁ ନିଆଯାଇଥିବା ଏନଆଇଏ ପକ୍ଷରୁ କୁହାଯାଇଛି।

ସୂଚନାଯୋଗ୍ୟ, ଗତ ଜାନୁଆରୀ ୨୭ ତାରିଖରେ ସୁନ୍ଦରପଦାର ଆଜାଦ ନଗରସ୍ଥିତ ଏକ ଘରେ ବୋମା ପ୍ରସ୍ତୁତ କରାଯାଉଥିବା ସମୟରେ ଭୟଙ୍କର ବିସ୍ଫୋରଣ ଘଟିଥିଲା। ଏହି ଘଟଣାରେ ଦୁଇ ଜଣଙ୍କ ମୃତ୍ୟୁ ହୋଇଥିଲା। ଘଟଣାର ଗୁରୁତ୍ୱକୁ ଦେଖି ପରେ ମାମଲାର ତଦନ୍ତ ଦାୟିତ୍ୱ ଏନଆଇଏକୁ ହସ୍ତାନ୍ତର କରାଯାଇଥିଲା। ତଦନ୍ତ ସମୟରେ ଏନଆଇଏଟିମ୍ ଆଜାଦ ନଗରରେ ପହଂଚି ଘଟଣାସ୍ଥଳର ବିସ୍ତୃତ ଯାଂଚ କରିଥିଲା ଏବଂ ଫୋରେନସିକ୍ ପ୍ରମାଣ ଆଧାରରେ ତଦନ୍ତକୁ ଆଗକୁ ବଢ଼ାଇଥିଲା। ଏହି ମାମଲାର ମୁଖ୍ୟ ଅଭିଯୁକ୍ତ ଶେହନବାଜ ମଲ୍ଲିକ ଓରଫ ମାଫି ଏବଂ ତାଙ୍କ ମାଆ ବିସ୍ଫୋରଣରେ ଗୁରୁତର ଆହତ ହୋଇଥିଲେ। ପରେ ଚିକିତ୍ସାଧୀନ ଅବସ୍ଥାରେ ଉଭୟଙ୍କ ମୃତ୍ୟୁ ହୋଇଥିଲା।

ଏନଆଇଏତଦନ୍ତ ସମୟରେ ଏହି ମାମଲାରୁ ବିପୁଳ ପରିମାଣର (ଆରଡିଏକ୍ସ) ବିସ୍ଫୋରକ ଜବତ କରାଯାଇଥିଲା। ଏତେ ବଡ଼ ପରିମାଣର ଉଚ୍ଚ କ୍ଷମତାସମ୍ପନ୍ନ ବିସ୍ଫୋରକ କେଉଁ ଉଦ୍ଦେଶ୍ୟରେ ରଖାଯାଇଥିଲା ଏବଂ ଏହା ପଛରେ କି ପ୍ରକାର ଷଡ଼ଯନ୍ତ୍ର ରହିଥିଲା, ସେ ନେଇ ଏଜେନ୍ସି ତଦନ୍ତ ଜାରି ରଖିଛି। ତଦନ୍ତକାରୀ ସଂସ୍ଥା ଏହି ମାମଲାରେ ଅନେକ ବ୍ୟକ୍ତିଙ୍କୁ ପଚରାଉଚରା କରିଛି। ଜବତ ହୋଇଥିବା ଆରଡିଏକ୍ସ ର ଉତ୍ସ, ଏହାର ସମ୍ଭାବ୍ୟ ବ୍ୟବହାର, ଯୋଗାଣ ଶୃଙ୍ଖଳା ଏବଂ ସମ୍ପୂର୍ଣ୍ଣ ନେଟୱର୍କ ସମ୍ପର୍କରେ ତଥ୍ୟ ସଂଗ୍ରହ ପାଇଁ ତଦନ୍ତ ଚାଲିଛି। ବିସ୍ଫୋରଣ ପଛରେ କୌଣସି ସଂଗଠିତ ଅପରାଧିକ ଗୋଷ୍ଠୀ କିମ୍ବା ଆତଙ୍କବାଦୀ ନେଟୱର୍କର ସମ୍ପୃକ୍ତି ରହିଛି କି ନାହିଁ, ସେ ଦିଗରେ ମଧ୍ୟ ଏନଆଇଏତଦନ୍ତ କରୁଛି।

# ପରିବେଶ ସୁରକ୍ଷାର ଶପଥ ସହ ବନ ମହୋତ୍ସବ ପାଳିଲା ପିଏମ ଶ୍ରୀ ବାଳିକା ଉଚ୍ଚ ବିଦ୍ୟାଳୟ

ବଲାଙ୍ଗିର, ୦୯/୦୭ (ନି.ପ୍ର): ସ୍ଥାନୀୟ ଗାନ୍ଧୀନଗର ପଡ଼ା ସ୍ଥିତ ପିଏମ ଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ର ମିନି ଷ୍ଟାଡିୟମ ଠାରେ ୭୭ତମ ବନ ମହୋତ୍ସବ ପାଳିତ ହୋଇଯାଇଛି।ବିଦ୍ୟାଳୟ ର ପ୍ରଧାନ ଶିକ୍ଷୟତ୍ରୀ ସ୍ୱୋଶ୍ରୀ ଭୋଇ ଙ୍କ ସଭାପତିତ୍ୱ ରେ ଆୟୋଜିତ ଉଦ୍ଘାଟନୀ ସଭାରେ ଜିଲ୍ଲା ଶିକ୍ଷା ଅଧିକାରୀ ସୁଧାଂଶୁ ଶେଖର ମିଶ୍ର ଯୋଗଦେଇ ବୃକ୍ଷ ହିଁ ଜୀବନ ର ଆଧାର ବୋଲି କହିବା ସହ ବୃକ୍ଷ କେବଳ ପରିବେଶ ର ସନ୍ତୁଳନ ରକ୍ଷା କରେ ନାହିଁ,ବରଂ ମାନବ ଜୀବନର ଅସ୍ତିତ୍ୱ ପାଇଁ ଅମୂଲ୍ୟ ସମ୍ପଦ।ପ୍ରତ୍ୟେକ ଛାତ୍ରୀ ଅନ୍ତତଃ ଗୋଟିଏ ବୃକ୍ଷ ରୋପଣ କରି ତାହାର ଯତ୍ନ ନେବାକୁ ସେ ଆହ୍ୱାନ ଦେଇଥିଲେ।ନିମନ୍ତ୍ରୀତ ଅତିଥି ଭାବେ ଟିଟିଲାଗଡ଼ ଡିଏଭି କଲେଜ ର ପୂର୍ବତନ ଅଧ୍ୟକ୍ଷ ଶିବ ବେହେରା ନିଜ ବକ୍ତବ୍ୟରେ ପ୍ରକୃତି ଓ ମାନବ ପରସ୍ପର ପରିପୂରକ ବୋଲି କହିବା ସହ ବନ ସମ୍ପଦର ସୁରକ୍ଷା ଏବଂ ଅଧିକରୁ ଅଧିକ ବୃକ୍ଷରୋପଣ ହିଁ ଜଳବାୟୁ ପରିବର୍ତ୍ତନ,ପ୍ରଦୂଷଣ ଓ ବୈଶ୍ୱିକ ଉତ୍ତାପ ଭଳି ସମସ୍ୟା ର ଦୀର୍ଘସ୍ଥାୟୀ ସମାଧାନ ବୋଲି କହିଥିଲେ। ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରବୀର ପଣ୍ଡା ନିଜ ବକ୍ତବ୍ୟରେ ଆଜି ରୋପଣ କରାଯାଉଥିବା ପ୍ରତ୍ୟେକ ଚାରା ଆଗାମୀ ପିଢ଼ି ପାଇଁ ଏକ ଅମୂଲ୍ୟ ଉପହାର ବୋଲି କହିଥିବା ବେଳେ ଜିଲ୍ଲା କ୍ରୀଡା ଶିକ୍ଷା ଅଧିକାରୀ ପ୍ରଦୀପ ପାତ୍ର ସବୁଜ ପରିବେଶ ହିଁ ସୁସ୍ଥ ସମାଜ ଓ ସମୃଦ୍ଧ ଭବିଷ୍ୟତର ଆଧାର ବୋଲି କହିଥିଲେ। ଏହି ଅବସରରେ ବିଦ୍ୟାଳୟର ଶିକ୍ଷୟତ୍ରୀ ନୂତନ ନାୟକ, ସବିତା ମିଶ୍ର, ରଶ୍ମିତା ଦାଶ, ଯାଜ୍ଞସେନୀ ମହାପାତ୍ର, ପ୍ରିୟମ୍ବଦା ଦେବ, ସୋମନାଞ୍ଜଳି ସାହୁ, ଶିକ୍ଷକ ସୁରେଶ ବାରିକ, ରଞ୍ଜିତ ମିଶ୍ର ଓ ହରି ଖେତୀଙ୍କ ନେତୃତ୍ୱରେ ଛାତ୍ରୀମାନେ ଏକ ସଚେତନତା ରାଲିରେ 'ଗଛ ଲଗାଅ, ଜୀବନ ବଂଚାଅ', 'ଆଜିର ଗଛ, ଆସନ୍ତା କାଲିର ଭବିଷ୍ୟତ', 'ପ୍ରତ୍ୟେକ ଲଗାଇବା ଗୋଟିଏ ଗଛ, ସବୁଜ ହେବ ଆମ ପରିବେଶ','ବୃକ୍ଷ ଆମର ବନ୍ଧୁ,ସୁରକ୍ଷା କରିବା ସିନ୍ଧୁ' ପରି ବିଭିନ୍ନ ପରିବେଶ ସଚେତନତା ମୂଳକ ସ୍ଲୋଗାନ ଦେଇ ସହର ପରିକ୍ରମା କରିଥିଲେ।ଏହି ରାଲି ମାଧ୍ୟମରେ ବୃକ୍ଷ ରୋପଣ, ପରିବେଶ ସୁରକ୍ଷା ଏବଂ ସବୁଜ ପରିବେଶ ଗଠନ ନେଇ ସାଧାରଣ ଲୋକଙ୍କ ମଧ୍ୟରେ ସଚେତନତା ର ବାର୍ତ୍ତା ପହଂଚା ଯାଇଥିଲା। ବିଦ୍ୟାଳୟର ବରିଷ୍ଠ ଶିକ୍ଷୟତ୍ରୀ ସ୍ୱରୂପା ମଞ୍ଜରୀ ସାମନ୍ତରାୟଙ୍କ ଦ୍ୱାରା ପରିଚାଳିତ ଏହି କାର୍ଯକ୍ରମରେ ଏନସିସି ର ଦ୍ୱିତୀୟ କମାଣ୍ଡିଙ୍ଗ ଅଫିସର ସୌମ୍ୟାଶ୍ରୀ ସାହୁ, ଭାରତ ସ୍କାଉଟ ଗାଇଡ଼ର ଗାଇଡ଼ ଶିକ୍ଷୟତ୍ରୀ ଲିଜା ସାହୁ, ଜୁନିଅର ରେଡ଼କ୍ରସ କାଉନସେଲର ଦୀପ୍ତି ବେହେରା, ଇକୋ କ୍ଲବ ଇନଚାର୍ଜ ପ୍ରଜ୍ଞା ପରମିତା ବଘାର, ସ୍ୱରଞ୍ଜିକା ରାଉତ, ରଶ୍ମିରେଖା ବାଗଙ୍କ ତତ୍ତ୍ୱାବଧାନରେ ବିଦ୍ୟାଳୟର ଛାତ୍ରୀମାନଙ୍କ ଦ୍ୱାରା ମିନି ଷ୍ଟାଡିଅମର ଚତୁଃପାର୍ଶ୍ୱରେ ଆମ୍ବ, ଜାମୁ, ନିମ୍ବ, ଆତ, କରଞ୍ଜ, ବର, ପିପ୍ପଳ, ଅଁଳା, ଅମୃତଭଣ୍ଡା, କାଜୁ ସମେତ ବିଭିନ୍ନ କିସମର ଫଳ, ଔଷଧୀୟ ଓ ଛାୟାପ୍ରଦ ବୃକ୍ଷର ଚାରା ରୋପଣ କରାଯାଇଥିଲା। ରୋପଣ କରାଯାଇଥିବା ପ୍ରତ୍ୟେକ ଚାରା ର ସୁରକ୍ଷା ଓ ନିୟମିତ ଯତ୍ନ ନେବା ପାଇଁ ଛାତ୍ରୀମାନେ ସଂକଳ୍ପ ନେଇଥିଲେ।

# ରଥଯାତ୍ରା ପୂର୍ବରୁ ମିଳିତ ସମନ୍ୱିତ ସୁରକ୍ଷା ମକ୍ ଡ୍ରିଲ୍ ସମ୍ପନ୍ନ

ପୁରୀ , ୦୯/୦୭ (ନି.ପ୍ର): ପବିତ୍ର ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ୨୦୨୬ ଅବସରରେ ଲକ୍ଷାଧିକ ଭକ୍ତଙ୍କ ସୁରକ୍ଷା, ଜରୁରୀ ପରିସ୍ଥିତିରେ ତ୍ୱରିତ ପ୍ରତିକ୍ରିୟା ଏବଂ ବିଭିନ୍ନ ବିଭାଗ ମଧ୍ୟରେ ଅଧିକ ସମନ୍ୱୟ ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ ପୁରୀ ପୋଲିସ ପକ୍ଷରୁ ଆଜି ପୁରୀ ସହରର ହୋଟେଲ ତାଜ ଏବଂ ଶ୍ରୀଜଗନ୍ନାଥ ମନ୍ଦିର ନିକଟସ୍ଥ ବାଗେଡ଼ିଆ ଧର୍ମଶାଳା ପରିସରରେ ସମସ୍ତ ବିଭାଗ ସମନ୍ୱିତ ସୁରକ୍ଷା ମକ୍ ଡ୍ରିଲ୍ ସଫଳତାର ସହିତ ଆୟୋଜନ କରାଯାଇଥିଲା। ରଥଯାତ୍ରା ସମୟରେ ପୁରୀରେ ଲକ୍ଷାଧିକ ସଂଖ୍ୟକ ଭକ୍ତ ଓ ପର୍ଯ୍ୟଟକଙ୍କ ସମାଗମ ହେଉଥିବାରୁ ଯେକୌଣସି ଜରୁରୀ କିମ୍ବା ଅପ୍ରତ୍ୟାଶିତ ପରିସ୍ଥିତିରେ ସମନ୍ୱିତ ଓ ତ୍ୱରିତ ପଦକ୍ଷେପ ଗ୍ରହଣ କରିବା ଅତ୍ୟନ୍ତ ଜରୁରୀ। ଏହି ଦୃଷ୍ଟିକୋଣରୁ ବାସ୍ତବ ପରିସ୍ଥିତିକୁ ଆଧାର କରି ବିଭିନ୍ନ କଳ୍ପିତ ଘଟଣାର ଦୃଶ୍ୟପଟ ସୃଷ୍ଟି କରାଯାଇ ସମ୍ପୃକ୍ତ ବିଭାଗ ମାନଙ୍କର ପ୍ରସ୍ତୁତି, ପରସ୍ପର ସମନ୍ୱୟ, ଜରୁରୀ ପ୍ରତିକ୍ରିୟା ଏବଂ ଉଦ୍ଧାର କାର୍ଯ୍ୟର ଦକ୍ଷତାକୁ ପରଖା ଯାଇଥିଲା। ଏହି ମକ୍ ଡ୍ରିଲ୍ରେ ଓଡ଼ିଶା ପୋଲିସର ବିଶେଷ ପ୍ରଶିକ୍ଷିତ ଟାକ୍ଟିକାଲ୍ ୟୁନିଟ୍, ବମ୍ ନିଷ୍କ୍ରିୟକରଣ ଦଳ, ଡଗ୍ ସ୍କ୍ୱାଡ୍, ଅଗ୍ନିଶମ ଓ ଜରୁରୀ ସେବା ବିଭାଗ, ଓଡ୍ରାଫ୍, ସ୍ୱାସ୍ଥ୍ୟ ବିଭାଗ, ଆମ୍ବୁଲାନ୍ସ ସେବା, ଷ୍ଟ୍ରେଚର ରେସ୍ପନ୍ସ ଟିମ୍ ଏବଂ ଜିଲ୍ଲା ପ୍ରଶାସନର ବିଭିନ୍ନ ବିଭାଗ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ। ଅଭ୍ୟାସ ସମୟରେ ପ୍ରତ୍ୟେକ ବିଭାଗ ନିଜ ନିଜ ଦାୟିତ୍ୱକୁ ସଫଳତାର ସହ ପାଳନ କରିବା ସହ ଆନ୍ତଃବିଭାଗୀୟ ସମନ୍ୱୟର ଉତ୍କୃଷ୍ଟ ଉଦାହରଣ ପ୍ରଦର୍ଶନ କରିଥିଲେ। ମକ୍ ଡ୍ରିଲ୍ ସମୟରେ ଘଟଣାସ୍ଥଳରେ ପୋଲିସ ମୁତୟନ, ସନ୍ଦେହଜନକ ସ୍ଥାନର ଯାଂଚ, ବମ୍ ନିଷ୍କ୍ରିୟକରଣ ପ୍ରକ୍ରିୟା, ଡଗ୍ ସ୍କ୍ୱାର୍ଡର ସର୍ଚ୍ଚ ଅପରେସନ୍, ଆହତଙ୍କ ଉଦ୍ଧାର, ଚିକିତ୍ସା ସହାୟତା, ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତରଣ ଏବଂ ସମଗ୍ର ଘଟଣାର କମାଣ୍ଡ ଓ କଣ୍ଟ୍ରୋଲ୍ ବ୍ୟବସ୍ଥାର କାର୍ଯ୍ୟକାରିତାକୁ ସୂକ୍ଷ୍ମ ଭାବେ ମୂଲ୍ୟାଙ୍କନ କରାଯାଇଥିଲା।

ଏହି ଅଭ୍ୟାସ ମାଧ୍ୟମରେ ବିଭିନ୍ନ ସୁରକ୍ଷା ଓ ଜରୁରୀ ସେବା ବିଭାଗମାନଙ୍କ ମଧ୍ୟରେ ସମନ୍ୱୟ, ଯୋଗାଯୋଗ ବ୍ୟବସ୍ଥା ଏବଂ ତ୍ୱରିତ ପ୍ରତିକ୍ରିୟା କ୍ଷମତାକୁ ଆହୁରି ସୁଦୃଢ଼ କରାଯାଇଛି। ମକ୍ ଡ୍ରିଲ୍ରୁ ମିଳିଥିବା ଅନୁଭୂତି ଓ ପର୍ଯ୍ୟବେକ୍ଷଣକୁ ଆଧାର କରି ସୁରକ୍ଷା ବ୍ୟବସ୍ଥାରେ ଆବଶ୍ୟକ ସୁଧାର ଓ ପରିମାର୍ଜନ କରାଯିବ, ଯାହାଦ୍ୱାରା ରଥଯାତ୍ରା ସମୟରେ ଯେକୌଣସି ଜରୁରୀ ପରିସ୍ଥିତିର ଅଧିକ ଦକ୍ଷତାର ସହିତ ମୁକାବିଲା କରାଯାଇପାରିବ। ଏହି ଅବସରରେ ପୁରୀ ଏସପି ପ୍ରତୀକ ସିଂ କହିଛନ୍ତି ଯେ, ଏପରି ଅଭ୍ୟାସ ମାଧ୍ୟମରେ ସମସ୍ତ ସୁରକ୍ଷା ଓ ଜରୁରୀ ସେବା ସଂସ୍ଥାମାନଙ୍କର କାର୍ଯ୍ୟଦକ୍ଷତା ଆହୁରି ବୃଦ୍ଧି ପାଇଥାଏ। ପ୍ରତ୍ୟେକ ସଂସ୍ଥା ନିଜ ଦାୟିତ୍ୱ ସମ୍ପର୍କରେ ଅଧିକ ସଚେତନ ହେବା ସହିତ ପରସ୍ପର ସମନ୍ୱୟ ମଧ୍ୟ ଅଧିକ ସୁଦୃଢ଼ ହୁଏ, ଯାହା ବୃହତ୍ ଧାର୍ମିକ ସମାବେଶରେ ଜରୁରୀ ପରିସ୍ଥିତିର ସଫଳ ପରିଚାଳନାରେ ସହାୟକ ହୋଇଥାଏ। ସେ ଆହୁରି କହିଛନ୍ତି ଯେ, ରଥଯାତ୍ରା ସମୟରେ କୌଣସି ସନ୍ଦେହଜନକ ବସ୍ତୁ, ସନ୍ଦେହଜନକ ବ୍ୟକ୍ତି କିମ୍ବା ଅସ୍ୱାଭାବିକ କାର୍ଯ୍ୟକଳାପ ଦେଖିଲେ ଭକ୍ତ, ପର୍ଯ୍ୟଟକ ଓ ସାଧାରଣ ଲୋକ ତୁରନ୍ତ ନିକଟସ୍ଥ ପୋଲିସ କର୍ମଚାରୀଙ୍କୁ କିମ୍ବା ଜରୁରୀ ସେବା ୧୧୨ ନମ୍ବରରେ ସୂଚନା ଦିଅନ୍ତୁ। ସହରର ବିଭିନ୍ନ ସ୍ଥାନରେ ପୋଲିସ ସହାୟତା ଓ ସୂଚନା କେନ୍ଦ୍ର କାର୍ଯ୍ୟକ୍ଷମ ରହିବ, ଯେଉଁଠାରେ ଭକ୍ତମାନେ ଆବଶ୍ୟକ ସହଯୋଗ ଓ ସୂଚନା ପାଇପାରିବେ। ପୁରୀ ପୋଲିସ ପକ୍ଷରୁ ଗୁଇନ୍ଦା ସଂସ୍ଥା, କେନ୍ଦ୍ରୀୟ ସୁରକ୍ଷା ଏଜେନ୍ସି ଏବଂ ଜିଲ୍ଲା ପ୍ରଶାସନ ସହ ନିରନ୍ତର ସମନ୍ୱୟ ରକ୍ଷା କରାଯାଉଛି। ଆଧୁନିକ ପ୍ରଯୁକ୍ତି, ପ୍ରଶିକ୍ଷିତ ସୁରକ୍ଷା ବଳ ଏବଂ ସୁଦୃଢ଼ ଜରୁରୀ ପ୍ରତିକ୍ରିୟା ବ୍ୟବସ୍ଥା ମାଧ୍ୟମରେ ରଥଯାତ୍ରା ୨୦୨୬ ପାଇଁ ବ୍ୟାପକ ସୁରକ୍ଷା ପ୍ରସ୍ତୁତି କରାଯାଇଛି। ପୁରୀ ପୋଲିସ ସମସ୍ତ ଭକ୍ତ, ପର୍ଯ୍ୟଟକ ଏବଂ ସାଧାରଣ ଜନତାଙ୍କୁ ଆଶ୍ୱସ୍ତ କରୁଛି ଯେ, ସମସ୍ତଙ୍କ ସହଯୋଗ ଓ ସଚେତନତା ସହ ରଥଯାତ୍ରା ୨୦୨୬କୁ ଶାନ୍ତିପୂର୍ଣ୍ଣ, ସୁରକ୍ଷିତ ଓ ସୁବ୍ୟବସ୍ଥିତ ଭାବେ ସମ୍ପନ୍ନ କରିବା ପାଇଁ ସମସ୍ତ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଇଛି।

# ଗୃହ ବିଭାଗ ସଚିବଙ୍କ ଆଦେଶକୁ ଅବମାନନା ନେଇ ଓଡ଼ିଶା ଅମଲା ସଂଘର ସାମ୍ବାଦିକ ସମ୍ମିଳନୀ

ଜୟପୁର, ୦୯/୦୭ (ନି.ପ୍ର): ଓଡ଼ିଶା ଅମଲା ସଂଘ ର ସାମ୍ବାଦିକ ସମ୍ମିଳନୀ ଜୟପୁର ଯାଦବ ଭବନ ଠାରେ ଅନୁଷ୍ଠିତ ହୋଇଯାଇଅଛି। ଶ୍ରୀ ଶଶୀଭୂଷଣ ଦାଶ୍ ରାଜ୍ୟ ଅତିରିକ୍ତ ସାଧାରଣ ସମ୍ପାଦକ ଓଡ଼ିଶା ଅମଲାଙ୍କ ଦ୍ୱାରା ଆୟୋଜିତ ସମ୍ମିଳନୀରେ ଓଡ଼ିଶା ଅମଲା ସଂଘର କିଛି ପୂର୍ବତନ ନେତୃବୃନ୍ଦ ନିର୍ବାଚନ ନାମରେ ଚୟନ କରି ଜାଲିଆତି କରିଥିବା ଯୋଗୁଁ ପୁରୀ ତ୍ରୟବାର୍ଷିକି ସମ୍ମିଳନିରେ ଯୋରଦାର ଆନ୍ଦୋଳନ ହେବା ସହିତ ନିର୍ବାଚନ କରିବାକୁ ଦାବି କରି ଆସିଥିଲେ । ଜୋରଦାର ଆନ୍ଦୋଳନ ସତ୍ତ୍ୱେ ଲୁକ୍କାୟିତ ଭାବେ ଜାଲିଆତି କର୍ମକର୍ତ୍ତା ତାଲିକା ଗୃହ ବିଭାଗ ସଚିବଙ୍କ ଅନୁମୋଦନ ପାଇଁ ପଠାଯାଇଥିଲା । ବିଭିନ୍ନ ଗଣମାଧ୍ୟମରେ ପ୍ରଚାର ପ୍ରସାର ହେବା ପରେ ଉକ୍ତ ଜାଲିଆତି ତାଲିକା ଓ ଭୁଲ୍ ତଥ୍ୟ କୁ ନେଇ ଗୃହ ବିଭାଗ ସଚିବ ରାଜ୍ୟ ସାଧାରଣ ସମ୍ପାଦକ ଓଡ଼ିଶା ଅମଲା ସଂଘଙ୍କୁ କୈଫିୟତ୍ ତଲବ କରିବା ସହିତ ୭ ଦିନ ମଧ୍ୟରେ ସମସ୍ତ ତଥ୍ୟ ପ୍ରଦାନ କରିବା ସହିତ ରାଜସ୍ୱ ଅମଲା କେମିତି ଓଡ଼ିଶା ସଂଘର ତ୍ରୟୋବାର୍ଷିକି ସମ୍ମିଳନୀରେ ଯୋଗଦାନ କରିଥିଲେ ବୋଲି ପ୍ରଶ୍ନ କରିଥିବା ଶ୍ରୀ ଦାଶ୍ ସାମ୍ବାଦିକ ସମ୍ମିଳନୀରେ ସ୍ପଷ୍ଟ କରିଥିଲେ। ଅପର ପକ୍ଷରେ ଓଡ଼ିଶା ରାଜସ୍ୱ ଅମଲା ସଂଘ ସାଧାରଣ ସମ୍ପାଦକ ଗୃହ ବିଭାଗ ସଚିବ ଓ ରାଜସ୍ୱ ବିଭାଗ ସଚିବଙ୍କୁ ଏକ ପତ୍ର ଲେଖିଥିଲେ ଯେ ଓଡ଼ିଶା ରାଜସ୍ୱ ଅମଲା ସଂଘ ର ଏକ ସ୍ୱତନ୍ତ୍ର ସଂଘ ଅଛି ସମସ୍ତ ରାଜସ୍ୱ ଅମଲା ଉକ୍ତ ସଂଘ ର ସଦସ୍ୟ ତେଣୁ ରାଜସ୍ୱ ଅମଲାଙ୍କ କ୍ଷେତ୍ରରେ ସ୍ୱତନ୍ତ୍ର ଛୁଟି ମଞ୍ଜୁର ନ କରିବା ପାଇଁ ଅନୁରୋଧ କରିଥିଲେ। ଏ ନେଇ ଗୃହ ବିଭାଗ ସଚିବ ରାଜସ୍ୱ ବିଭାଗ କୁ ଏକ ପତ୍ର ଲେଖି ଯାରି ଉପରେ ତିକ୍ଷ୍ଣ ନଜର ରଖିବା ସହିତ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ତଥାପି ଉକ୍ତ ଆଦେଶକୁ ବେଖାତିରି କରି ତ୍ରୟବାର୍ଷିକୀ ସମ୍ମିଳନୀରେ ଯୋଗଦାନ କରିଥିବା ଗୃହ ବିଭାଗ ସଚିବ ତାଙ୍କ କୈଫିୟତ୍‌ରେ ଦର୍ଶାଇ ଥିବା ଶ୍ରୀ ଦାଶ୍ କହିଛନ୍ତି । ତେଣୁ ରାଜସ୍ୱ ବିଭାଗ ଅମଲା ମାନେ ଯେଉଁ ମାନେ ତ୍ରୟବାର୍ଷିକି ସମ୍ମିଳନିରେ ଯୋଗଦାନ କରିଥିଲେ ତାଙ୍କରି ୨ ଦିନର ବେତନ କାଟି ବା ନିମନ୍ତେ ସରକାରଙ୍କୁ ଅନୁରୋଧ କରିଥିଲେ। ପରି ଶେଷରେ ଶ୍ରୀ ଦାଶ୍ କହିଛନ୍ତି ଯେ କୋରାପୁଟ ଜିଲ୍ଲା ରୁ ଜଣେ ମାତ୍ର ବିବାଦୀୟ ରାଜସ୍ୱ ଅମଲା ତ୍ରୟବାର୍ଷିକି ସମ୍ମିଳନୀରେ ଯୋଗଦାନ କରିଥିଲେ ବର୍ତ୍ତମାନ ସେ ଚାକିରୀରୁ ଅବସର ଗ୍ରହଣ କରିସାରିଛନ୍ତି ଏପରି ବହୁତ ଅମଲା ଓ ରାଜସ୍ୱ ଅମଲା ଯେଉଁ ମାନେ ଅବସର ଗ୍ରହଣ କରିସାରିଛନ୍ତି ଓ ଯେଉଁ ମାନେ ତ୍ରୟବାର୍ଷିକି ସମ୍ମିଳନି ରେ ଯୋଗଦାନ କରି ନାହାଁନ୍ତି ସେମାନଙ୍କ ନାମ ମଧ୍ୟ ଜାଲିଆତି ତାଲିକାରେ ରହିଥିବା ଶ୍ରୀ ଦାଶ୍ ପ୍ରକାଶ କରିଥିଲେ । ଇରାନ କହିଛି ଯେ ଆମେରିକା ଲାଇସେନ୍ସ ପ୍ରତ୍ୟାହାର କରି ଏମଓୟୁ ଉଲ୍ଲଂଘନ କରିଛି। ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ଏହି ଆକ୍ରମଣକୁ ନିନ୍ଦା କରି ଏକ ବିବୃତ୍ତି ଜାରି କରିଛି। ଏହି ସମୟରେ, ଇରାନର ରାଷ୍ଟ୍ରପତି ପେଜେସ୍କିଆନ୍ ଇରାକୀ ସରକାର ଏବଂ ଲୋକଙ୍କୁ ଇସଲାମିକ ବିପ୍ଳବର ସହିଦ ନେତା ଆୟାତୋଲ୍ଲା ସୟିଦ ଅଲି ଖାମେନିଙ୍କ ପାଇଁ ଆୟୋଜିତ ଶ୍ରଦ୍ଧାଞ୍ଜଳି ସମାରୋହର ଆୟୋଜନ କରିଥିବାରୁ କୃତଜ୍ଞତା ପ୍ରକାଶ କରିଛନ୍ତି। ସେ ଏହି କାର୍ଯ୍ୟକ୍ରମକୁ ଦୁଇ ଦେଶ ମଧ୍ୟରେ ଗଭୀର ଐତିହାସିକ, ସାଂସ୍କୃତିକ ଏବଂ ଧାର୍ମିକ ସମ୍ପର୍କର ପ୍ରତିଫଳନ ବୋଲି ବର୍ଣ୍ଣନା କରିଥିଲେ ଏବଂ ଅନେକ କ୍ଷେତ୍ରରେ ପାରସ୍ପରିକ ସହଯୋଗ ବୃଦ୍ଧି କରିବାର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ।

# କନ୍ଧ ସମାଜ ବଲାଙ୍ଗୀରର ପ୍ରସ୍ତୁତି ବୈଠକ

ବଲାଙ୍ଗିର, ୦୯/୦୭ (ନି.ପ୍ର): ବୁଧବାର ଦିନ ବଲାଙ୍ଗୀର ଜିଲ୍ଲା ମୁରିବାହାଲ ବ୍ଲକ ପାତାଳପଡ଼ା ଶିବ ମନ୍ଦିର ପ୍ରାଙ୍ଗଣରେ କନ୍ଧ ସମାଜ ର ବରିଷ୍ଠ ନେତା ସଂକୀର୍ତ୍ତନ ଶିକା ଙ୍କ ସଭାପତିତ୍ୱ ରେ ଏକ ବୈଠକ ଅନୁଷ୍ଠିତ ହୋଇ ଯାଇଛି। ଆଗାମୀ ଜୁଲାଇ ୧୨ ତାରିଖ ରେ ମୁରିବାହାଲ କଲ୍ୟାଣ ମଣ୍ଡପ ଠାରେ କନ୍ଧ ସମାଜ ବଲାଙ୍ଗୀର ଓଡିଶା ର ବୈଠକ ସୁଚାରୁ ରୂପେ ସମ୍ପାଦନା କରିବା ସକାଶେ ଆଲୋଚନା ହୋଇଥିଲା । କନ୍ଧ ସମାଜ ର ବରିଷ୍ଠ କାର୍ଯ୍ୟକର୍ତ୍ତା ଯୋଗ ଦେବା ସହିତ ଆଗାମୀ ଦିନ ରେ ସଂଗଠନିକ ସ୍ଥିତି ସୁଦୃଢ କରିବା ନେଇ ଆଲୋଚନା ହୋଇ ଥିଲା ।

# କମ୍ ଓଜନ ଶିଶୁଙ୍କ ପାଇଁ ଖାଦ୍ୟ ପରିବର୍ତ୍ତନ କାର୍ଯ୍ୟକ୍ରମ ଓ ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ ଅନୁଷ୍ଠିତ

କେନ୍ଦ୍ରାପଡ଼ା, ୦୯/୦୭ (ନି.ପ୍ର): କମ୍ ଓଜନ ଏବଂ ଅତ୍ୟନ୍ତ କମ୍ ଓଜନ ଥିବା ଶିଶୁମାନଙ୍କ ପୋଷଣ ସ୍ଥିତିରେ ସୁଧାର ଆଣିବା ଉଦ୍ଦେଶ୍ୟରେ କେନ୍ଦ୍ରାପଡ଼ାରେ ଏକ ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। କେନ୍ଦ୍ରାପଡ଼ା ବ୍ଲକ ସମ୍ମିଳନୀ କକ୍ଷରେ ଜିଲ୍ଲା ସମାଜ ମଙ୍ଗଳ ବିଭାଗ (ମହିଳା ଓ ଶିଶୁ ବିକାଶ ବିଭାଗ) ପକ୍ଷରୁ ଆୟୋଜିତ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ କମ୍ ଓଜନ ଶିଶୁଙ୍କ ପାଇଁ ସକାଳ ଜଳଖିଆ ଏବଂ ଅତ୍ୟନ୍ତ କମ୍ ଓଜନ ଶିଶୁଙ୍କ ପାଇଁ ବ୍ୟୟ ମାନଦଣ୍ଡ ଓ ଖାଦ୍ୟ ତାଲିକା ସମ୍ପର୍କରେ ଆଲୋଚନା କରାଯାଇଥିଲା। କେନ୍ଦ୍ରାପଡ଼ାର ଅତିରିକ୍ତ ଜିଲ୍ଲାପାଳ ନବକୃଷ୍ଣ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ପ୍ରଶିକ୍ଷଣକୁ ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ସୁଷମା ମହାନ୍ତି ସଂଯୋଜନା କରିଥିଲେ।

କାର୍ଯ୍ୟକ୍ରମରେ ଜିଲ୍ଲାର ସମସ୍ତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ (ସିଡିପିଓ), ସୁପରଭାଇଜର ଏବଂ ବ୍ଲକ ସଂଯୋଜକମାନେ ଯୋଗଦେଇ ଶିଶୁ ପୋଷଣ ସମ୍ପର୍କିତ ବିଭିନ୍ନ ବିଷୟରେ ପ୍ରଶିକ୍ଷଣ ଗ୍ରହଣ କରିଥିଲେ। ଏହି ଅବସରରେ ଶିଶୁମାନଙ୍କ ପୋଷଣ ସ୍ତର ବୃଦ୍ଧି, ଉପଯୁକ୍ତ ଖାଦ୍ୟ ଯୋଗାଣ ଏବଂ କମ୍ ଓଜନ ଶିଶୁଙ୍କ ପାଇଁ ବିଶେଷ ଯତ୍ନ ନେବା ଉପରେ ଗୁରୁତ୍ୱ ଦିଆଯାଇଥିଲା।

ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଡିସି ପୋଷଣ ସଞ୍ଜୟ ପାତ୍ର, ଡିପିଏ ପୋଷଣ ସୁନିତା ବେହେରା, ଡିପିସି ମମତା ମନୋରଞ୍ଜନ ଦାସ ଏବଂ ଡିପିଏମ ମମତା ଶୁଭେନ୍ଦୁ ଦାସଙ୍କ ସମେତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# କେନ୍ଦ୍ରାପଡାରେ 'ଆସ ଖେଳିବା, ଆସ ଶିଖିବା' କାର୍ଯ୍ୟକ୍ରମ ଆରମ୍ଭ

କେନ୍ଦ୍ରାପଡ଼ା, ୦୯/୦୭ (ନି.ପ୍ର): ଶିଶୁମାନଙ୍କ ପ୍ରାରମ୍ଭିକ ଶିକ୍ଷା ଓ ସର୍ବାଙ୍ଗୀନ ବିକାଶକୁ ସୁଦୃଢ କରିବା ଲକ୍ଷ୍ୟରେ କେନ୍ଦ୍ରାପଡାରେ 'ଆସ ଖେଳିବା, ଆସ ଶିଖିବା' କାର୍ଯ୍ୟକ୍ରମର ଜିଲ୍ଲାସ୍ତରୀୟ ଶୁଭାରମ୍ଭ ହୋଇଛି। ମହିଳା ଓ ଶିଶୁ ବିକାଶ ବିଭାଗ ଏବଂ ରକେଟ୍ ଲର୍ଣ୍ଣିଂ ସଂସ୍ଥାର ମିଳିତ ସହଯୋଗରେ କେନ୍ଦ୍ରାପଡା ବ୍ଲକ୍ ସମ୍ମିଳନୀ କକ୍ଷରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। କେନ୍ଦ୍ରାପଡାର ଅତିରିକ୍ତ ଜିଲ୍ଲାପାଳ ନବକ୍ରିଷ୍ଣ ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ୦ରୁ ୬ ବର୍ଷ ବୟସର ଶିଶୁମାନଙ୍କ ମାନସିକ, ଶାରୀରିକ ଓ ସାମାଜିକ ବିକାଶ ପାଇଁ ଏହି ନୂତନ ପ୍ରାରମ୍ଭିକ ଶିକ୍ଷା ପଦକ୍ଷେପ ଗ୍ରହଣ କରାଯାଇଛି। ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ସୁଷମା ମହାନ୍ତିଙ୍କ ସଂଯୋଜନାରେ ଆୟୋଜିତ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଡିସି ପୋଷଣ ସଂଜୟ ପାତ୍ର, ଡିପିଏ ପୋଷଣ ସୁନିତା ବେହେରା, ଡିପିସି ମମତା ମନୋରଞ୍ଜନ ଦାସ ଓ ଡିପିଏମ ଶୁଭେନ୍ଦୁ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ବାଲ୍‌ଡିହା ଡ୍ୟାମ୍‌ରେ ପର୍ଯ୍ୟଟକଙ୍କ ପାଇଁ ବିଶ୍ରାମ ସେଡ୍, ପାନୀୟ ଜଳ କିଓସ୍କ ଓ ସାର୍ବଜନୀନ ଶୌଚାଳୟ ନିର୍ମାଣ ପାଇଁ ଦାବି ଜଣାଇଲେ ଯୁବ କାଉନ୍‌ସିଲର ରାଜ୍ ଗୁପ୍ତା



ବାରିପଦା , ୦୯/୭ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲାର ଅନ୍ୟତମ ପ୍ରମୁଖ ପର୍ଯ୍ୟଟନସ୍ଥଳୀ ବାଲ୍‌ଡିହା ଡ୍ୟାମ୍‌ରେ ପର୍ଯ୍ୟଟକଙ୍କ ପାଇଁ ମୌଳିକ ସୁବିଧା ଯୋଗାଇ ଦେବାକୁ ଦାବି ଜୋର ଧରିଛି। ଏହି ପରିପ୍ରେକ୍ଷୀରେ ବୁଧବାର ଯୁବନେତା ତଥା ବାରିପଦା ପୌରପରିଷଦର କାଉନ୍‌ସିଲର ରାଜ୍ ଗୁପ୍ତା ମୟୂରଭଞ୍ଜ ଜଳସେଚନ ବିଭାଗର ଅଧିକ୍ଷଣ ଯନ୍ତ୍ରୀ ଇଂ ପରମେଶ୍ୱ ପାତ୍ରଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିବା ସହ ଏହି ଦାବି ସମ୍ବନ୍ଧରେ ଆଲୋଚନା କରିଥିଲେ । ଏହି ଦାବିପତ୍ରରେ ଉଲ୍ଲେଖ କରାଯାଇଛି ଯେ, ବାଲଡିହା ଡ୍ୟାମ୍ ପ୍ରକୃତିର ମନୋରମ ପରିବେଶ ପାଇଁ ବେଶ୍ ପରିଚିତ। ପ୍ରତିଦିନ ସ୍ଥାନୀୟ ଲୋକଙ୍କ ସହ ଦୂରଦୂରାନ୍ତରୁ ବହୁ ସଂଖ୍ୟାରେ ପର୍ଯ୍ୟଟକ, ପ୍ରକୃତିପ୍ରେମୀ ଏବଂ ପିକନିକ୍ କରିବା ପାଇଁ ଏଠାକୁ ଆସିଥାନ୍ତି । ବିଶେଷକରି ଶନିବାର, ରବିବାର ଏବଂ ସରକାରୀ ଛୁଟିଦିନରେ ପର୍ଯ୍ୟଟକଙ୍କ ସଂଖ୍ୟା ବହୁଗୁଣିତ ହୋଇଥାଏ। ମାତ୍ର ସେଠାରେ ବିଶ୍ରାମ ସେଡ୍, ନିରାପଦ ପାନୀୟ ଜଳ ଏବଂ ସ୍ୱଚ୍ଛ ସାର୍ବଜନୀନ ଶୌଚାଳୟ ଭଳି ଅତ୍ୟାବଶ୍ୟକ ସୁବିଧା ନଥିବାରୁ ପର୍ଯ୍ୟଟକମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ବାଲ୍ ?ଡିହା ଡ୍ୟାମ୍‌ରେ ଏକ ସ୍ଥାୟୀ ବିଶ୍ରାମ ସେଡ୍, ଶୁଦ୍ଧ ପାନୀୟ ଜଳ ଯୋଗାଇବା ପାଇଁ ୱାଟର କିଓସ୍କ ଏବଂ ଉପଯୁକ୍ତ ରକ୍ଷଣାବେକ୍ଷଣ ସହିତ ସାର୍ବଜନୀନ ଶୌଚାଳୟ ନିର୍ମାଣ କରିବାକୁ ଆବେଦନରେ ଅନୁରୋଧ କରାଯାଇଛି। ଏହି ସମସ୍ତ ସୁବିଧା ଉପଲବ୍ଧ ହେଲେ ପର୍ଯ୍ୟଟକଙ୍କ ଆରାମ, ସ୍ୱଚ୍ଛତା ଓ ସ୍ୱାସ୍ଥ୍ୟ ସୁରକ୍ଷା ବୃଦ୍ଧି ପାଇବା ସହ ବାଲ୍‌ଡିହା ଡ୍ୟାମ୍‌ର ପର୍ଯ୍ୟଟନ ବିକାଶକୁ ମଧ୍ୟ ବେଶ୍ ସହାୟକ ହେବ ବୋଲି ଶ୍ରୀ ଗୁପ୍ତା ଅଧିକ୍ଷଣ ଯନ୍ତ୍ରୀଙ୍କ ଠାରେ ଦାବି ରଖିଛନ୍ତି ।

## ରଥ ନିର୍ମାଣ କାର୍ଯ୍ୟର ତଦାରଖ ଓ ସମୀକ୍ଷା

ଜୟପୁର, ୦୯/୭ (ନି.ପ୍ର): ଜୟପୁର ରଥଯାତ୍ରା ପାଇଁ ପ୍ରସ୍ତୁତ ହେଉଥିବା ମହାପ୍ରଭୁ ଶ୍ରୀଜଗନ୍ନାଥ, ମହାପ୍ରଭୁ ବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କ ରଥ ନିର୍ମାଣ କାର୍ଯ୍ୟ ଚାଲିଥିବା ରଥଖଳା ପରିଦର୍ଶନ କରି ଏହାର ତଦାରଖ ଓ ସମୀକ୍ଷା କରିଥିଲେ ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି। ଏହି ଅବସରରେ ଦେବୋତର କମିଟି ସଭାପତି ଦେବେନ୍ଦ୍ର ବାହିନୀପତି, ଜୟପୁର ତହସିଲଦାର ସବ୍ୟସାଚୀ ଜେନା, ଦେବୋତର କମିଟିର ସଭାପତି ଏବଂ ଅନ୍ୟାନ୍ୟ ବିଶିଷ୍ଟ ବ୍ୟକ୍ତିବର୍ଗ ବିଧାୟକ ବାହିନୀପତି ସମୀକ୍ଷା ସମୟରେ ଉପସ୍ଥିତ ଥିଲେ କ୍ଷରଥ ନିର୍ମାଣ କାର୍ଯ୍ୟ ସୁଚାରୁରୂପେ ଓ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସମ୍ପନ୍ନ ହେବା ନିମନ୍ତେ ଆବଶ୍ୟକୀୟ ବିଭିନ୍ନ ପ୍ରସଙ୍ଗ ଉପରେ ମଧ୍ୟ ଆଲୋଚନା କରାଯାଇଥିଲା।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ହୀରାକୁଦରୁ ନିଷ୍କାସିତ ହେଲା...

ଯଦି ବର୍ଷା ହୁଏ କିମ୍ବା ହୀରାକୁଦର ଜଳସ୍ତର ବଢ଼େ, ତେବେ ଅଧିକ ଗେଟ୍ ଖୋଲିବାକୁ ନିଷ୍ପତ୍ତି ନେଇପାରନ୍ତି ହୀରାକୁଦ ଡ୍ୟାମ କର୍ତ୍ତୃପକ୍ଷ। ହୀରାକୁଦ ଡ୍ୟାମ ତା'ର ପ୍ରଥମ ବନ୍ୟା ଜଳ ନିଷ୍କାସନ କରିବା ଏକ ପର୍ବରେ ପରିଣତ ହୋଇଛି। ଏହାକୁ ଦେଖିବାକୁ ହୀରାକୁଦ ଡ୍ୟାମରେ ପ୍ରବଳ ଭିଡ଼ ଦେଖିବାକୁ ମିଳିଛି। ହୀରାକୁଦରେ ବନ୍ୟା ନିୟନ୍ତ୍ରଣ ଓ ବନ୍ୟାଜଳ ପରିଚାଳନା ପାଇଁ ଉପରମୁଣ୍ଡର ତଥ୍ୟ ଆବଶ୍ୟକ ହୋଇଥାଏ। ତଥ୍ୟର ଆଦାନପ୍ରଦାନ ପାଇଁ ଗତକାଲି ଦୁଇ ରାଜ୍ୟ ମଧ୍ୟରେ ଏକ ବୈଠକ ବସିଥିଲା। ତେବେ ଡ୍ୟାମ କର୍ତ୍ତୃପକ୍ଷ ଉପରମୁଣ୍ଡରୁ ସବୁ ତଥ୍ୟ ପାଉଥିବା କହିଛନ୍ତି। କିନ୍ତୁ ଛତିଶଗଡ଼ ସରକାରଙ୍କୁ ଲେଖାଯାଇଥିବା ଚିଠି ଆଉ କିଛି କହୁଛି।

### ଓଡ଼ିଆ ଅସ୍ମିତାକୁ ଇସ୍କନର...

ବିଡମ୍ବନାର ବିଷୟ ଏତେ ସବୁ ପରେ ବି ନିରବ ଅଛନ୍ତି ଆଇନମନ୍ତ୍ରୀ । ରାଜ୍ୟ ସରକାର ଓ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଅଦିନିଆ ରଥଯାତ୍ରା ବନ୍ଦ ପାଇଁ କୌଣସି ବଡ଼ ପଦକ୍ଷେପ ନିଆଯାଯାଇନାହିଁ। ଅନ୍ୟପଟେ ଏହି ପ୍ରସଙ୍ଗରେ ହସ୍ତକ୍ଷେପ ପାଇଁ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖିଛନ୍ତି ଗଜପତି। ଜଗନ୍ନାଥ ସଂସ୍କୃତିର ସୁଦୀର୍ଘ ଐତିହ୍ୟକୁ ସୁରକ୍ଷିତ ରଖିବା ପାଇଁ ତୁରନ୍ତ ରାଜନୈତିକ ଏବଂ କୂଟନୈତିକ ସ୍ତରରେ ପଦକ୍ଷେପ ନେବାକୁ ଅନୁରୋଧ କରିଛନ୍ତି। ଗତକାଲି ଇସ୍କନର ଅଦିନିଆ ରଥଯାତ୍ରା ପ୍ରସଙ୍ଗରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଭେଟି ଆପତ୍ତି ଜଣାଇଥିଲା ଓଡ଼ିଶା ଫୋରମ। ଇସ୍କନ କର୍ତ୍ତୃପକ୍ଷଙ୍କୁ ଆଷାଢ଼ ଶୁକ୍ଳ ଦ୍ୱିତୀୟାରୁ ନଅ ଦିନର ଅବଧି ମଧ୍ୟରେ ପାଳନ କରିବା ପାଇଁ ପରାମର୍ଶ ଦେବାକୁ ଅନୁରୋଧ କରିଛନ୍ତି।

### ଭାରତ-ଅଷ୍ଟ୍ରେଲିଆ ମଧ୍ୟରେ...

ଆଲୋଚନା ଏବଂ କୂଟନୀତିକୁ ବିଶ୍ୱ ଉତ୍ତେଜନା ସମାଧାନ ପାଇଁ ସବୁଠାରୁ ପ୍ରଭାବଶାଳୀ ଉପାୟ ଭାବରେ ଚିହ୍ନଟ କରିଛନ୍ତି। ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ପ୍ରତିରକ୍ଷା ଏବଂ ସୁରକ୍ଷା ସହଯୋଗ ଉପରେ ଏକ ମିଳିତ ଘୋଷଣାନାମା ଜାରି ହୋଇଛି। ଭାରତକୁ ଅଷ୍ଟ୍ରେଲିଆ ଏକ ଉଚ୍ଚସ୍ତରୀୟ ସୁରକ୍ଷା ଅଂଶୀଦାର ଭାବରେ ଦେଖେ ଏବଂ ଉଭୟ ରାଷ୍ଟ୍ର ଶାନ୍ତିପୂର୍ଣ୍ଣ, ସ୍ଥିର ଏବଂ ସମୃଦ୍ଧ ଭାରତ-ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ର ପାଇଁ ପ୍ରତିବଦ୍ଧ। ଭାରତର ମହତ୍ୱାକାଂକ୍ଷୀ ଗଗନଯାନ ମାନବ ମହାକାଶ ଉଡ଼ାଣ ମିସନ ପାଇଁ ବୈଷୟିକ ସହାୟତା ପ୍ରଦାନ କରିବାକୁ ଅଷ୍ଟ୍ରେଲିଆର କୋକୋସ ଦ୍ୱୀପପୁଞ୍ଜରେ ଏକ ଅସ୍ଥାୟୀ ମହାକାଶ ଟ୍ରାକିଂ ଟର୍ମିନାଲ ପ୍ରତିଷ୍ଠା କରାଯିବ। ୨୦୨୨ରେ ଆର୍ଥିକ ସହଯୋଗ ଏବଂ ବାଣିଜ୍ୟ ଚୁକ୍ତିନାମା କାର୍ଯ୍ୟକାରୀ ହେବା ପରଠାରୁ ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ବାଣିଜ୍ୟ ଏବଂ ନିବେଶ ବୃଦ୍ଧି ପାଉଛି। ଏବେ କୃତ୍ରିମ ବୁଦ୍ଧିମତ୍ତା, କ୍ୱାଣ୍ଟମ୍ କମ୍ପ୍ୟୁଟିଂ, ସେମିକଣ୍ଡକ୍ଟର, ସାଇବର ସୁରକ୍ଷା ଏବଂ ଡିଜିଟାଲ୍ ସ୍ଥିତିସ୍ଥାପକତା ଭଳି କ୍ଷେତ୍ରରେ ଦୁଇଦେଶ ମିଳିତ ଭାବେ ଗବେଷଣା କରିବେ। ଗସ୍ତ ଅବସରରେ ମୋଦୀ ପ୍ରବାସୀ ଭାରତୀୟଙ୍କୁ ସମ୍ବୋଧିତ କରିଥିଲେ।

### ମହାରାଷ୍ଟ୍ର ରାଜନୀତିରେ...

ରାଉତ ଅଭିଯୋଗ କରିଛନ୍ତି ଯେ, ମୋଦୀ, ଶାହ ଓ ଫଡନାଭିସ୍ ମହାରାଷ୍ଟ୍ରର ଛବି ଖରାପ କରୁଛନ୍ତି। ୫୦ କୋଟିରେ ବିଧାୟକ କିଣି ଅନୈତିକ ସରକାର ଗଢ଼ିବା ଏବଂ ଦୁର୍ନୀତି ଯୋଗୁଁ ଶିବାଜୀ ମହାରାଜଙ୍କ ପ୍ରତିମୂର୍ତ୍ତି ଭୁଶୁଡ଼ିବା ରାଜ୍ୟ ପାଇଁ ପ୍ରକୃତ ଲଜ୍ଜାର ବିଷୟ। ଫଡନାଭିସଙ୍କୁ ଜଣେ ହତାଶ ନେତା ଭାବେ ବର୍ଣ୍ଣନା କରି ସେ ଖୁବ୍ ଶୀଘ୍ର ତାଙ୍କୁ ଆରଏସଏସର ପ୍ରକୃତ ଇତିହାସ ବହି ଉପହାର ଦେବେ ବୋଲି କହିଛନ୍ତି।

### ପଞ୍ଚାୟତ ଓ ପୌର ନିର୍ବାଚନ ...

କାଉନସିଲ୍ ନିର୍ବାଚନ ସମ୍ବନ୍ଧୀୟ ବକେୟା ଡିସି ବିଲ୍ ଓ ଉପଯୋଗ ପ୍ରମାଣପତ୍ର ଦାଖଲର ଅଗ୍ରଗତି ସମୀକ୍ଷା କରାଯିବ। ଏହି ବକେୟା କାଗଜପତ୍ର ଶୀଘ୍ର ସମାଧାନ ପାଇଁ ମଧ୍ୟ ଜିଲ୍ଲା ପ୍ରଶାସନକୁ ଆବଶ୍ୟକ ପଦକ୍ଷେପ ନେବାକୁ କୁହାଯିବ। ସମସ୍ତ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି ଯେ, ବୈଠକରେ ଅତିରିକ୍ତ ଜିଲ୍ଲାପାଳ (ୟୁଏଲବି ନିର୍ବାଚନର ନୋଡାଲ ଅଧିକାରୀ), ସମସ୍ତ ଇଆରଓ, ଏଇଆରଓ ଏବଂ ସମ୍ପୃକ୍ତ ରାଜସ୍ୱ ଅଧିକାରୀମାନେ ମଧ୍ୟ ଜିଲ୍ଲା ଓଏସୱାନ୍ କେନ୍ଦ୍ରରୁ ଭିଡିଓ କନଫରେନ୍ସରେ ଯୋଗଦେବେ। ଏହି ବୈଠକକୁ ୨୦୨୭ ପଞ୍ଚାୟତ ଓ ପୌର ନିର୍ବାଚନ ପାଇଁ ପ୍ରଶାସନିକ ପ୍ରସ୍ତୁତିର ପ୍ରଥମ ପ୍ରମୁଖ ପଦକ୍ଷେପ ଭାବେ ଦେଖାଯାଉଛି।

### କାଠଯୋଡ଼ି ପଠାରୁ ...

ପଠାରେ ଏକ ମୁଣ୍ଡବିହୀନ ମୃତଦେହ ପଡ଼ିଥିବାର ଦେଖିବାକୁ ପାଇଥିଲେ । ଏଭଳି ଦୃଶ୍ୟ ଦେଖି ଭୟଭୀତ ହୋଇପଡ଼ିଥିବା ସ୍ଥାନୀୟ ବାସିନ୍ଦା ତୁରନ୍ତ ପୋଲିସକୁ ଖବର ଦେଇଥିଲେ । ମୃତଦେହଟି ଏକ ମହିଳାଙ୍କର ବୋଲି ଜଣାପଡ଼ିଥିଲେ ମଧ୍ୟ ଏପର୍ଯ୍ୟନ୍ତ ତାଙ୍କର କୌଣସି ପରିଚୟ ମିଳିପାରି ନାହିଁ । ଶରୀରରୁ ମୁଣ୍ଡଟି ଅଲଗା ଥିବାରୁ ମୃତକଙ୍କୁ ଚିହ୍ନଟ କରିବା ପୋଲିସ ପାଇଁ ଏକ ବଡ଼ ଚ୍ୟାଲେଞ୍ଜ ସୃଷ୍ଟି କରିଛି । ଏହା ଏକ ସୁପରିକଳ୍ପିତ ହତ୍ୟାକାଣ୍ଡ ବୋଲି ପ୍ରାଥମିକ ଦୃଷ୍ଟିରୁ ସ୍ପଷ୍ଟ ବାରି ହୋଇପଡୁଛି । ଅନ୍ୟ କେଉଁଠି ହତ୍ୟା କରିବା ପରେ ଦୁର୍ବୃତ୍ତମାନେ ଶବକୁ ନଦୀ ପଠାରେ ଫିଙ୍ଗି ଦେଇଥିବା ଅନୁମାନ କରାଯାଉଛି । ଖବର ପାଇବା ମାତ୍ରେ ଘଟଣାସ୍ଥଳରେ ପୁରୀଘାଟ ଥାନା ପୋଲିସ ତୁରନ୍ତ ପହଞ୍ଚି ମୃତଦେହକୁ ଜବତ କରିବା ସହ ଖୋଳତାଡ଼ ଆରମ୍ଭ କରିଛି । ପାରିପାର୍ଶ୍ୱିକ ସ୍ଥିତିକୁ ଅନୁଧ୍ୟାନ କରିବା ସହ ଘଟଣାସ୍ଥଳରୁ ପ୍ରମାଣ ଯୋଗାଡ଼ କରିବାକୁ ପୋଲିସ ପ୍ରୟାସ କରୁଛି । ପୋଲିସର ପ୍ରଥମ ଲକ୍ଷ୍ୟ ହେଉଛି ଆଖପାଖ ଅଞ୍ଚଳରୁ କଟା ମୁଣ୍ଡକୁ ଖୋଜି ବାହାର କରିବା ଏବଂ ମହିଳାଙ୍କ ପରିଚୟ ଉଦ୍ଧାର କରିବା । ଏହି ଜଘନ୍ୟ ହତ୍ୟାକାଣ୍ଡ ପଛରେ କାହାର ହାତ ଅଛି ଏବଂ କେଉଁ କାରଣରୁ ଏପରି ବର୍ବରକାଣ୍ଡ ଘଟାଯାଇଛି, ତାହାର ପର୍ଦ୍ଦାଫାଶ କରିବା ପାଇଁ ପୋଲିସ ତଦନ୍ତ ଜାରି ରଖିଛି ।

# ଆମ ପୋଖରୀ ଯୋଜନାରେ ପୁନଃଉଦ୍ଧାର ଓ ସୌନ୍ଦର୍ଯ୍ୟକରଣ କାମ କରି ବିଲ ପାଉନାହାନ୍ତି ମହିଳା : ସାମ୍ବାଦିକ ସମ୍ମିଳନୀରେ ଗର୍ଜିଲେ,କାଉନ୍‌ସିଲର୍‌କୁ ଦାୟୀ କଲେ



ଜଳେଶ୍ୱର, ୦୯/୭ (ନି.ପ୍ର): ରାଜ୍ୟ ସରକାରଙ୍କ ସହରାଞ୍ଚଳରେ ଥିବା ଜଳାଶୟ ପୁନରୁଦ୍ଧାର ଓ ସୌନ୍ଦର୍ଯ୍ୟକରଣ କାର୍ଯ୍ୟକ୍ରମ ଆମ ପୋଖରୀ ଯୋଜନା ଥିବା ବେଳେ ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ପୌରପାଳିକାର ୬ ନମ୍ବର ୱାର୍ଡ଼ ଅଧୀନରେ ଥିବା ଐତିହାସିକ ତଥା ପାରମ୍ପରିକ ଜଳାଶୟ ଷଡ଼ଭୁଜ ପୋଖରୀର କାୟାକଳ୍ପ ବଦଳିବାକୁ ପୋଖରୀର ପୁନରୁଦ୍ଧାର ଓ ସୌନ୍ଦର୍ଯ୍ୟକରଣ ପାଇଁ ସରକାରଙ୍କ ପକ୍ଷରୁ ୨୯,୩୪,୬୪୨ ଟଙ୍କା ମଞ୍ଜୁର କରାଯାଇ ଥିଲା। ଏହି ପ୍ରକଳ୍ପ ଅଧୀନରେ ପୋଖରୀର ସର୍ବନିମ୍ନ ଜଳ ଗଭୀରତା ୩ ଫୁଟ ୮ ଇଞ୍ଚ ରଖିବା ସହ ଏହାର ପ୍ରାକୃତିକ ପରିବେଶକୁ ବଜାୟ ରଖିବା ପାଇଁ ବ୍ୟବସ୍ଥା କରାଯାଇଛି। ଜଳାଶୟକୁ ସ୍ୱଚ୍ଛ ଓ ପ୍ରଦୂଷଣ ମୁକ୍ତ ରଖିବା ସହିତ ଆଖପାଖ ଅଞ୍ଚଳର ଲୋକଙ୍କ ପାଇଁ ଏକ ସୁନ୍ଦର ପରିବେଶ ସୃଷ୍ଟି କରିବା ଏହି ଯୋଜନାର ମୂଳ ଲକ୍ଷ୍ୟ।ଏହି ଜଳାଶୟର ସଫଳ ରୂପାୟନ ଏବଂ ସଠିକ୍ ରକ୍ଷଣାବେକ୍ଷଣ ପାଇଁ ମିଶନ ଶକ୍ତିର ୫ଟି ପ୍ରମୁଖ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀକୁ ସମ୍ପୂର୍ଣ୍ଣ ଦାୟିତ୍ୱ ପ୍ରଦାନ କରାଯାଇଛି। ଗତ ୨୭-୦୬-୨୦୨୪ରୁ ଏହି ଗୋଷ୍ଠୀଗୁଡ଼ିକ ପକ୍ଷରୁ ପରିଚାଳନା ଓ ରକ୍ଷଣାବେକ୍ଷଣ କାର୍ଯ୍ୟ ଆନୁଷ୍ଠାନିକ ଭାବେ ଆରମ୍ଭ ହୋଇସାରିଛି। ପୋଖରୀର ଯତ୍ନ ଓ ଦାୟିତ୍ୱରେ ଥିବା ମା' ବାସନ୍ତୀ ଏସଏଚଜି, ରାଧାରାଣୀ ଏସଏଚଜି, ଅମ୍ବିକା ଏସଏଚଜି, ମାଉସୀ ମା' ଏସଏଚଜି, ଏବଂ କୃଷ୍ଣ ଏସଏଚଜିର ମୋଟ ୫୩ ଜଣ ମହିଳାମାନଙ୍କ ନେତୃତ୍ୱରେ ପୋଖରୀର ସ୍ୱଚ୍ଛତା ଓ ସୁରକ୍ଷା କାର୍ଯ୍ୟ ତ୍ୱରାନ୍ୱିତ ହେଉଛି। ମହିଳା ଶକ୍ତିକୁ ଆଗକୁ ଆଣି ଜଳାଶୟର ସୁରକ୍ଷା କରିବା ସହ ସେମାନଙ୍କୁ ସ୍ୱାବଲମ୍ବୀ କରିବା ଦିଗରେ ଆମ ପୋଖରୀ ଯୋଜନା ଏକ ବଡ଼ ପଦକ୍ଷେପ ସାବ୍ୟସ୍ତ ହୋଇଛି। ମହିଳା ସ୍ୱୟଂ ସହାୟକ ଗୋଷ୍ଠୀକୁ କାର୍ଯ୍ୟ ପାଇଁ ଆଦେଶ ଜାରି ହୋଇଥିଲା ବେଳେ ସେମାନଙ୍କ ସମ୍ପୂର୍ଣ୍ଣ କାର୍ଯ୍ୟର ୭୫ ଭାଗ କାର୍ଯ୍ୟ ସମାପନ କରି ୯ ଲକ୍ଷ ୨୨ ହଜାର ୩୦୫ ଟଙ୍କା ର ବିଲ ହୋଇଛି। କିନ୍ତୁ ବାକି ଥିବା ଟଙ୍କା ଅଦ୍ୟାବଧି ପାଇ ପାରୁ ନାହାଁନ୍ତି ଯାହାକୁ ନେଇ ସେମାନେ ବିଭାଗୀୟ ଅଧିକାରୀଙ୍କୁ ବାରମ୍ବାର ଜଣାଇ ଥିଲେ ମଧ୍ୟ କିଛି ସୁଫଳ ମିଳିପାରି ନାହିଁ। କାରଣ ଖୋଜିବାରୁ ଜାଣିବାକୁ ପାଇଥିଲେ କି ୱାର୍ଡ଼ କାଉନସିଲର ଚନ୍ଦନ ଦାସ ପୌରପାଳିକାର ସରକାରୀ ଅଧିକାରୀ ମାନଙ୍କୁ ବିଭିନ୍ନ ରାଜନୈତିକ ଦଳର ପ୍ରଭାବ ପ୍ରୟୋଗ କରି ଏବଂ ଚାନ୍ଦ ନ ଦେଲେ ମୁଁ ଆପଣ ମାନଙ୍କ ଅର୍ଥ ବିଲ୍ କରାଇ ଦେବୁ ନାହିଁ କହିବା ସହିତ ବର୍ତ୍ତମାନ ଆମେ ଶାସକ ଦଳର ତେଣୁ ଆମ କଥାରେ କାର୍ଯ୍ୟ ହେ୍ବ ବୋଲି ଗୁପ୍ର ମହିଳା ମାନଙ୍କୁ କହିବା ସହିତ ହଇରାଣ ହରକତ କରିବା ସହିତ ରାଜନୀତିକ ଚାପ ପକାଇ ବିଲ୍ ବନ୍ଦ କରିଛନ୍ତି।ନିଜ କ୍ୱାଇଁ ଓ ଝିଅଙ୍କ ନାମରେ ଠିକାଦାର ବନାଇ ସେମାନଙ୍କ ନାମରେ କାର୍ଯ୍ୟ ନେଇ ନିଜେ କାର୍ଯ୍ୟ କରିବା ଭଳି କାର୍ଯ୍ୟ କରିବାକୁ ନେଇ ଆଜି ସେହି ପୋଖରୀ ବନ୍ଧରେ ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି। ଯଦି ବିଲ ନ ମିଳେ ତାହା ହେଲେ ବାଧ୍ୟ ହୋଇ ଆତ୍ମାହୁତି ଦେବେ ବୋଲି ଗୀତାଞ୍ଜଳୀ ବେହେରା, ସୁବାସିନୀ ଜେନା, କବିତା ଦାସ, ସୁକାନ୍ତି ଜେନା, କନକଲତା ଜେନା, କାଜଲ ରାଣୀ ଜେନା, ଆରତୀ ଜେନା, ଆରତୀ ଦାସ, ସବିତା ପ୍ରଧାନ, ସନ୍ଧ୍ୟାରାଣୀ ସାହୁ, ଜୟନ୍ତୀ ଗିରୀ, କାଞ୍ଚନ ବାଲା ସାହୁ, ମମତା ଜେନା ପ୍ରମୁଖ ମହିଳା ମାନେ ଏକତ୍ରିତ ହୋଇ ଏହି ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି। ସଂପର୍କରେ କାଉନ୍ସିଲର୍ ଚନ୍ଦନ ଦାସଙ୍କୁ ପଚାରିବାରୁ ସେ କହିଛନ୍ତି ଯେ ଏ ସବୁ ମିଥ୍ୟା ଅଭିଯୋଗ। ବିଲ ଦାୟିତ୍ୱ ଅଫିସର, ନିମ୍ନ ମାନର କାମ ହୋଇଛି ବୋଲି ଅଭିଯୋଗ ମଧ୍ୟ ହୋଇଛି।

## ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପରିଦର୍ଶନ କଲେ ଜିଲ୍ଲାପାଳ

ଝାରସୁଗୁଡ଼ା, ୦୯/୭ (ନି.ପ୍ର): ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ ଲଖନପୁର ବ୍ଲକ୍ ସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ହଠାତ୍ ପରିଦର୍ଶନ କରି ବିଦ୍ୟାଳୟର ଭିତିଭୂମି ଓ ଶିକ୍ଷାଦାନର ସମୀକ୍ଷା କରିଛନ୍ତି। ଜିଲ୍ଲାପାଳଙ୍କ ଏହି ଗସ୍ତ ସମୟରେ ଲଖନପୁର ବିଡିଓ ବିନୟ ପଟେଲ ମଧ୍ୟ ଉପସ୍ଥିତ ଥିଲେ। ପରିଦର୍ଶନ ସମୟରେ ଜିଲ୍ଲାପାଳ ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ଯୋଗାଇ ଦିଆଯାଇଥିବା ସ୍କୁଲ୍ ପୋଷାକର ଗୁଣବତ୍ତା ଯାଂଚ୍ କରିଥିଲେ। ପୋଷାକର ମାନ ସନ୍ତୋଷଜନକ ନଥିବାରୁ ଅସନ୍ତୋଷ ପ୍ରକାଶ କରିବା ସହ ସମ୍ପୃକ୍ତ ଯୋଗାଣକାରୀଙ୍କ ପ୍ରାପ୍ୟ ବନ୍ଦ ରଖିବାକୁ ସେ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହା ସହିତ ସ୍କୁଲରେ ସ୍ୱାସ୍ଥ୍ୟ ଓ ସ୍ୱଚ୍ଛତା ରକ୍ଷା ଉପରେ ଗୁରୁତ୍ୱ ଦେଇ ସେ ସେନିଟାରୀ ପ୍ୟାଡ୍ ଭେଣ୍ଡିଂ ମେସିନ୍ ଏବଂ ଇନସିନେରେଟରର କାର୍ଯ୍ୟକାରିତା ପରଖିଥିଲେ। ସ୍କୁଲର ଭିତିଭୂମିର ସ୍ଥିତି ଅନୁଧ୍ୟାନ କରିବା ସହ ଛାତ୍ରଛାତ୍ରୀମାନଙ୍କୁ ମିଳୁଥିବା ସ୍କୁଲ୍ ବସ୍ ସେବା ଏବଂ ପରିମଳ ବ୍ୟବସ୍ଥା ସମ୍ପର୍କରେ ସେ ପିଲାମାନଙ୍କ ସହ ଆଲୋଚନା କରିଥିଲେ।

# ଏବିଭିପିର ୭୮ତମ ପ୍ରତିଷ୍ଠା ଦିବସ ଓ ରାଷ୍ଟ୍ରୀୟ ବିଦ୍ୟାର୍ଥୀ ଦିବସ ପାଳିତ




ନୀଳଗିରି, ୦୯/୭ (ନି.ପ୍ର): ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି)ର ୭୮ତମ ପ୍ରତିଷ୍ଠାଦିବସ ତଥା ରାଷ୍ଟ୍ରୀୟ ବିଦ୍ୟାର୍ଥୀଦିବସ ଅବସରରେ ଗୁରୁବାର ନୀଳଗିରି ନଗରକମିଟି ଏବିଭିପି ପକ୍ଷରୁ ନୀଳଗିରି ନଗରକାର୍ଯ୍ୟାଳୟ ପରିସରରେ ସଂଗଠନର ପତାକା ଉତ୍ତୋଳନ କରାଯାଇ ଗୌରବ ଓ ଉତ୍ସାହର ସହିତ ଦିବସଟି ପାଳନ କରାଯାଇଛି। ପତାକା ଉତ୍ତୋଳନ ପରେ 'ଛାତ୍ରଶକ୍ତି – ରାଷ୍ଟ୍ରଶକ୍ତି' ସ୍ଲୋଗାନରେ ପରିବେଶ ପ୍ରକମ୍ପିତ ହୋଇଥିଲା।ଏହି କାର୍ଯ୍ୟକ୍ରମରେ ନଗର ସଭାପତି ଡ. ଅକ୍ଷୟ କୁମାର ପାଣିଗ୍ରାହୀ, ନଗର ସମ୍ପାଦକ ସୁଶାନ୍ତ କୁମାର ନାୟକ, ନଗର ଜନଜାତି ପ୍ରମୁଖ କିମତ୍ ସିଂ, ଏବିଭିପିର ରାଜ୍ୟ ଆବିଷ୍କାର ସଂଯୋଜକ ସଞ୍ଜୀବ କୁମାର ମହାରଣାଙ୍କ ସମେତ ସିପୁନ କୁମାର ନାୟକ, ଆକାଶ ଦାସ, ଅଜୟ କୁମାର ମୁର୍ମୁ, ଦେବରାଜ ସୋରେନ, ହିମାଂଶୁ ଜେନା, ତପନ କୁମାର ସିଂ, ସୋନୁ ସିଂ, ପ୍ରଶାନ୍ତ ସିଂ, ବାପୁନ ସିଂ, ସଞ୍ଜୟ କୁମାର ମଲ୍ଲିକ ଓ ବିଶ୍ୱରଞ୍ଜନ ପ୍ରଧାନଙ୍କ ସହ ବହୁସଂଖ୍ୟକ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ନଗରସଭାପତି ଡ. ଅକ୍ଷୟ କୁମାର ପାଣିଗ୍ରାହୀ ଏବଂ ରାଜ୍ୟ ଆବିଷ୍କାର ସଂଯୋଜକ ସଞ୍ଜୀବ କୁମାର ମହାରଣା ବିଦ୍ୟାର୍ଥୀ ଦିବସର ମହତ୍ତ୍ୱ, ଏବିଭିପିର ଆଦର୍ଶ, ଲକ୍ଷ୍ୟ ତଥା ରାଷ୍ଟ୍ର ନିର୍ମାଣରେ ଛାତ୍ରଶକ୍ତିର ଭୂମିକା ସମ୍ପର୍କରେ ବିସ୍ତୃତ ଆଲୋଚନା କରି ଉଦବୋଧନ ପ୍ରଦାନ କରିଥିଲେ। ଏବିଭିପି କେବଳ ଏକ ଛାତ୍ରସଂଗଠନ ନୁହେଁ, ବରଂ ରାଷ୍ଟ୍ର ପୁନଃର୍ନିର୍ମାଣର ଏକ ସଶକ୍ତ ଆନ୍ଦୋଳନ। ଉପସ୍ଥିତ ସମସ୍ତ କାର୍ଯ୍ୟକର୍ତ୍ତା ରାଷ୍ଟ୍ରହିତ, ସମାଜସେବା ଓ ଛାତ୍ରକଲ୍ୟାଣ ପାଇଁ ସଦା ସମର୍ପିତ ରହିବାର ସଂକଳ୍ପ ଗ୍ରହଣ କରିଥିଲେ। ଏହି ଅବସରରେ ଏବିଭିପି ନୀଳଗିରି ମହାବିଦ୍ୟାଳୟ କ୍ୟାମ୍ପସ ପକ୍ଷରୁ ମଧ୍ୟ ପ୍ରତିଷ୍ଠାଦିବସ ଉପଲକ୍ଷେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। କ୍ୟାମ୍ପସ ପରିସରରେ ବିଭିନ୍ନ ପ୍ରକାରର ଫଳ ଓ ଫୁଲଗଛ ରୋପଣକରାଯାଇ ପରିବେଶ ସୁରକ୍ଷା, ସବୁଜିମା ବୃଦ୍ଧି ଏବଂ ପ୍ରକୃତି ପ୍ରତି ଦାୟିତ୍ୱବୋଧର ବାର୍ତ୍ତା ପ୍ରଦାନ କରାଯାଇଥିଲା। ଏବିଭିପି ନୀଳଗିରି ମହାବିଦ୍ୟାଳୟ କ୍ୟାମ୍ପସର କାର୍ଯ୍ୟକର୍ତ୍ତାମାନେ ଉତ୍ସାହର ସହିତ ବୃକ୍ଷରୋପଣରେ ଅଂଶଗ୍ରହଣ କରି ପ୍ରତ୍ୟେକ ଛାତ୍ର/ଛାତ୍ରୀ ଅତି କମରେ ଗୋଟିଏ ଗଛଲଗାଇ ତାହାର ଯତ୍ନ ନେବାପାଇଁ ସଂକଳ୍ପ ନେଇଥିଲେ। ଏହାସହ ପରିବେଶର ସନ୍ତୁଳନ ରକ୍ଷା, ଜଳବାୟୁ ପରିବର୍ତ୍ତନର ମୁକାବିଲା ଏବଂ ଆଗାମୀପିଢ଼ି ପାଇଁ ଏକ ସବୁଜ ଓ ସୁସ୍ଥ ପରିବେଶ ଗଠନରେ ବୃକ୍ଷରୋପଣର ଗୁରୁତ୍ୱ ସମ୍ପର୍କରେ ସଚେତନତା ସୃଷ୍ଟି କରାଯାଇଥିଲା। ବୃକ୍ଷରୋପଣ କାର୍ଯ୍ୟକ୍ରମରେ ନୀଳଗିରି ମହାବିଦ୍ୟାଳୟର ଅଧ୍ୟକ୍ଷ (ପ୍ରିନ୍ସିପାଲ) ଏବଂ ରାଜନୀତି ବିଜ୍ଞାନ ବିଭାଗର ବିଭାଗୀୟ ମୁଖ୍ୟ ଉପସ୍ଥିତରହି କାର୍ଯ୍ୟକ୍ରମରେ ସକ୍ରିୟ ସହଯୋଗ କରିଥିଲେ। ସେମାନେ ଏବିଭିପିର ଏହି ପରିବେଶ ସୁରକ୍ଷାମୂଳକ ପଦକ୍ଷେପକୁ ପ୍ରଶଂସା କରିବା ସହ ଛାତ୍ର/ଛାତ୍ରୀଙ୍କ ସହ ବୃକ୍ଷରୋପଣରେ ସାମିଲହୋଇ ପରିବେଶ ସୁରକ୍ଷା ପ୍ରତି ସଚେତନ ହେବା ଏବଂ ଅଧିକରୁ ଅଧିକ ବୃକ୍ଷରୋପଣ କରିବାକୁ ଆହ୍ୱାନ ଦେଇଥିଲେ। ସେମାନଙ୍କ ଉପସ୍ଥିତି, ସହଯୋଗ ଓ ପ୍ରେରଣା କାର୍ଯ୍ୟକ୍ରମକୁ ଅଧିକ ସଫଳ ଓ ପ୍ରଭାବଶାଳୀ କରିଥିଲା।

# ଲଖନପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କଲେ ଜିଲ୍ଲାପାଳ

ଝାରସୁଗୁଡ଼ା, ୦୯/୭ (ନି.ପ୍ର): ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ ଆଜି ଲଖନପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିଦର୍ଶନ କରି ସ୍ୱାସ୍ଥ୍ୟସେବା ଓ ଭିତିଭୂମିର ସମୀକ୍ଷା କରିଛନ୍ତି। ଏହି ଗସ୍ତ ସମୟରେ ଜିଲ୍ଲାପାଳଙ୍କ ସହ ଲଖନପୁର ବିଡିଓ ବିନୟ ପଟେଲ ମଧ୍ୟ ଉପସ୍ଥିତ ଥିଲେ। ଜିଲ୍ଲାପାଳ ମେଡିକାଲର ସ୍ଥିତି ପରଖିବା ସହ ଡାକ୍ତର, ପାରାମେଡିକାଲ କର୍ମଚାରୀ ଏବଂ ଅନ୍ୟାନ୍ୟ ଷ୍ଟାଫ୍‌ଙ୍କ ଉପସ୍ଥାନ ଖାତା ଯାଂଚ୍ କରିଥିଲେ। ତେବେ ମେଡିକାଲ ପରିସରର ସ୍ୱଚ୍ଛତା ଓ ପରିମଳ ବ୍ୟବସ୍ଥା ଠିକ୍ ନଥିବାରୁ ଜିଲ୍ଲାପାଳ ଅସନ୍ତୋଷ ପ୍ରକାଶ କରିବା ସହ ତୁରନ୍ତ ସ୍ୱଚ୍ଛତା ବଜାୟ ରଖିବା ପାଇଁ ସ୍ଥାନୀୟ ମେଡିକାଲ ଅଫିସର ଏବଂ ଝାରସୁଗୁଡ଼ା ସି ଡି ଏମ୍ ଓ ଙ୍କୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ଏହି ଗସ୍ତ କାଳରେ ଜିଲ୍ଲାପାଳ ମେଡିକାଲର ଇନଡୋର ୱାର୍ଡକୁ ଯାଇ ଚିକିତ୍ସିତ ହେଉଥିବା ରୋଗୀମାନଙ୍କ ସହ ସେମାନଙ୍କ ସ୍ୱାସ୍ଥ୍ୟ ଏବଂ ମିଳୁଥିବା ଚିକିତ୍ସା ସେବା ସମ୍ପର୍କରେ ପ୍ରତ୍ୟକ୍ଷ ଆଲୋଚନା କରିଥିଲେ। ଏହା ପରେ ସେ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ର ନୂତନ ନିର୍ମାଣାଧୀନ ବିଲ୍ଡିଂ କାର୍ଯ୍ୟର ସମୀକ୍ଷା କରିଥିଲେ। ଏହି ନୂତନ ବିଲ୍ଡିଂ କାମକୁ ଆସନ୍ତା ମାର୍ଚ୍ଚ ୨୦୨୭ ସମୟସୀମା ମଧ୍ୟରେ ସମ୍ପୂର୍ଣ୍ଣ କରିବାକୁ ସେ ସେଠାରେ ଉପସ୍ଥିତ ପି ଡବ୍ଲୁ ଡି ଯନ୍ତ୍ରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ନୂତନ ଭାବେ ନିର୍ମିତ ହୋଇଥିବା ବିପିଏଚ୍‌ଓ ଅଫିସ୍ ପରିଦର୍ଶନ କରି ବିଲ୍ଡିଂରେ ଥିବା କେତେକ ତ୍ରୁଟି ବିଚ୍ୟୁତିକୁ ତୁରନ୍ତ ସୁଧାରିବା ପାଇଁ ସମ୍ପୃକ୍ତ ଯନ୍ତ୍ରୀଙ୍କୁ କହିଛନ୍ତି।

25001/689/2627

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS DIVISION, UDALA**
**e_mail =rw_udala@yahoo.com**
**e_Procurement Tender Call Notice No. Online 04/RWD/UDALA/2026-27**

1. Name of the work : ROAD works
2. Total No. of works : 5 Nos.
3. Estimated Cost : Approx Estimated Cost Rs.8.47 to Rs.12.71 Lakhs
4. Class of Contractor : 'D'& 'C'
5. EMD : EMD @ 1% of Estimated Cost Put to tender
6. Period of completion : As per Annexure
7. Other details :

| Procurement Officer | Bid Identification No. | Availability of tender On-line for bidding | | Last Date & Time of seeking Tender Clarification. | Date & Time of Opening of tender in the office of the Superintending Engineer, R.W. Division, Udala |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| S.E.R.W Division, Udala | 04 (Online) /RWD-UDALA of 2026-27 | 13.07.26 at 11.00 A.M. | 21.07.26 up to 5.00 P.M. | 21.07.26 up to 3.00 P.M.. | 21.07.26 up to 5.30 P.M. |

**Further details can be seen from the website www.tendersorissa.gov.in**

**Superintending Engineer**
**R.W. Division, Udala**

**OIPR: 25001/25199/1/26-27/0004**

# ସମାଜସେବୀ ରବୀନ୍ଦ୍ର ରଣାଙ୍କ ପାଇଁ ବାଲେଶ୍ୱର ଶୋକାକୁଳ ପରିବେଶ

ବାଲେଶ୍ୱର, ୦୯/୭ (ନି.ପ୍ର): ବାଲେଶ୍ୱର ଜିଲ୍ଲାର ସମାଜ ସେବୀ ରବୀନ୍ଦ୍ର ରଣାଙ୍କ ର ଜନ୍ମ ସ୍ଥାନ ନୀଳଗିରି ର ପୋଡାଶୁଳ ଗ୍ରାମରେ ସେ ବାରବାଟି ର ବୁଧାକାର୍ତ୍ତିକ ମଣ୍ଡପ ନିକଟରେ ଶଶୁର ଘରେ ରହୁଥିଲେ । ସେ ଜଣେ ଦରଦୀ ପରୋପକାରୀ ମଣିଷ ଥିଲେ । ସେ ନୀଳଗିରି ରେ ଥିଲା ବେଳେ ସେ ଚାନ୍ଦିପୁର ରେ ସରକାରୀ ଚାକିରୀ ରେ ଥାଇ ମଧ୍ୟ ଲୋକଙ୍କ ସୁଖ ଦୁଃଖ ରେ ସାଥୀ ହେଉଥିଲେ । ବାରବାଟୀରେ ଶଶୁର ଘର ହେଲେ ମଧ୍ୟ ସେ ନିଜର ଘର ଭାବି ବାରବାଟୀରେ ରହି ଆସୁଥିଲେ । ସେ ବାରବାଟି ର ଉନ୍ନତି ମୂଳକ କାର୍ଯ୍ୟ କରିଥିଲେ ତେଣୁ ତାଙ୍କ ମୃତ୍ୟ ଖବର ପାଇ ବାରବାଟି ରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା । ଏପରିକି ତାଙ୍କ ମୃତ୍ୟୁ ବେଳକୁ ୬୮ ବର୍ଷ ହୋଇଥିଲା । ସେ ହଠାତ୍ ରକ୍ତଚାପ ଓ ଡାଇବେଟିସ ବଢ଼ିଯିବାରୁ ପ୍ରଥମେ ବାଲେଶ୍ୱର ହସ୍ପିଟାଲ ଓ ତାପରେ କଟକ ହସ୍ପିଟାଲ କୁ ସ୍ଥାନାନ୍ତର ହୋଇଥିଲେ । କିନ୍ତୁ ତାଙ୍କର ୭ ତାରିଖ ଭୋର୍ ସକାଳ ୫ ଟା ରେ ମୃତ୍ୟୁ ହୋଇଥିଲା । ମୃତ୍ୟୁ ବେଳେ ତାଙ୍କ ପାଖରେ ସ୍ତ୍ରୀ ଝୁନୁ ରଣା , ପୁଅ କାହ୍ନୁ ରଣା ଓ ୩ ଟି ଝିଅ ଉପସ୍ଥିତ ଥିଲେ। ପ୍ରଥମେ ରବୀନ୍ଦ୍ର ରଣା ମର ଶରୀରକୁ ଶଶୁର ଘର ବାରବାଟି କୁ ଆସିଥିଲେ । ତେଣୁ ତାଙ୍କର ଶେଷ ଦର୍ଶନ ପାଇଁ ସ୍ଥାନୀୟ ସଦର ବିଧାୟକ ମାନସ କୁମାର ଦତ୍ତ ଓ ବିଜେପି ର ଜିଲ୍ଲା ଉପସଭାପତି , ଯୁବନେତା , ସମାଜ ସେବୀ ଗୌରାଙ୍ଗ ଦାସ, ବିଜେପିର ପର୍ଶୁରାମ ବେହେରା, ଗଙ୍ଗା ଭାଇ , ବିଜେପିର ନାରୀ ନେତ୍ରୀ ଆଶା ବାଡି, ନାରୀ ନେତ୍ରୀ ଆଶ୍ରିତା ତରେଇ ୨୪ ନଂ ୱାର୍ଡ ର ସଭାପତି ଆଶୋକ ଦାସ , ରମେଶ ବାଡି , ଯୋଗେନ୍ ସାହୁ, ମୀନା ମହାନ୍ତି ଓ ବହୁ ବୁଦ୍ଧି ଜୀବି, ଗୁଣି ଜ୍ଞାନୀ ଲୋକ ଶେଷ ଦର୍ଶନ କରିଥିଲେ। ଶେଷରେ ନିଜର ଘର ନୀଳଗିରି କୁ ଯାଇଥିଲେ । ସେଠାରୁ ତାଙ୍କର ପରିବାର ସ୍ୱର୍ଗ ଦ୍ୱାର ଦାହ ପାଇଁ ନେଇଥିଲେ ।

ଶୁକ୍ରବାର, ଜୁଲାଇ ୧୦, ୨୦୨୬

# ଧ୍ୱନି ପ୍ରତିଧ୍ୱନି

## ଶ୍ରୀ ଶ୍ରୀ ଆଖଣ୍ଡଳେଶ୍ୱର ମହାଦେବ ବିଜେ - ଆରଡ଼ି ୨୦୨୬ ଶ୍ରାବଣୀ ଉତ୍ସବ ନିମନ୍ତେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ

ଭଦ୍ରକ, ୦୮/୭ (ନି.ପ୍ର): ଭଦ୍ରକ ଜିଲ୍ଲାର ପ୍ରସିଦ୍ଧ ଶୈବ ପୀଠ ଶ୍ରୀ ଶ୍ରୀ ଆଖଣ୍ଡଳେଶ୍ୱର ମହାଦେବ - ବିଜେ ଆରଡ଼ିଙ୍କ ପବିତ୍ର ଶ୍ରାବଣ ଉତ୍ସବ - ୨୦୨୬ ର ଶାନ୍ତିପୂର୍ଣ୍ଣ ଓ ଶୃଙ୍ଖଳିତ ପରିଚାଳନା ନିମନ୍ତେ ଭଦ୍ରକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସଦଭାବନା ସଭାଗୃହରେ ଭଦ୍ରକ ଉପଜିଲ୍ଲାପାଳ ଶ୍ରୀ ସୌରଭ ଚକ୍ରବର୍ତ୍ତୀ ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ରବି ନାରାୟଣ ସାହୁ ,ଆରକ୍ଷୀ ଅଧିକ୍ଷକ ଶ୍ରୀ ମନୋଜ ରାଉତ ଓ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଡି ଆଇ ବି ଶ୍ରୀ ଅଙ୍ଗଶୁମାନ୍ ଦ୍ୱିବେଦି ଉପସ୍ଥିତ ଥିଲେ କ୍ଷ ବିଭିନ୍ନ ବିଭାଗୀୟ ଅଧିକାରୀ ଓ ମନ୍ଦିର ସେବାୟତ ମାନେ ମଧ ପ୍ରସ୍ତୁତି ବୈଠକ ରେ ଯୋଗ ଦେଇଥିଲେ। ଚଳିତ ବର୍ଷ ଶ୍ରାବଣ ଜଳାଭିଷେକ ପର୍ବ ୨୦.୦୭.୨୦୨୬ ସୋମବାର ଠାରୁ ଆରମ୍ଭ ହୋଇ ୨୪.୦୮.୨୦୨୬ ସୋମବାର ପର୍ଯ୍ୟନ୍ତ କ୍ରମାଗତ ୬ଟି ସୋମବାର ଅନୁଷ୍ଠିତ ହେବ। ଏହା ବ୍ୟତୀତ ଜୁଲାଇ ୧୯, ୨୬ ଏବଂ ଅଗଷ୍ଟ ୨, ୯, ୧୬ ଓ ୨୩ ତାରିଖ ରବିବାର ଦିନମାନଙ୍କରେ ମଧ ବହୁ ସଂଖ୍ୟାରେ ଭକ୍ତଙ୍କ ସମାଗମ ହେବ ବୋଲି ଆଶା କରାଯାଉଛି। ଏହାକୁ ଦୃଷ୍ଟିରେ ରଖି ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା ।ଆଜିର ଏହି ପ୍ରସ୍ତୁତି ବୈଠକ ରେ ଆଇନ ଶୃଙ୍ଖଳା ,ପୋଲିସ ଫୋର୍ସ ଓ ସ୍ୱେଚ୍ଛାସେବୀ ମାନଙ୍କୁ ନିଯୁକ୍ତି,ସୁରକ୍ଷାକର୍ମୀ ଙ୍କ ରହିବା ପାଇଁ ବ୍ୟବସ୍ଥା ,ଭକ୍ତମାନଙ୍କ ସୁବିଧା ପାଇଁ ଦର୍ଶନ ଲାଇନ୍ ନିୟନ୍ତ୍ରଣ ଓ ବ୍ୟାରିକେଡିଂ, ଆବଶ୍ୟକ ସ୍ଥଳେ ଡ଼.ଉ.ଜ.ଇ.ର ବାହିନୀ ନିଯୁକ୍ତି ଓ ନଦୀଘାଟରେ ଉଦ୍ଧାରକାରୀ ଦଳ ମୁତୟନ,ଅତିରିକ୍ତ ପାର୍କିଂ ସ୍ଥଳ ନିର୍ଦ୍ଧାରଣ ଓ ଆବଶ୍ୟକ ସ୍ଥଳେ ରାସ୍ତା ମରାମତି, ଭକ୍ତମାନଙ୍କ ପାଇଁ ପାନୀୟ ଜଳ ବ୍ୟବସ୍ଥା, ମନ୍ଦିର ଓ ଉତ୍ସବ ସ୍ଥଳର ସଜ୍ଜା ଓ ଆଲୋକୀକରଣ, ସ୍ୱାସ୍ଥ୍ୟ ଓ ପରିମଳ ବ୍ୟବସ୍ଥା ,ଭକ୍ତଙ୍କ ବିଶ୍ରାମ ପାଇଁ ରହିବା ବ୍ୟବସ୍ଥା ଆଦି ବିଷୟରେ ଆଲୋଚନା ହୋଇଥିଲା । ପ୍ରତିବର୍ଷ ଲକ୍ଷ ଲକ୍ଷ ଶ୍ରଦ୍ଧାଳୁ ଏହି ପବିତ୍ର ପୀଠକୁ ଆସିଥାନ୍ତି। ତେଣୁ ଭକ୍ତମାନଙ୍କୁ ସମସ୍ତ ପ୍ରକାର ସୁବିଧା ଯୋଗାଇ ଦେବା ପାଇଁ ଜିଲ୍ଲା ପ୍ରଶାସନ ପ୍ରତିଶ୍ରୁତିବଦ୍ଧ ବୋଲି ବୈଠକରେ ସ୍ପଷ୍ଟ କରାଯାଇଛି ।

## 'ଟେକିଦେଲି ତୁମ ଆଗେ ମୋ ଦୁଇହାତ' ଅଡିଓ ଉନ୍ମୋଚିତ



ନୀଳଗିରି, ୦୯/୭ (ନି.ପ୍ର): ପବିତ୍ର ଘୋଷଯାତ୍ରା ଅବସରରେ ନୀଳଗିରି ଅଞ୍ଚଳର ସମାଜସେବୀ ତଥା ବରିଷ୍ଠ ସାମ୍ବାଦିକ ରତିକାନ୍ତ ପରିଡାଙ୍କ ପ୍ରଯୋଜନାରେ ଗୁରୁବାର ସଂଧ୍ୟା ୬ଘଟିକା ସମୟରେ ତୃତୀୟଶ୍ରୀକ୍ଷେତ୍ର ନୀଳଗିରି ଜଗନ୍ନାଥମନ୍ଦିର ସମ୍ମୁଖ ଅରୁଣସ୍ତମ୍ଭ ନିକଟରେ ଜଗନ୍ନାଥ ଭଜନ 'ଟେକିଦେଲି ତୁମଆଗେ ମୋ ଦୁଇ ହାତ'ଅଡିଓ ଭର୍ସନ ଏକ ଭାବମୟ ପରିବେଶରେ ଉନ୍ମୋଚିତ ହୋଇଯାଇଛି। କୁମାର ରୋନି ପ୍ରଡକ୍ସନ ନିବେଦିତ ରତିକାନ୍ତ ପରିଡାଙ୍କ ପ୍ରଯୋଜନାରେ ଓଡ଼ିଶାର ଲବ୍ଧପ୍ରତିଷ୍ଠ ଯୁବକଣ୍ଠଶିଳ୍ପୀ ସୌରଭ ଭରଦ୍ୱାଜ କଣ୍ଠଦାନ କରିଥିବାବେଳେ ଏହାର ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ଯୁବ ସଙ୍ଗୀତନିର୍ଦ୍ଦେଶକ ବିମ୍ଭୁ ଦାସ। ଡଃ ପ୍ରବୀଣ କୁମାର ମାଝୀ ଗୀତରଚନା କରିଥିବାବେଳେ କଟକର ଏମ ଆର. ଆର ଷ୍ଟୁଡ଼ିଓରେ ଗୀତରେକର୍ଡିଂ କରାଯାଇଛି। ଏହି ଗୀତ ଉନ୍ମୋଚନ ଅବସରରେ ବିଶିଷ୍ଟ ଶିକ୍ଷାବିତ୍ ତଥା ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଶିକ୍ଷକ ବିନୋଦବିହାରୀ ପଣ୍ଡା ମୁଖ୍ୟଅତିଥି ଭାବରେ ଯୋଗଦେଇ ଅଡିଓ ରିଲିଜ୍ କରିଥିଲେ। ଅନ୍ୟ ବିଶିଷ୍ଟଅତିଥି ଭାବେ ନୀଳଗିରି ମହିଳାମହାବିଦ୍ୟାଳୟର ଓଡ଼ିଆ ଅଧ୍ୟାପକ ପ୍ରଦୀପ୍ତ କୁମାର ମିଶ୍ର, ପରିବେଶବିତ୍ ମନୋରଞ୍ଜନ ଦାସ ଯୋଗଦେଇ ନୀଳଗିରି ଭଳି ଆଦିବାସୀ ଅଞ୍ଚଳରେ ଏଭଳି ଉଦ୍ୟମକୁ ଭୂୟସୀ ପ୍ରଶଂସା କରିବାସହିତ ପ୍ରଯୋଜକ ରତିକାନ୍ତଙ୍କ ଉଦ୍ୟମକୁ ସାଧୁବାଦ ଜଣାଇଥିଲେ।

## ସୁନା ମୂଲ୍ୟ ହ୍ରାସ, ରୂପା ମୂଲ୍ୟ ସାମାନ୍ୟ ବୃଦ୍ଧି

ନୂଆଦିଲ୍ଲୀ,୯/୭ : ଘରୋଇ ସୁନା ବଜାରରେ ଆଜି ପ୍ରାରମ୍ଭିକ କାରବାର ସମୟରେ ସୁନା ବଜାରରେ ସୁନା ମୂଲ୍ୟ ହ୍ରାସ ରହିଛି ।ଚେନ୍ନାଇ ବ୍ୟତୀତ ଦେଶର ଅଧିକାଂଶ ସୁନା ବଜାରରେ ସୁନା ମୂଲ୍ୟ ୧,୯୫୦ ପ୍ରତି ୧୦ ଗ୍ରାମ ଏବଂ ୨,୧୩୦ ପ୍ରତି ୧୦ ଗ୍ରାମ ମଧରେ ହ୍ରାସ ପାଇଛି। ଚେନ୍ନାଇରେ, ସୁନା ମୂଲ୍ୟ ୧୫୦୦ ଟଙ୍କା ପ୍ରତି ୧୦ ଗ୍ରାମରୁ ନେଇ ୧୬୩୦ ଟଙ୍କା ପ୍ରତି ୧୦ ଗ୍ରାମ ମଧରେ ହ୍ରାସ ପାଇଛି ।ରୁପା ଆଜି ୧୦୦ ଟଙ୍କା ପ୍ରତି କିଲୋଗ୍ରାମର ସାମାନ୍ୟ ବୃଦ୍ଧି ପାଇଛି ।ମୂଲ୍ୟ ହ୍ରାସ ଯୋଗୁଁ, ଦେଶର ଅଧିକାଂଶ ସୁନା ବଜାରରେ ୨୪ କ୍ୟାରେଟ୍ ସୁନା ୧୪୩,୧୨୦ ପ୍ରତି ୧୦ ଗ୍ରାମ ଏବଂ ୧୪୪,୫୪୦ ପ୍ରତି ୧୦ ଗ୍ରାମ ମଧରେ କାରବାର ହେଉଛି। ସେହିପରି, ଆଜି ୨୨ କ୍ୟାରେଟ୍ ସୁନା ୧୦ ଗ୍ରାମ ପ୍ରତି ୧୦ ଗ୍ରାମରୁ ୧,୩୧,୧୯୦ ଟଙ୍କାରୁ ୧,୩୨,୪୯୦ ଟଙ୍କା ମଧରେ ବିକ୍ରି ହେଉଛି।

## ଦାମୋଦର ସଂସ୍କୃତ ମହାବିଦ୍ୟାଳୟରେ ବୃକ୍ଷରୋପଣ କାର୍ଯ୍ୟକ୍ରମ




ଭଦ୍ରକ , ୦୯/୭ (ନି.ପ୍ର): ପୁରୁଣାବଜାରସ୍ଥିତ ଦାମୋଦର ସଂସ୍କୃତ ମହାବିଦ୍ୟାଳୟ ପରିସରରେ ସ୍ୱଚ୍ଛ ଭାରତ ଅଭିଯାନ ଓ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅଧକ୍ଷ ଡ଼ଃ ନିତ୍ୟାନନ୍ଦ ମିଶ୍ର ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମକୁ ସୂଚନା ଲୋକସଂପର୍କ ଉପଖଣ୍ଡ ଅଧିକାରୀ ମଧୁସ୍ମିତା ଶତପଥୀ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରି ବୃକ୍ଷରୋପଣ କରିଥିବା ବେଳେ ସମାଜସେବୀ ଶ୍ରୀ ଅଶୋକ କୁମାର ଦାସ, ନରେନ୍ଦ୍ର ସାମଲ, ନିରଞ୍ଜନ ସାହୁ, ଅଧାପକ ଶୁକଦେବ ପଣ୍ଡା, ପ୍ରଧାନଶିକ୍ଷକ ଅକ୍ଷୟ କୁମାର ପାଣିଗ୍ରାହୀ, ସମାଜସେବୀ ଅଜୟ ସାହୁ, ମଞ୍ଜୁଲତା ମହାପାତ୍ର, ମଧୁସୂଦନ ତ୍ରିପାଠୀ, ରଘୁନାଥ ନାୟକ, ଗୌରାଙ୍ଗ ଦାସ, ପ୍ରଭାତୀ ନାୟକ, ସ୍ୱର୍ଣ୍ଣଲତା ପାକଳ, ସିଦ୍ଧାର୍ଥ ସାହୁ ଓ ଆଶୁତୋଷ ସିଂ ପ୍ରମୁଖ ଅତିଥିଭାବେ ଯୋଗଦେଇ ପରିବେଶ ସୁରକ୍ଷା ତଥା ବୃକ୍ଷରୋପଣ ଉପରେ ଗୁରୁତ୍ୱାରୋପ କରିବା ସଂଗେ ସଂଗେ ସ୍ୱଚ୍ଛ ପରିବେଶ ସୃଷ୍ଟି କଲେ ସ୍ୱଚ୍ଛ ଭାରତ ଗଠନ ହୋଇପାରିବ ବୋଲି ପୃଥକ୍ ପୃଥକ ବକ୍ତବ୍ୟ ରଖିଥିଲେ । ପରିଶେଷରେ ଛାତ୍ରଛାତ୍ରୀମାନେ ସ୍ଲୋଗାନ ଦେଇ ପୁରୁଣାବଜାର ପରିକ୍ରମା କରି ମହାବିଦ୍ୟାଳୟ ପରିସରରେ ବୃକ୍ଷରୋପଣ ମା', "ବାପା" ଓ "ଗୁରୁ"ଙ୍କ ନାମରେ ତିନୋଟି ଲେଖାଏ ଗଛ ଲଗାଇଥିଲେ।

## ଖଇରା ବ୍ଲକରେ ଉତ୍କଟ ହେଉଛି ଶିକ୍ଷକ ସମସ୍ୟା: ୨ଶହ ସ୍କୁଲରେ ଛାତ୍ର ଅନୁପାତରେ ନାହାଁନ୍ତି ଶିକ୍ଷକ




ଖଇରା, ୦୯/୭ (ନି.ପ୍ର): ଶିକ୍ଷାବର୍ଷ ଆରମ୍ଭକୁ ୨୦ଦିନ ବିତିଗଲାଣି । ହେଲେ ଏବେ ବାଲେଶ୍ୱର ଜିଲା ଖଇରା ବ୍ଲକରେ ଶିକ୍ଷକ ସମସ୍ୟା ଜଟିଳ ହେବାରେ ଲାଗିଛି । ପାଖାପାଖି ୨୦୦ ବିଦ୍ୟାଳୟରେ ପିଲା ଅନୁପାତରେ ଶିକ୍ଷକ ନଥିବା ବେଳେ ୧୧ ସରକାରୀ ଓ ୧୪ ଅନୁଦାନ ପ୍ରାପ୍ତ ପ୍ରାଥମିକ ବିଦ୍ୟାଳୟରେ ଜଣେ ଲେଖାଏଁ ଶିକ୍ଷକକୁ ନେଇ ବିଦ୍ୟାଳୟ ଚାଲିବା ବର୍ତ୍ତମାନ ଶିକ୍ଷା ବ୍ୟବସ୍ଥାର କରୁଣଚିତ୍ରକୁ ପ୍ରତିଫଳିତ କରୁଛି । ସରକାର ଯୁଦ୍ଧକାଳିନ ଭିତ୍ତିରେ ଶିକ୍ଷକ ନିଯୁକ୍ତି ପାଇଁ ବ୍ୟବସ୍ଥା ନକଲେ ପିଲାମାନଙ୍କ ଭବିଷ୍ୟତ ଅନ୍ଧକାରମୟ ହୋଇଯିବ ବୋଲି ବିଭିନ୍ନ ବିଦ୍ୟାଳୟର ପରିଚାଳନା କମିଟି ତଥା ଅଭିଭାବକ ମାନେ ପ୍ରକାଶ କରିଛନ୍ତି । ଖଇରା ବ୍ଲକରେ ମୋଟ ୨୫୮ ଟି ସରକାରୀ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ମଧ୍ୟରୁ ପାଖପାଖି ୨ଶହ ବିଦ୍ୟାଳୟରେ ପିଲା ଅନୁପାତରେ ଶିକ୍ଷକ ଯଥେଷ୍ଟ କମ୍ ଥିବାବେଳେ ୧୧ ସରକାରୀ ବିଦ୍ୟାଳୟ ଜଣେ ଲେଖାଏଁ ଶିକ୍ଷକଙ୍କୁ ନେଇ ଚାଲିଛି । ଏହି ବିଦ୍ୟାଳୟ ଗୁଡିକ ହେଲା କଡମିଆଁ, ଗଡ, ରୁଡିଙ୍ଗିଆ, ମାଟିଆଳପଦା, ପାଇକାଳପୁର, ମଙ୍ଗଳପଡା, ରାଣୀଗଡିଆ, କଣ୍ଟାବଣିଆ, ସୋଜାଗଡ ଓ ନୟାଖଣ୍ଡି ପ୍ରାଥମିକ ବିଦ୍ୟାଳୟ ଏବଂ ଉଦୟପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ । ଉପରୋକ୍ତ ୧୧ ବିଦ୍ୟାଳୟରେ ପଢୁଥିବା ମୋଟ ୫୧ଜଣ ପିଲାଙ୍କ ଅଭିଭାବକ ମାନେ ସେମାନଙ୍କ ପିଲାମାନଙ୍କ ଟିସି ନେବା ପାଇଁ ମାନସିକ ସ୍ତରରେ ପ୍ରସ୍ତୁତ ହୋଇ ସାରିଲେଣି । ଏଣୁ ବିଦ୍ୟାଳୟ ଗୁଡିକୁ ବନ୍ଦ କରିବା ପାଇଁ ସରକାରଙ୍କ ଏହା ଏକ ଷଡଯନ୍ତ୍ର ବୋଲି ବହୁ ଅଭିଭାବକ ଅଭିଯୋଗ କରିଛନ୍ତି । ଘଟଣାକ୍ରମେ ଉଦୟପୁର ବିଦ୍ୟାଳୟରେ ଶିକ୍ଷକ ପଦବୀ ପୂରଣ ନହେଲେ ଅଭିଭାବକ ମାନେ ଆନ୍ଦୋଳନରେ ବସିବାକୁ ଗ୍ରାବାସୀଙ୍କ ତରଫରୁ ଲିଖିତ ଭାବେ ଚେତାବନୀ ଦିଆଯାଇଛି । ସରକାରୀ ବିଦ୍ୟାଳୟ ଗୁଡିକରେ ଶିକ୍ଷକ ଅଭାବ ସମ୍ପର୍କରେ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଲିଖିତ ଭାବେ ଅବଗତ କରାଯାଇଥିବା ନେଇ ଖଇରା ଏବିଇଓ ଲକ୍ଷ୍ମୀଧର ସିଂ ପ୍ରତିକ୍ରିୟାରେ କହିଛନ୍ତି । ସେହିଭଳି ଖଇରା ବ୍ଲକରେ ମୋଟ ୨୧ ଅନୁଦାନ ପ୍ରାପ୍ତ ବିଦ୍ୟାଳୟ ମଧ୍ୟରୁ ୧୪ବିଦ୍ୟାଳୟରେ ଶିକ୍ଷୟତ୍ରୀ ଶିକ୍ଷକଙ୍କ ଅବସର ପରେ ଏବେ ଜଣେ ଲେଖାଏଁ ଶିକ୍ଷକ ଶିକ୍ଷୟତ୍ରୀଙ୍କୁ ନେଇ ବିଦ୍ୟାଳୟ ଚାଲିଛି । ବାରମ୍ବାର ଦାବି ପରେ ସରକାରଙ୍କ ତରଫରୁ କୌଣସୀ ନିଯୁକ୍ତି ପ୍ରଦାନ କରାଯାଉନଥିବାରୁ ବର୍ଷକୁ ବର୍ଷ ପିଲା କମୁଥିବା ନେଇ ଅଭିଯୋଗ କରାଯାଉଛି । ଏ ସମ୍ପର୍କରେ ଏବିଇଓଙ୍କୁ ପଚାରିବାରେ ଅନୁଦାନପ୍ରାପ୍ତ ସ୍କୁଲ ଗୁଡିକ ରେ ଶିକ୍ଷକ ନିଯୁକ୍ତି ପାଇଁ ସରକାରୀ ସ୍ତରରେ ଗାଇଡଲାଇନ ଆସିବା ପରେ ଏଗୁଡିକ ପୁରଣ ହୋଇ ପାରିବ ବୋଲି କହିଛନ୍ତି ।

## ନାବାଳିକାକୁ ଦୁଷ୍କର୍ମ ଅଭିଯୋଗ : ଯୁବକ ଗିରଫ



ବୈଶିଙ୍ଗା, ୦୯/୭ (ନି.ପ୍ର): ମୟୂରଭଞ୍ଜ ଜିଲାର ବୈଶିଙ୍ଗା ଥାନା ଅନ୍ତର୍ଗତ ପୁରୁଣିଆ ପଞ୍ଚାୟତରେ ନୂଆସାହି ରେ ବୁଧୁବାର ମଧାହ୍ନରେ ଘରେ ଏକା ଥିବା ଜଣେ ନାବାଳିକାଙ୍କୁ ଜଣେ ଯୁବକ ଅସଦାଚରଣ କରିବା ସହ ଦୁଷ୍କର୍ମ କରିବାକୁ ଉଦ୍ୟମ କରିଥିବା ଅଭିଯୋଗ ହୋଇଛି । ତେବେ ନାବାଳିକାଙ୍କ ଚିତ୍କାର ଶୁଣି ସାହି ପଡ଼ୋଶୀମାନେ ଦୌଡ଼ି ଆସିବାରୁ ଅଭିଯୁକ୍ତ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ । ଘଟଣା ସମ୍ପର୍କରେ ଖବର ପାଇ ବୈଶିଙ୍ଗା ପୋଲିସ ତୁରନ୍ତ ସକ୍ରିୟ ହୋଇ ବିଭିନ୍ନ ସ୍ଥାନରେ ଚଢ଼ାଉ କରିଥିଲା । ପରେ ବୈଶିଙ୍ଗା ଥାନା ଅଧୀନ ପୁରୁଣିଆ ଉପକଣ୍ଠ ନୂଆସାହି ଗ୍ରାମର ମଳୟ ଓରଫ ମୁନା ମହାକୁଡ଼ଙ୍କୁ ଗିରଫ କରାଯାଇ ପଚରାଉଚରା ଆରମ୍ଭ କରାଯାଇଥିଲା । ନାବାଳିକାଙ୍କ ଭିଣୋଇଙ୍କ ଲିଖିତ ଅଭିଯୋଗକୁ ଆଧାର କରି ପୋଲିସ ଅଧିକାରୀ ଇତିଶ୍ରୀ ସାହୁ ୩୪୧/୨୬ ନଂ ରେ ଏକ ମାମଲା ରୁଜୁ କରି ପୀଡ଼ିତାଙ୍କ ଡାକ୍ତରୀ ପରୀକ୍ଷା କରାଇବା ସହ ପୋକ୍ସୋ ଆଇନ ସମେତ ଏକାଧିକ ସଙ୍ଗୀନ ଦଫାରେ ଗୁରୁବାର ଅଭିଯୁକ୍ତଙ୍କ ଡାକ୍ତରୀ ପରୀକ୍ଷା ପରେ କୋର୍ଟ ଚାଲାଣ କରାଯାଇଛି ।

## ଆୟ ବହିର୍ଭୂତ ସମ୍ପତ୍ତି ମାମଲାରେ କେନ୍ଦ୍ରାପଡ଼ା ଫରେଷ୍ଟ ରେଞ୍ଜର ଗିରଫ

କଟକ/କେନ୍ଦ୍ରାପଡ଼ା, ୦୯/୭ (ନି.ପ୍ର): ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲାରେ କେନ୍ଦ୍ରାପଡ଼ା ବନାଞ୍ଚଳର ଫରେଷ୍ଟ ରେଞ୍ଜର ରବୀନ୍ଦ୍ର କୁମାର ନାୟକଙ୍କୁ ଓଡ଼ିଶା ଭିଜିଲାନ୍ସ ଗିରଫ କରିଛି। ତାଙ୍କୁ ଆଜି କଟକସ୍ଥିତ ସ୍ୱତନ୍ତ୍ର ଭିଜିଲାନ୍ସ ବିଚାରପତିଙ୍କ ଅଦାଲତରେ ହାଜର କରାଯିବ। ଭିଜିଲାନ୍ସ ପକ୍ଷରୁ ରବୀନ୍ଦ୍ର କୁମାର ନାୟକଙ୍କ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇଥିବା ବେଳେ ତାଙ୍କ ନିକଟରୁ ବିପୁଳ ପରିମାଣର ଆୟ ବହିର୍ଭୂତ ସମ୍ପତ୍ତି ଠାବ କରାଯାଇଛି। ସେଥିରେ ୨ଟି ଘର, ଯାହା ମଧ୍ୟରୁ ଗୋଟିଏ ୭,୦୩୮ ବର୍ଗଫୁଟ୍ ବିଶିଷ୍ଟ ଚାରି ମହଲା ବିଳାସପୂର୍ଣ୍ଣ ଭବନ, ୬ଟି ଦାମୀ ପ୍ଲଟ୍, ୨୮୩ ଗ୍ରାମ ସୁନା, ୨.୧୪ ଲକ୍ଷ ନଗଦ ଟଙ୍କା , ୭୬ ଲକ୍ଷ ଟଙ୍କାର ବ୍ୟାଙ୍କ ଜମା ଏବଂ ଗୋଟିଏ ଚାରି ଚକିଆ ଗାଡ଼ି ସାମିଲ ରହିଛି। ଉକ୍ତ ସମ୍ପତ୍ତିର ଉତ୍ସ ସମ୍ପର୍କରେ ସେ ସନ୍ତୋଷଜନକ ସ୍ପଷ୍ଟୀକରଣ ଦେଇପାରି ନଥିବାରୁ କଟକ ଭିଜିଲାନ୍ସ ଥାନାରେ ମାମଲା ନଂ– ୨୫/୨୦୨୬ ରୁଜୁ କରାଯାଇଛି।

## ସାରସକ୍ଷେତ୍ର ରଥଯାତ୍ରା ଚୂଡାନ୍ତ ପ୍ରସ୍ତୁତି ବୈଠକ



ବାରିପଦା, ୦୯/୭ (ନି.ପ୍ର): ଉତ୍ତର ଓଡ଼ିଶା ଉପାନ୍ତ ଅଂଚଳସ୍ଥିତ ସାରସକ୍ଷେତ୍ର ଶ୍ରୀଜଗନ୍ନାଥ ପୀଠ , ସାରସକଣା ଜିଲ୍ଲା: ମୟୂରଭଞ୍ଜରେ ଜୁଲାଇ ୧୬ ତାରିଖ ଠାରୁ ୨୪ ତାରିଖ ୨୦୨୬ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁଥିବା ରଥଯାତ୍ରାର ସଫଳ ଆୟୋଜନ ଲାଗି ମନ୍ଦିର ବେଢାସ୍ଥିତ ଜଗନ୍ନାଥ ସଂସ୍କୃତି ସଭାଗୃହ ଠାରେ ତା.୮.୭.୨୦୨୬ ଅପରାହ୍ନ ମନ୍ଦିର ପରିଚାଳନା ଟ୍ରଷ୍ଟ୍ ସଭାପତି ପଦ୍ମନାଭ ସାହୁଙ୍କ ପୌରୋହିତ୍ୟରେ ଚୂଡାନ୍ତ ପ୍ରସ୍ତୁତି ବୈଠକ ହୋଇଯାଇଛି । ବୈଠକରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସାରସକଣା ସୁମନ ରାଜା ମହାନ୍ତି ମୁଖ୍ୟ ଅତିଥି, ଅତିରିକ୍ତ ତହସିଲଦାର ସାରସକଣା ସୁଶ୍ରୀ ଲୋପାମୁଦ୍ରା ମହାନ୍ତି ମୁଖ୍ୟବକ୍ତା ଓ ସାରସକଣା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ସେବାଧିକାରୀ ଡା. ମନୋଜ ମୁର୍ମୁ ସ୍ୱତନ୍ତ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶୃଙ୍ଖଳାର ସହ ରଥଯାତ୍ରାର ସଫଳ ଆୟୋଜନ ନିମନ୍ତେ ମୂଲ୍ୟବାନ ବକ୍ତବ୍ୟ ରଖିଥିଲେ। ଜନପ୍ରତିନିଧି ସରପଞ୍ଚ ପୋଖରିଆ ତାପସ କୁମାର ଦାସ, ସରପଞ୍ଚ ସାରସକଣା ଆଶାମଣି ଦାସ ଏବଂ ସରପଞ୍ଚ ବାଗବୁଡା ଚନ୍ଦ୍ରିକା ନାଏକ ମଧ ସମ୍ମାନିତ ଅତିଥି ରୂପେ ଯୋଗଦାନ ପୂର୍ବକ ଶୃଙ୍ଖଳିତ ଗୁଣ୍ଡିଚା ଯାତ୍ରାପାଇଁ ସେମାନଙ୍କ ପଞ୍ଚାୟତ ଆବଶ୍ୟକୀୟ ସହାୟତା ପ୍ରଦାନ କରିବାର ପ୍ରତିଶ୍ରୁତି ଦେଇଥିଲେ । ବୈଠକରେ ଅଂଶଗ୍ରହଣକାରୀ ଶିକ୍ଷାୟୋତନ ପ୍ରତିନିଧି ଯଥା ମା' ସୁଭଦ୍ରା ବଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସବିତା ଘୋଷ, ଶିକ୍ଷିକା ବନ୍ଦନା ମହାପାତ୍ର, ସାରସକଣା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ପ୍ରଧାନ ଆଚାର୍ଯ୍ୟ ଲକ୍ଷ୍ମୀକାନ୍ତ ବେହେରା ମତ ରଖିଥିଲେ, ପ୍ରତ୍ୟେକ ବର୍ଷଭଳି ଏବର୍ଷ ବି ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ଅଧ୍ୟାପକ/ଅଧ୍ୟାପିକାଙ୍କ ତତ୍ତ୍ୱାବଧାନରେ ଛାତ୍ରଛାତ୍ରୀ ରଥଭିଡର ଶୃଙ୍ଖଳା ରକ୍ଷାର ଦାୟିତ୍ୱ ନିର୍ବାହ କରିବେ। ଅଂଚଳର ସ୍ୱୟଂ ସହାୟିକା ଗୋଷ୍ଠୀ ତରଫରୁ ସହାୟିକା ସନ୍ଧ୍ୟାରାଣୀ ନାଏକ, ପ୍ରତିଭା ସାହୁ, ଲିଲିମଣି ଖିଲାର, ଦିବାନୀ ନାଏକ, ପୁଷ୍ପଲତା ସାହୁ, ଦୀପାଳି ମହାନ୍ତ, ମନ୍ଦାକିନୀ ସାହୁ, ମାନସୀ ପାତ୍ର ଓ ସୁସ୍ମିତା ବେହେରା ପ୍ରମୁଖ ରଥଯାତ୍ରାରେ ସ୍ୱଚ୍ଛତା ରକ୍ଷା ଏବଂ ପାନୀୟ ଜଳ ଯୋଗାଣ ପାଇଁ କାର୍ଯ୍ୟ କରିବେ ବୋଲି ବୈଠକକୁ ଅବଗତ କରିଥିଲେ। ଶ୍ରୀଜଗନ୍ନାଥ ସଂସ୍କୃତି ପ୍ରଚାର ଓ ମନ୍ଦିର ପରିଚାଳନା କମିଟିର ସଦସ୍ୟ ଏବଂ ସାରସକ୍ଷେତ୍ର ଶ୍ରୀଜଗନ୍ନାଥ ପୀଠର ପ୍ରମୁଖ ସକ୍ରିୟ ସେବକ/ସେବିକା ସର୍ବଶ୍ରୀ ଭବାନୀ ଶଙ୍କର ନାଏକ , ଅସିତ କୁମାର ସାହୁ, ଦୁର୍ଗା ପ୍ରସାଦ ନନ୍ଦୀ, ମନୋଜ କୁମାର ସାହୁ, ପୁଲକ କୁମାର ସାହୁ, ପ୍ରଦୀପ କୁମାର ପାଲିତ, ସୁଧୀରଞ୍ଜନ ସାହୁ, ନବକିଶୋର ସେଠୀ ଓ ଅତୁଲ ଚନ୍ଦ୍ର ଦାସ ଆଦି ବୈଠକରେ ଅଂଶଗ୍ରହଣ କରି ନବଦିନ ଯାତ୍ରାର ଭବ୍ୟ ଓ ସଫଳ ଆୟୋଜନ ପାଇଁ ନିଜ ନିଜ ମତାମତ ଦେଇଥିଲେ। ମନ୍ଦିର ପରିଚାଳନା କମିଟି କୋଷାଧକ୍ଷ ଅନ୍ତର୍ଯ୍ୟାମୀ ସାହୁ ଧନ୍ୟବାଦ ଜ୍ଞାପନ କରିଥିଲେ। ଶ୍ରୀଜଗନ୍ନାଥଙ୍କ ଚରଣାରବିନ୍ଦରେ ପ୍ରାର୍ଥନା ଜଣାଇ ବୈଠକ ସାଙ୍ଗ ହୋଇଥିଲା।

## ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ ପକ୍ଷରୁ ଜିଲ୍ଲା କାରାଗାରରେ ଅନ୍ତେବାସୀମାନଙ୍କୁ ଧନ୍ଦା ମୂଳକ ପ୍ରଶିକ୍ଷଣ ପ୍ରଦାନ




ଭଦ୍ରକ, ୦୯/୭ (ନି.ପ୍ର): ଓଡ଼ିଶା ରାଜ୍ୟ ଆଇନ୍ ସେବା ପ୍ରାଧିକରଣ, କଟକଙ୍କ ପ୍ରଦତ୍ତ କାର୍ଯକ୍ରମ ଅନୁସାରେ ଜିଲ୍ଲା ଓ ଦୌରା ଜଜ୍ ତଥା ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ଅଧକ୍ଷ ଶ୍ରୀ ଲଲାଟେନ୍ଦୁ ଜେନାଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ, ଭଦ୍ରକଙ୍କ ଦ୍ୱାରା ଜିଲ୍ଲା କାରାଗାରରେ ଅନ୍ତେବାସୀ ମାନଙ୍କୁ ଘରୋଇ ତାର ସଂଯୋଗୀକରଣ ସମ୍ପର୍କିତ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ବନ୍ଦୀ ଜୀବନରୁ ମୁକ୍ତ ହେବା ପରେ ନିଜେ କିଭଳି ସ୍ୱାବଲମ୍ବୀ ହୋଇ ପାରିବେ ସେଥି ନିମିତ୍ତ ସଚେତନତା କରାଯାଇଥିଲା। ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ସଚିବ ଶ୍ରୀ ପୁଣ୍ୟଶ୍ଳୋକ ରଥ, ଜିଲ୍ଲା କାରାଗାର, ଭଦ୍ରକ, ଅଧୀକ୍ଷକ ଭଦ୍ରକ ବିକାଶ ସେଠୀ, ଜିଲ୍ଲା ଦକ୍ଷତା ଓ ବିକାଶ ନିଯୋଜନ ଅଧିକାରୀ, ଭଦ୍ରକ ଅନିତା ନାୟକ, ପ୍ରଶିକ୍ଷକ ପଙ୍କଜ ଦାସ ଏବଂ ଯୁବ ପରାମର୍ଶଦାତା ଭିନିତ ଶେଖର, ଏଲ ଏ ଡିସି ମୁଖ୍ୟ ନାରାୟଣ ପ୍ରସାଦ ବେହେରା, ସହାୟକ ତାପସ କୁମାର ମହାନ୍ତି ଭଦ୍ରକ ପ୍ରମୁଖ ଉପସ୍ଥିତ ଥିଲେ। ଏଥି ସହିତ କାରାଗାରର ଅନ୍ତେବାସୀ ମାନଙ୍କୁ ଆଇନଗତ ସହାୟତାର ଅଧିକାର ଏବଂ ଆଇନଗତ ସହାୟତା ପାଇଁ ଆବେଦନ କରିବାର ପ୍ରକ୍ରିୟା, ବିଚାରର ପର୍ଯ୍ୟାୟ ଏବଂ ବିଚାରର ବିଭିନ୍ନ ପର୍ଯ୍ୟାୟରେ ଅଭିଯୁକ୍ତଙ୍କ ଅଧିକାର ତଥା ମହମ୍ମଦ ଅହମ୍ମଦ ଖାନ-ବିପକ୍ଷ -ଶାହ ବାନୋ ବେଗମ କେସରେ ମାନ୍ୟବର ସର୍ବୋଚ୍ଚ ନ୍ୟାୟାଳୟଙ୍କ ରାୟ ସମ୍ବନ୍ଧରେ ମଧ ସଚେତନତା କରାଇଥିଲେ। ଜିଲ୍ଲା ଆଇନ ସେବା ପ୍ରାଧିକରଣର କର୍ମୀ ଗଣ ଏହି ସଚେତନତା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## କର୍ଣ୍ଣାଟକର ୟେଲ୍ଲାପୁରର ଅରବେଲ ଘାଟରେ ସଡ଼କ ଦୁର୍ଘଟଣାରେ ଛଅ ଜଣଙ୍କର ମୃତ୍ୟୁ

ନୂଆଦିଲ୍ଲୀ, ୦୯/୭ : ଉତ୍ତର କନ୍ନଡ଼ ଜିଲ୍ଲାର ୟଲ୍ଲାପୁର ତାଲୁକର ଅରାବାଇଲ ଘାଟରେ ବାଲଗର ନିକଟରେ ଗୁରୁବାର ସକାଳେ ଏକ କ୍ରୁଜର ଗାଡି ଏବଂ ଏକ ଟ୍ରକ୍ ମଧରେ ମୁହାଁମୁହିଁ ଧକ୍କା ହେବା ଫଳରେ ଛଅ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଚାରି ଜଣ ଗୁରୁତର ଆହତ ହୋଇଛନ୍ତି। ସୂଚନା ଅନୁଯାୟୀ, ଧାରୱାଡର ପର୍ଯ୍ୟଟକମାନେ ଧର୍ମସ୍ଥଳ ଏବଂ ଚିକ୍କମାଗାଲୁରୁ ଗସ୍ତରେ ଥିଲେ। ଏହି ସମୟରେ, ତାଙ୍କର କ୍ରୁଜର ଗାଡି ଅରବେଲ ଘାଟରେ ଏକ ଟ୍ରକ୍ ସହିତ ଧକ୍କା ହୋଇଥିଲା। ମୃତକଙ୍କ ମଧରେ ବାସବରାଜ (୪୮), ଅଭିଷେକ ଈଶ୍ୱର (୨୮), ଅକ୍ଷୟ (୨୬), ଅଭିଷେକ (୨୬), ସଞ୍ଜୀବ/ସଞ୍ଜୟ ଅଙ୍ଗାଡି ରହିଛନ୍ତି। ଡାକ୍ତରଖାନା ନିଆଯାଉଥିବା ବେଳେ ଜଣଙ୍କର ମୃତ୍ୟୁ ହୋଇଛି। ଆହତମାନେ ହେଲେ ଶିବରାଜ ଦୁର୍ଗପ୍ପା ମାଦିୱାଲା (୨୨), ମଞ୍ଜୁନାଥ ଅଶୋକ ଚୁଲାକି (୩୨), ସଚିନ ଏବଂ ଚେନ୍ନାବାସାୟା ବସାଲିଙ୍ଗାୟା ସମ୍ପଗାଓଁ (୨୮)।

## ୮୦ ବର୍ଷ ବୟସ୍କ ବୃଦ୍ଧଙ୍କୁ ମିଳୁଛି ୧ ହଜାର ଟଙ୍କା ଭତ୍ତା

ଉଦଳା , ୦୯/୭ (ନି.ପ୍ର): ଖୁଂଟା ବ୍ଲକର ଧାନଘେରା ପଂଚାୟତ ଅନ୍ତର୍ଗତ ଖୁଦପୁଟଳି ଗ୍ରାମର ବାସିନ୍ଦା ସ୍ୱର୍ଗତଃ ଭଗବାନ ବେହେରାଙ୍କ ପୁତ୍ର ପୂର୍ଣ୍ଣଚନ୍ଦ୍ର ବେହେରା ଚଳିତ ବର୍ଷ ୮୦ବର୍ଷ ବୟସରେ ପଦାର୍ପଣ କରିଥିବାର ଜଣାଯାଇଛି ।ଆଧାର କାର୍ଡ଼ରେ ଉଲ୍ଲେଖିଥିବା ଜନ୍ମ ତାରିଖ ଅନୁସାରେ ତାଙ୍କର ବୟସ ୮୦ ବର୍ଷ ଛୁଇଁଥିବାର ଦେଖିବାକୁ ମିଳୁଛି । କିନ୍ତୁ ପୂର୍ଣ୍ଣଚନ୍ଦ୍ରଙ୍କର କହିବାଅନୁସାରେ ତାଙ୍କର ଜନ୍ମ ୧୯୪୨ ମସିହାରେ । ବର୍ତ୍ତମାନ ତାଙ୍କୁ ବୟସ ୮୫ ବର୍ଷ ବୟସ ହେଲାଣି । ଆଧାର ଓ ଭୋଟ ପରିଚୟପତ୍ର ଉଭୟରେ ତାଙ୍କର ବୟସ କମ୍ ଦର୍ଶାଯାଇଛି ବୋଲି ପୂର୍ଣ୍ଣଚନ୍ଦ୍ର ଅଭିଯୋଗ କରିଛନ୍ତି । ସରକାରଙ୍କର ଘୋଷଣା ଅନୁସାରେ ତାଙ୍କୁ ୩୫୦୦ଟଙ୍କା ଭତା ମିଳିବା କଥା । କିନ୍ତୁ ସେ ବର୍ତ୍ତମାନ ୧୦୦୦ଟଙ୍କା ଭତା ପାଉଥିବାର କହିଛନ୍ତି । ବିଭାଗୀୟ କର୍ତୃପକ୍ଷ ଏହାର ତଦନ୍ତ କରି ପୂର୍ଣ୍ଣଚନ୍ଦ୍ରଙ୍କୁ ତୁରନ୍ତ ୩୫୦୦ ଟଙ୍କା ଭତା ଯୋଗାଇ ଦେବାକୁ ଜନଜାଗୃତି ମଂଚର ସଦସ୍ୟ ମାନେ ଅନୁରୋଧ ଜଣାଇଛନ୍ତି ।

## ଗ୍ୟାସ୍ ଟାଙ୍କି ଲିକ୍ ହୋଇ ଅଗ୍ନିକାଣ୍ଡ : ବଡ଼ ବିପତ୍ତିରୁ ଅଳ୍ପକେ ବର୍ତ୍ତିଲେ ଲୋକେ

କେନ୍ଦୁଝର, ୦୯/୭ (ନି.ପ୍ର): ଆଜି ବାଂଶପାଳ ହାଟପଡ଼ିଆରେ ଘଟିଯାଇଛି ଏକ ଅଭାବନୀୟ ଘଟଣା। ସାପ୍ତାହିକ ହାଟ ଚାଲିଥିବା ସମୟରେ ହଠାତ୍ ଏକ ଟିଫିନ୍ ସେଂଟରରେ ଗ୍ୟାସ୍ ଟାଙ୍କି ଲିକ୍ ହୋଇ ଭୟାବହ ନିଆଁ ଲାଗିଯାଇଥିଲା। ନିଆଁ ବନ୍ଦ ହୋଇନଥିବା ବେଳେ ସ୍ଥାନୀୟ ଅଂଚଳରେ ଭୟର ପରିବେଶ ସୃଷ୍ଟି ହୋଇଥଲା। ଦୋକାନୀ ଓ ସ୍ଥାନିୟ ଲୋକେ ନିଆଁକୁ ଆୟତ କରିବାକୁ ଚେଷ୍ଟା କରିଥିଲେ ମଧ ବିଫଳ ହେବାରୁ ଅଗ୍ନିଶମ ବିଭାଗକୁ ଜଣାଇଥିଲେ। ଖବର ପାଇ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଂଚି ସଙ୍ଗେ ସଙ୍ଗେ ନିଆଁକୁ ଆୟତ କରିଥିଲେ। ଅଗ୍ନିଶମ ବାହିନୀର ତତ୍ପରତା ଯୋଗୁଁ ଏକ ବଡ଼ ଦୁର୍ଘଟଣା ଟଳିଯାଇଛି। ଆଜି ହାଟ ବାରି ଥିବାରୁ ସ୍ଥାନୀୟ ଅଂଚଳରେ ହଜାର ହଜାର ଲୋକଙ୍କ ଭିଡ଼ ଜମିଥିଲା।

❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida